- Vol.- 44, Issue No. 29
- Monday, 29 April 2024
- ସୋମବାର, ୨୯ ଏପ୍ରିଲ ୨୦୨୪
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI





Web: www.dinalipi.com, E-mail: dinalipinews@gmail.com



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଶ୍ରଦ୍ଧାସୁମନ...

# ଓଡ଼ିଆ ଭାଷା, ଅସ୍ମିତା ଏବେ ସଂକଟରେ: ମୋଦି

ନୂଆଦିଲ୍ଲୀ,୨୮।୪:ଦେଶ ଓ ରାଜ୍ୟରେ ୨୦୨୪ ନିର୍ବାଚନୀ ମହାସଂଗ୍ରାମ ଭିତରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶା ଜନତା ଦଳ ଆମକୁ ପ୍ରସଙ୍ଗ ଭିତ୍ତିରେ ସମର୍ଥନ ଦେଉଥିଲା। ଏଭଳି ଅନେକ ଦଳ ଆମକୁ ପ୍ରସଙ୍ଗ ଭିତ୍ତିକ ସମର୍ଥନ କରଛନ୍ତି।ବିଜେଡି

## ଆମକୁ ଓଡ଼ିଶାର ସେବା ପାଇଁ ସୁଯୋଗ ମିଳିବା ଦରକାର

## ବିଜେଡି ସହ ଆମର ସଂପର୍କ ପୂରା ଅଲଗା



ସମ୍ପର୍କରେ ବଡ଼ ବିବୃତି ଦେଇଛନ୍ତି।ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତା ଏବେ ସଂକଟରେ ରହିଛି। ଏକ ଜାତୀୟ ନ୍ୟୁଜ ଚାନେଲକୁ ସାକ୍ଷାତକାର ଦେଇ ଓଡ଼ିଶା ପ୍ରସଙ୍ଗରେ ସେ କହିଛନ୍ତି, " ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା ଏବେ ସଂକଟରେ ଅଛି। ବିଜୁ ସହ ଆମର ସଂପର୍କ ରାଜ୍ୟରେ ପୂରା ଅଲଗା। ଓଡ଼ିଶାର ପୂରା ଅସ୍ମିତା ଏବେ ଶେଷ ହେବାକୁ ବସିଛି। ଓଡ଼ିଆ ଭାଷା ଓ ଅସ୍ମିତା ଏବେ ସଂକଟରେ ରହିଛି। ଓଡ଼ିଶାବାସୀ ଏହାକୁ ଆଉ ବରଦାସ୍ତ କରିବେ ବୋଲି ଭାବୁନାହିଁ। ପ୍ରାକୃତିକ ସଂପଦରେ ଭରପୂର ରହିଛି ଓଡ଼ିଶା। ଏତେ ସଂପଦରେ ପରିପୂର୍ଣ୍ଣ ଓଡ଼ିଶା ୧ ନମ୍ବର ଧନୀ ରାଜ୍ୟ ହେବା କଥା। କିନ୍ତୁ ଓଡ଼ିଶାର ସ୍ଥିତି ଏବେ କ'ଣ ଆପଣ ଦେଖୁଥିବେ। ଏଭଳି ସ୍ଥିତିରେ ଆମକୁ ଓଡ଼ିଶାର ସେବା ପାଇଁ ସୁଯୋଗ ମିଳିବା ଦରକାର। ଆମକୁ ସୁଯୋଗ ମିଳିଲେ, ଆମେ ଓଡ଼ିଶାକୁ ନୂଆ ଶିଖରକୁ ନେବୁ।"

ଏହାବାଦ୍ ମୋଦି ଉକ୍ତ ସାକ୍ଷାତକାରରେ କଂଗ୍ରେସ ସମ୍ପର୍କରେ ମଧ୍ୟ ରଖି ଦଳକୁ ତୀବ୍ର ସମାଲୋଚନା କରିଛନ୍ତି। ଏଥିସହ ୨୦୪୭ ବିକଶିତ ଭାରତ କଥା ପ୍ରଧାନମନ୍ତ୍ରୀ ଦୋହରାଇଛନ୍ତି।

# ରାଜ୍ୟରେ କଂଗ୍ରେସ ସରକାର ଆସିଲେ 'ପେହଲି ନୌକରୀ ପକ୍କି' ଯୋଜନା

ସାଲେପୁର/ଭୁବନେଶ୍ୱର,୨୮।୪: ଓଡ଼ିଶାବାସୀଙ୍କୁ କଂଗ୍ରେସ ନେତା ରାହୁଲ ଗାନ୍ଧି ରବିବାର ଦେଇଛନ୍ତି କିଛି ଗ୍ୟାରେଣ୍ଟି। ସାଲେପୁରଠାରେ ଆୟୋଜିତ କଂଗ୍ରେସ ସମାବେଶରେ ଓଡ଼ିଶାବାସୀଙ୍କ ଆଗରେ ସେ ରଖିଥିବା ଗ୍ୟାରେଣ୍ଟି କେତେ ସଫଳ ହେବ ବା ବିଫଳ ହେବ ତାହା ସମୟ କହିବ। ତେବେ ରାହୁଲଙ୍କ ଗ୍ୟାରେଣ୍ଟି ଅନୁଯାୟୀ ରାଜ୍ୟରେ କଂଗ୍ରେସ ସରକାର ଆସିଲେ ଆରମ୍ଭ ହେବ 'ପେହଲି ନୌକରୀ ପକ୍କି' ଯୋଜନା । ସମସ୍ତ ବେକାର ଯୁବକଯୁବତୀଙ୍କୁ ଚାକିରି ଗ୍ୟାରେଣ୍ଟି ମିଳିବ। ସରକାରଙ୍କୁ କେହି ଚାକିରି ମାଗିଲେ ନିଶ୍ଚିତ ଚାକିରି ମିଳିବ। ଚାକିରି ମାଗିବା କ୍ଷଣି ବର୍ଷକ ପାଇଁ ଦିଆଯିବ ଆପ୍ରେଣ୍ଟିସିପ୍। ଏଥିସହ ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି, କଂଗ୍ରେସ ସରକାରକୁ ଆସିଲେ



## ୨୦୦ ୟୁନିଟ ମାଗଣା ବିଜୁଳି, ୫ ଶହ ଟଙ୍କାରେ ଗ୍ୟାସ୍

ଲୋକଙ୍କୁ ୨୦୦ ୟୁନିଟ ମାଗଣା ବିଜୁଳି, ୫ ଶହ ଟଙ୍କାରେ ଗ୍ୟାସ୍ ଦିଆଯିବ। ଧାନ କୁଇଣ୍ଟାଲ ୩ ହଜାର ଟଙ୍କା କରାଯିବ। ମହିଳାଙ୍କୁ ୨ ହଜାର, ଯୁବକଙ୍କୁ ୩ ହଜାର, ଚାଷୀଙ୍କୁ ୩ ହଜାର ଟଙ୍କା ଭତ୍ତା ମିଳିବ। ଏହାବ୍ୟତୀତ ଦେଶର କୋଟି କୋଟି ଲୋକଙ୍କୁ ଲକ୍ଷପତି ବନାଇବୁ। କୋଟି କୋଟି ଲୋକଙ୍କ ଖାତାକୁ ଦେବୁ ଲକ୍ଷେ ଟଙ୍କା। କମିଶନ ବସାଇବୁ, ଚାଷୀଙ୍କ ଋଣ ଛାଡ଼ କରିବୁ। ଆଶା ଓ ଅଙ୍ଗନବାଡ଼ି ଦିଦିଙ୍କ ପାରିଶ୍ରମିକ ଦୁଇଗୁଣା କରାଯିବ। ଏଥି ସହ ମନରେଗା ମଜୁରି ୪ ଶହ ଟଙ୍କା କରିବ କଂଗ୍ରେସ। ଆଦିବାସୀଙ୍କୁ ଜଙ୍ଗଲ, ଜଳ, ଜମି ହସ୍ତାନ୍ତର କରାଯିବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି।ସାଲେପୁର ସଭାରେ ଆରମ୍ଭରୁ ବିଜେଡି ଓ ବିଜେପି ଉପରେ ବର୍ଷିଥିଲେ ରାହୁଲ ଗାନ୍ଧି। ସେ କହିଛନ୍ତି, ନବୀନ ଏଠାରେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ନେଇ ସରକାର ଚଳାଉଛନ୍ତି। ଅଳ୍ପ କିଛି ଲୋକ ହିଁ ସବୁ ଫାଇଦା ଉଠାଉଛନ୍ତି। କଂଗ୍ରେସ ତେଲେଙ୍ଗାନାରେ ବିଜେପି-ବିଆର୍‌ଏସ୍ ମେଣ୍ଟ ପଦାକୁ ଆଣିଥିଲା। ନିର୍ବାଚନ ହେଲା, ସେଠାରେ ବିଆର୍‌ଏସ୍ ପୂରା ଉଡ଼ିଗଲା।

# ପାକିସ୍ତାନୀ ଡଙ୍ଗାରୁ ୬ଶହ କୋଟି ଟଙ୍କାର ଡ୍ରଗ୍ସ ଜବତ: ୧୪ ଗିରଫ

**ପୋରବନ୍ଦର,୨୮।୪:** ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଅଫ୍ ଇଣ୍ଡିଆ (ଏନ୍‌ସିବି) ଏବଂ ଗୁଜରାଟ ଏଟିଏସର ଏକ ଟିମ୍ ରବିବାର ଏକ ମିଳିତ ଅପରେସନ କରି ବିପୁଳ ପରିମାଣର ଡ୍ରଗ୍ସ ଜବତ କରିଛନ୍ତି। ଏଥିସହ ଡଙ୍ଗାରୁ ୧୪ ଜଣ ପାକିସ୍ତାନୀ ନାଗରିକ ଧରା ପଡ଼ିଛନ୍ତି। ସମୁଦ୍ର ଦେଇ ପାକିସ୍ତାନରୁ ପାଖାପାଖି ୬୦୨ କୋଟି ଟଙ୍କାର ଡ୍ରଗ୍ସ ଆସୁଥିବାବେଳେ ଗୁପ୍ତ ସୂଚନା ଆଧାରରେ ଏହା ଉପରେ ଚଢଉ କରାଯାଇଥିଲା। ଏହା ପୂର୍ବରୁ ଫେବୃଆରି ଓ ମାର୍ଚ୍ଚ ଶେଷ ସପ୍ତାହରେ ଏଟିଏସ୍ ତଟରକ୍ଷୀ ବାହିନୀ ସହ ମିଶି ବିପୁଳ ପରିମାଣର ଡ୍ରଗ୍ସ ଜବତ କରିଥିଲା।ଏଟିଏସ ଏବଂ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ସହିତ କୋଷ୍ଟଗାର୍ଡ ଆରବ ସାଗରରେ ଏହି




ଅପରେସନ କରିଥିଲେ। ତେବେ ପାକିସ୍ତାନୀ ଡଙ୍ଗାରୁ କିପରି ଡ୍ରଗ୍ସ ଜବତ କରାଯାଇଛି ତାହା କୋଷ୍ଟଗାର୍ଡ ଏପର୍ଯ୍ୟନ୍ତ ପ୍ରକାଶ କରି ନାହିଁ।ସାମୁଦ୍ରିକ ସୁରକ୍ଷା ଏଜେନ୍ସି ଅନୁଯାୟୀ, ଏହି ଅପରେଶନ ରାତାରାତି କରାଯାଇଥିଲା। ଏହି ଅପରେଶନ ପାଇଁ କୋଷ୍ଟଗାର୍ଡ ଜାହାଜ ଏବଂ ବିମାନ ନିୟୋଜିତ କରାଯାଇଥିଲା।

## ଅରବିନ୍ଦର ସିଂଙ୍କ ଇସ୍ତଫା ହାଇକମାଣ୍ଡ ଦେଲେ ମଞ୍ଜୁରି

ନୂଆଦିଲ୍ଲୀ,୨୮।୪: ନିର୍ବାଚନ ବେଳେ ଦିଲ୍ଲୀ କଂଗ୍ରେସ ସଭାପତି ଅରବିନ୍ଦର ସିଂ ଲଭ୍‌ଲିଙ୍କ ଇସ୍ତଫା ଦେଇଛନ୍ତି। ରବିବାର ସେ ନିଜ ପଦରୁ ଇସ୍ତଫା ଦେଇଥିବା ବେଳେ ତାଙ୍କ ଇସ୍ତଫାକୁ ହାଇକମାଣ୍ଡ ମଂଜୁର କରିଛନ୍ତି । ଦିଲ୍ଲୀ ରାଜନୀତିରେ ବଡ଼ ଧରଣର ଅଦଳ ବଦଳ ହେବାର ସମ୍ଭାବନା ରହିଥିବା ନେଇ ଦିଲ୍ଲୀ ପ୍ରଦେଶ କଂଗ୍ରେସ ପ୍ରଭାରୀ ଦୀପକ ବାୱରିଆ ଏକ୍ସ ସାଇଟରେ ଏକ ପୋଷ୍ଟ କରି ସୂଚନା ଦେଇଛନ୍ତି । ଦୀପକ ବାୱରିଆ କହିଛନ୍ତି, ' ଦଳର ହାଇକମାଣ୍ଡ ଲଭ୍‌ଲିଙ୍କ ଇସ୍ତଫା ପତ୍ରକୁ ଗ୍ରହଣ କରିଛନ୍ତି । ଏବେ କିଏ ନୂଆ ଅଧକ୍ଷ ହେବ ସେ ନେଇ ନିଷ୍ପତ୍ତି ନିଆଯାଇନାହିଁ । ପରାମର୍ଶ ପରେ ନୂତନ ସଭାପତିଙ୍କ ସମ୍ପର୍କରେ ସୂଚନା ଦିଆଯିବ।' ଅରବିନ୍ଦର ସିଂ ଲଭଲି ରବିବାର ନିଜ ପଦରୁ ଇସ୍ତଫା ଦେବାବେଳେ ଆମ୍ ଆଦମୀ ପାର୍ଟି ସହ ମେଣ୍ଟ ତଥା ଦୀପକ ବାୱରିଆଙ୍କ କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି । ସେ କଂଗ୍ରେସ ମୁଖ୍ୟ ମଲ୍ଲିକାର୍ଜୁନ ଖଗଡେଙ୍କୁ ୪ ପୃଷ୍ଠାର ଏକ ଚିଠି ପ୍ରଦାନ କରିଛନ୍ତି । ଦିଲ୍ଲୀ କଂଗ୍ରେସ ମୁଖ୍ୟ ପଦରୁ ସେ ଇସ୍ତଫା ଦେବା ନେଇ ଉଲ୍ଲେଖ କରିଛନ୍ତି ।

# ମୋଦି ପ୍ରଧାନମନ୍ତ୍ରୀ ହେବାପରେ ଭାରତ ବଦଳି ଯାଇଛି: ନଡ୍ଡା



ବ୍ରହ୍ମପୁର,୨୮।୪ (ନିପ୍ର): ବ୍ରହ୍ମପୁରରେ ରବିବାର ବିଜେପିର ବିଶାଳ ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଆମ୍ବପୁଆ ବିଜୟ ସଂକଳ୍ପ ସମାବେଶରେ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡା ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି। ମୋଦିଙ୍କ ବିକାଶ ପହଞ୍ଚାଇବାକୁ ଏଠାରେ ବିଜେପି ସରକାର ହେବା ଦରକାର ବୋଲି ସେ କହିଛନ୍ତି। ୧୦ ବର୍ଷ ପୂର୍ବେ ଭାରତର ଅବସ୍ଥା କ'ଣ ଥିଲା, ମନେ ପକାନ୍ତୁ । ଏଠାରେ କିଛି ବଦଳିବ ନାହିଁ, ଏମିତି ରହିବ ବୋଲି ଭାବୁଥିଲେ। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଭାରତ ବଦଳି ଯାଇଛି ବୋଲି ନଡ୍ଡା କହିଛନ୍ତି।

ଜୟ ଜଗନ୍ନାଥ କହି ବିଜେପି ଆରମ୍ଭ କରି ନଡ୍ଡା କହିଛନ୍ତି, ଓଡ଼ିଶାକୁ ଆଗକୁ ନେବାକୁ ନିର୍ବାଚନ ଇଏ। ମୋଦିଙ୍କ ବିକାଶକୁ ପହଞ୍ଚାଇବାକୁ ହେଲେ ଓଡ଼ିଶାରେ ବିଜେପି ସରକାର ଗଠନ ହେବା ଜରୁରୀ। ଓଡ଼ିଶାର ୩ କୋଟି ୨୦ ଲକ୍ଷ ଲୋକଙ୍କୁ ମାଗଣା ରାଶନ ମିଳିଛି। ଗତ ୫ ବର୍ଷରେ ୪ କୋଟି ପକ୍କା ଘର ବଣ୍ଟନ କରାଯାଇଛି। ୧୦ କୋଟି ୭୪ ଲକ୍ଷ ପରିବାରକୁ ଆୟୁଷ୍ମାନ ଭାରତ ସୁବିଧା ମିଳୁଛି। କିନ୍ତୁ ଆୟୁଷ୍ମାନ ଭାରତ ଯୋଜନାରୁ ଏଠାରେ ଓଡ଼ିଶାର ଲୋକଙ୍କୁ ବଞ୍ଚିତ କରିଛନ୍ତି ଏ ସରକାର। ଏଭଳି ସରକାର ରହିବା ଅପେକ୍ଷା ବଦଳିବା ଦରକାର। ବିପକ୍ଷ ଥିବା ସତ୍ତ୍ୱେ ଓଡ଼ିଶାକୁ କେନ୍ଦ୍ରରୁ ସର୍ବାଧିକ ଅନୁଦାନ ମିଳିଛି। ରେଲୱେରେ ଓଡ଼ିଶା ପାଇଁ ୧୨ ଗୁଣା ବଜେଟ ବଢ଼ାଯାଇଛି। ୫୫୦ କୋଟି ଟଙ୍କାରେ ୨୫ ରେଳ ଷ୍ଟେସନ କାମ ଚାଲିଛି।ନଡ୍ଡା ଓଡ଼ିଶାବାସୀଙ୍କୁ ସତର୍କ କରାଇ କହିଛନ୍ତି, ଏଠାରେ ବାହାର ଲୋକଙ୍କୁ ପ୍ରଶ୍ରୟ ଦିଆଯାଉଛି, ତେଣୁ ସତର୍କ ହୋଇଯାନ୍ତୁ। ଏଠାରେ ନେତା, ଅଫିସରଙ୍କ ଦୁର୍ନୀତି ଚାଲିଛି, ବାବୁରାଜ ଚାଲିଛି ,ଚିଟ୍‌ଫଣ୍ଡ ଦୁର୍ନୀତିରେ ବୁଡ଼ିଥିବା ସରକାରକୁ ରହିବା ଦରକାର ନାହିଁ ବୋଲି ସେ କହିଛନ୍ତି।

# ଟ୍ରକ୍-ବସ୍ ଧକ୍କା: ଡ୍ରାଇଭର, ହେଲପରଙ୍କ ଜୀବନ ଗଲା

ସୋନପୁର,୨୮।୪: ସୋନପୁର-ବଲାଙ୍ଗୀର ରାସ୍ତା ହରିଡଖୋଲ ନିକଟରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଯାତ୍ରୀବାହୀ ବସ୍ ଏବଂ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ବସ୍ ଡ୍ରାଇଭର ଏବଂ ହେଲପରଙ୍କର ମୃତ୍ୟୁ ଘଟିଛି। ମୃତକ ଡମ୍ବରୁଧର ସ୍ୱାଇଁ ଏବଂ ଶିବମ୍ ଗୌଡ ବୋଲି ଜଣାପଡିଛି। ରବିବାର ସକାଳେ ଯାତ୍ରୀବାହୀ ବସ୍‌ଟି ଜୟପୁରରୁ କଟକ ଅଭିମୁଖେ ଯାଉଥିଲା। ଏତିକି ବେଳେ ହରିଡଖୋଲ ନିକଟରେ ବିପରୀତ



ଦିଗରୁ ଆସୁଥିବା ଏକ ଟ୍ରକକୁ ବସ୍‌ଟି ପଛ ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବସ୍ ଡ୍ରାଇଭର ଏବଂ ହେଲପରଙ୍କ ମୃତ୍ୟୁ ଘଟିଥିଲା। ପରେ ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ଅଭିନେତା ସାହିଲ ଖାନ୍ ଗିରଫ



ମୁମ୍ବାଇ,୨୮।୪: ମହାଦେବ ବେଟିଂ ଆପ୍ ସ୍କାମ୍ ମାମଲାରେ ଅଭିନେତା ସାହିଲ ଖାନ୍‌ଙ୍କୁ ମୁମ୍ବାଇ ପୋଲିସ ଗିରଫ କରିଛି। ଛତିଶଗଡରୁ ମୁମ୍ବାଇ ସାଇବର ସେଲ୍ ଏସଟିଏଫ୍ ଦ୍ୱାରା ଗିରଫ କରାଯାଇଛି। ବମ୍ବେ ହାଇକୋର୍ଟ ଆଗୁଆ ଜାମିନ ପାଇଁ ମନା କରିବା ପରେ ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

## ସିଝୁଛି ଓଡ଼ିଶା: ୪୦ ଡିଗ୍ରୀ ଉପରେ ୨୭ ସହର

# ୪୪.୩ ଡିଗ୍ରୀ: ସବୁଠୁ ତାତିଲା ଅନୁଗୁଳ

ଭୁବନେଶ୍ୱର,୨୮।୪: ପ୍ରଚଣ୍ଡ ଖରାରେ ଛଟପଟ ହେଉଛନ୍ତି ରାଜ୍ୟବାସୀ। ଅସହ୍ୟ ଅଗ୍ନିବର୍ଷାରୁ ରାଜ୍ୟବାସୀଙ୍କୁ ନିସ୍ତାର ମିଳିପାରୁ ନାହିଁ। ରାଜ୍ୟର ୨୭ଟି ସହରରେ ଦିନତାପମାତ୍ରା ୪୦ ଡିଗ୍ରୀ ସେଲସିୟସ କିମ୍ବା ଅଧିକ ରେକର୍ଡ କରାଯାଇଛି। ଅନୁଗୁଳରେ ସର୍ବାଧିକ ୪୪.୩ ରେକର୍ଡ କରାଯାଇଛି। ୧୨ସହରରେ ଦିନ ତାପମାତ୍ରା ୪୩ କିମ୍ବା ଅଧିକ ରେକର୍ଡ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମୟୂରଭଂଜ, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ବୌଦ୍ଧକୁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୭ ଜିଲ୍ଲାକୁ ଅଂରେଜ ୱାର୍ଣ୍ଣିଂ ଦିଆଯାଇଛି। ସୂଚନା ଅନୁସାରେ ୩୦ ତାରିଖ ପର୍ଯ୍ୟନ୍ତ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ। ଅସହ୍ୟ ତାତି ପାଇଁ ଉତ୍ତର ଓଡ଼ିଶା, ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲ୍ଲା ପାଇଁ ମଧ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ମେ' ୧ ତାରିଖ ଯାଏଁ ରାଜ୍ୟରେ ଜାରି ରହିବ ଗ୍ରୀଷ୍ମ ପ୍ରବାହ । ଏ ନେଇ ବିଭିନ୍ନ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଜାରି କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର । ୨୯ ଓ ୩୦ ତାରିଖ ପାଇଁ କଟକ, ଭୁବନେଶ୍ୱର ସମେତ ଅଧା ଓଡ଼ିଶାକୁ ରେଡ୍ ଆଲର୍ଟ କରାଯାଇଛି । ମେ' ୧ ତାରିଖରେ ୬ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ ଦିଆଯାଇଛି । ପରେ ସାମୁଦ୍ରିକ ବାୟୁ ପ୍ରଭାବରେ ତାପାମାତ୍ରା ସାମାନ୍ୟ ହ୍ରାସ ପାଇପାରେ ବୋଲି ପୂର୍ବାନୁମାନ କରିଛି ପାଣିପାଗ କେନ୍ଦ୍ର । ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ବର୍ଷା ସମ୍ଭାବନା ଥିବା ବେଳେ ଶୁଷ୍କ ଓ ଗରମ ବାୟୁ ପ୍ରଭାବରେ ଆସନ୍ତା ଦୁଇ ଦିନ ତାପମାତ୍ରା ବୃଦ୍ଧି ପାଇବ ବୋଲି ପୂର୍ବାନୁମାନ କରାଯାଇଛି ।



## ମେ ପହିଲା ଯାଏଁ ଜାରି ରହିବ ଗ୍ରୀଷ୍ମ ପ୍ରବାହ

## କଂଗ୍ରେସର ଆଉ ଏକ ପ୍ରାର୍ଥୀ ତାଲିକା

## କଟକ-ବାରବାଟୀରୁ ଲଢ଼ିବେ ସୋଫିଆ ଫିର୍ଦୋସ

ଭୁବନେଶ୍ୱର,୨୮।୪ (ନିପ୍ର): କଂଗ୍ରେସ ପକ୍ଷରୁ ରବିବାର ୨ ଲୋକ ସଭା ଏବଂ ୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ୨ଟି ବିଧାନସଭା ଆସନରେ ପ୍ରାର୍ଥୀ ବଦଳାଇଛି କଂଗ୍ରେସ। କଟକରୁ ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦୋସ, ଜଗତସିଂହପୁରରୁ ପ୍ରତିମା ମଲିକ, ବାଲେଶ୍ୱରରୁ ମୋନାଲିସା ଲେଙ୍କା, ଜଳେଶ୍ୱରୁ ଦେବୀ ପ୍ରସନ୍ନ ଚାନ୍ଦ,ବାରିପଦାରୁ ପ୍ରଦୀମ ହେମ୍ରମ, ବଡଚଣା ଅଜୟ ସାମଲ, ପାଲଲହଡ଼ାରୁ ଫକୀର ସାମଲ, ଖଣ୍ଡପଡା ବୈଜୟନ୍ତୀମାଳା ମହାନ୍ତିଙ୍କୁ ଟିକେଟ୍ ମିଳିଛି। ସେହିପରି ଲୋକସଭା ପାଇଁ କଟକରୁ ସୁରେଶ ମହାପାତ୍ର ଏବଂ ସମ୍ବଲପୁରରୁ ନଗେନ୍ଦ୍ର ପ୍ରଧାନଙ୍କୁ ପ୍ରାର୍ଥୀ କରାଯାଇଛି। ଖଣ୍ଡପଡାରେ ମନୋଜ ପ୍ରଧାନଙ୍କ ସ୍ଥାନରେ ବୈଜୟନ୍ତୀମାଳା ମହାନ୍ତି ଏବଂ ଏବଂ ବାରିପଦାରୁ ବାଦଲ ହେମ୍ରମ୍‌ଙ୍କ ସ୍ଥାନରେ ପ୍ରଦୀମ ହେମ୍ରମଙ୍କୁ ଟିକେଟ୍ ମିଳିଛି।

# ରହସ୍ୟମୟ ବଂଶୀ ନାରାୟଣ ମନ୍ଦିର



ଭାରତରେ ଅନେକ ରହସ୍ୟମୟ ମନ୍ଦିର ଅଛି। ଯାହାର ରହସ୍ୟ ବୈଜ୍ଞାନିକମାନେ ମଧ୍ୟ ଉନ୍ମୋଚନ କରିପାରନ୍ତି ନାହିଁ। ଏମିତି ଏକ ରହସ୍ୟମୟ ମନ୍ଦିର ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାରେ ଅଛି। ଏହି ମନ୍ଦିରର ନାମ ବଂଶୀ ନାରାୟଣ ମନ୍ଦିର। ଏହି ମନ୍ଦିର ବର୍ଷର ୩୬୪ ଦିନ ବନ୍ଦ ରହୁଥିବାବେଳେ କେବଳ ରାକ୍ଷୀ ପୂର୍ଣ୍ଣିମାରେ ଖୋଲାଯାଏ। ଏହିଦିନ ବିଶେଷ ପୂଜାର୍ଚ୍ଚନା କରାଯାଏ ଓ ସୂର୍ଯ୍ୟାସ୍ତ ପରେ ମନ୍ଦିରକୁ ପୁନଃ ବନ୍ଦ କରିଦିଆଯାଏ। ପୌରାଣିକ ମାନ୍ୟତା ଅନୁସାରେ, ଏହି ମନ୍ଦିର ପାଣ୍ଡବମାନଙ୍କ ଦ୍ୱାରା ସ୍ଥାପନା କରାଯାଇଥିଲା। ଦେବର୍ଷି ନାରଦ ୩୬୪ ଦିନ ଏଠାରେ ବଂଶୀ ନାରାୟଣଙ୍କ ପୂଜା କରନ୍ତି ବୋଲି ବିଶ୍ୱାସ ରହିଛି। ଏହି ମନ୍ଦିରରେ କେବଳ ଗୋଟିଏ ଦିନ ଭକ୍ତମାନଙ୍କୁ ଭଗବାନ ବଂଶୀ ନାରାୟଣଙ୍କୁ ପୂଜା କରିବା ପାଇଁ ଅନୁମତି ଦିଆଯାଇଥାଏ। ୧୦ ଫୁଟ ଉଚ୍ଚ ଏହି ମନ୍ଦିରର ଗର୍ଭଗୃହ ବର୍ଗାକାର ଅଟେ। ଏଠାରେ ଭଗବାନ ବିଷ୍ଣୁ ଚତୁର୍ଭୁଜ ସ୍ୱରୂପ ବିଦ୍ୟମାନ। ମନ୍ଦିରରେ ଥିବା ପ୍ରତିମାରେ ଭଗବାନ ବିଷ୍ଣୁ ଏବଂ ଭଗବାନ ଶିବଙ୍କୁ ଏକାଠି ଦର୍ଶନ କରିହୁଏ। ଶ୍ରଦ୍ଧାଳୁ ଗୋଟିଏ ଦିନ ଏହି ମନ୍ଦିରରେ ପୂଜାର୍ଚ୍ଚନା କରିବା ପଛରେ ଏକ ରୋଚକ କାହାଣୀ ମଧ୍ୟ ଅଛି। କିମ୍ବଦନ୍ତୀ ଅନୁଯାୟୀ, ଥରେ ରାଜା ବଳି ଭଗବାନ ବିଷ୍ଣୁଙ୍କୁ ତାଙ୍କ ଦ୍ୱାରପାଳ ହେବାକୁ ଅନୁରୋଧ କରିଥିଲେ। ଭଗବାନ ବିଷ୍ଣୁ ରାଜା ବଳିଙ୍କ ଏହି ଅନୁରୋଧ ରକ୍ଷା କରି ପାତାଳ ଲୋକକୁ ଚାଲିଗଲେ। ଭଗବାନ ବିଷ୍ଣୁଙ୍କର ଦର୍ଶନ ନ ପାଇ ମାତା ଲକ୍ଷ୍ମୀ ବିଚଳିତ ହୋଇଗଲେ। ସେ ନାରଦ ମୁନିଙ୍କ ପାଖକୁ ଗଲେ ଏବଂ ନାରଦଙ୍କୁ ପ୍ରଶ୍ନ କଲେ ଭଗବାନ ବିଷ୍ଣୁ କେଉଁଠାରେ ଅଛନ୍ତି। ନାରଦ କହିଲେ ଭଗବାନ ବିଷ୍ଣୁ ପାତାଳ ଲୋକରେ ଅଛନ୍ତି, ଆପଣ ରାକ୍ଷୀ ପୂର୍ଣ୍ଣିମା ଦିନ ସେଠାକୁ ଯାଇ ରାଜା ବଳିଙ୍କ ହାତରେ ରକ୍ଷାସୂତ୍ର ବାନ୍ଧି ଭଗବାନ ବିଷ୍ଣୁଙ୍କୁ ଫେରାଇ ଆଣନ୍ତୁ। ଏହି କଥାରେ ମାତା ଲକ୍ଷ୍ମୀ ନାରଦଙ୍କୁ କୁହନ୍ତି, ମୋତେ ପାତାଳଲୋକର ମାର୍ଗ ଜଣାନାହିଁ। ମାତା ଲକ୍ଷ୍ମୀଙ୍କ ସହ ନାରଦ ପାତାଳଲୋକକୁ ଆସିଥିଲେ। ସେହିଦିନଠାରୁ କଲଗୋଠ ଗ୍ରାମରେ ବଂଶୀ ନାରାୟଣ ପୂଜା ଚାଲି ଆସୁଛି ବୋଲି ସ୍ଥାନୀୟ ଲୋକେ କୁହନ୍ତି। ରାକ୍ଷୀ ପୂର୍ଣ୍ଣିମା ଦିନ ନାରାୟଣଙ୍କ ପୂଜା ପାଇଁ କଲଗୋଠ ଗାଁର ପ୍ରତ୍ୟେକ ଘରୁ ଲହୁଣି ଆସିଥାଏ। ଏହି ଲହୁଣିରେ ପ୍ରସାଦ ପ୍ରସ୍ତୁତ ହୋଇଥାଏ। ଏହି ଦିନ ଭଗବାନ ବଂଶୀ ନାରାୟଣଙ୍କ ଶୃଙ୍ଗାର ମଧ୍ୟ କରାଯାଏ। ଏହାପରେ ଗାଁର ଲୋକମାନେ ଭଗବାନଙ୍କୁ ରକ୍ଷାସୂତ୍ର ବାନ୍ଧିଥାନ୍ତି।





# ବର୍ଷକୁ କେବଳ ୫ ଘଣ୍ଟା ଖୋଲା ଯାଉଥିବା ମନ୍ଦିର



ଭାରତରେ ଏପରି ଅନେକ ମନ୍ଦିର ଅଛି, ଯାହାର ଅନେକ ରହସ୍ୟ ରହିଛି। ଏହି ରହସ୍ୟର କାରଣ ଆଜି ଯାଏଁ ଜଣାପଡି ନାହିଁ। ରହସ୍ୟ ଯୋଗୁଁ ଏହି ମନ୍ଦିରଗୁଡ଼ିକ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱରେ ପ୍ରସିଦ୍ଧ। କେତେକ ମନ୍ଦିର ସେମାନଙ୍କର ଅନନ୍ୟ ସ୍ଥାପତ୍ୟ ପାଇଁ ଜଣାଶୁଣା ହୋଇଥିବାବେଳେ ଘଟୁଥିବା ଆଶ୍ଚର୍ଯ୍ୟକର ଘଟଣା ଯୋଗୁଁ ଅନ୍ୟ କେତେକ ମନ୍ଦିର ସାରା ବିଶ୍ୱରେ ଲୋକପ୍ରିୟ। ଆପଣଙ୍କୁ ଏପରି ଏକ ମନ୍ଦିର ବିଷୟରେ ସୂଚନା ଦେବୁ ଯାହା ଅତ୍ୟନ୍ତ ସ୍ୱତନ୍ତ୍ର। ବିଶେଷ କଥା ହେଉଛି ଏହି ମନ୍ଦିର ବର୍ଷରେ ମାତ୍ର ପାଞ୍ଚ ଘଣ୍ଟା ପାଇଁ ଖୋଲା ହୋଇଥାଏ। ଏହା ସହିତ ମହିଳାମାନଙ୍କ ପାଇଁ ମଧ୍ୟ ଅନେକ ବିଶେଷ ନିୟମ ରହିଛି।

ଆମେ ନିରଈ ମାତା ମନ୍ଦିର ବିଷୟରେ କହୁଛୁ। ଏହି ମନ୍ଦିର ଛତିଶଗଡର ଗାରିଆବନ୍ଦ ଜିଲ୍ଲା ମୁଖ୍ୟାଳୟଠାରୁ ୧୨ କିଲୋମିଟର ଦୂରରେ ଏକ ପାହାଡ ଉପରେ ଅବସ୍ଥିତ। ନିରଈ ମାତା ନଡିଆ ଏବଂ ଧୂପକାଠିରେ ପ୍ରସନ୍ନ ହୋଇଥାନ୍ତି ବୋଲି ବିଶ୍ୱାସ ରହିଛି। ସାଧାରଣତଃ ମନ୍ଦିରମାନଙ୍କ ଦେବା ଦେବୀଙ୍କୁ ପ୍ରତ୍ୟେକ ଦିନ ପୂଜା କରାଯାଇଥାଏ। କିନ୍ତୁ ନିରଈ ମାତାଙ୍କ ମନ୍ଦିରରେ କେବଳ ଚୈତ୍ର ନବରାତ୍ରୀରେ ୫ ଘଣ୍ଟା ପାଇଁ ଖୋଲାଯାଇଥାଏ। ସକାଳ ୪ ଟାରୁ ସକାଳ ୯ ଟା ପର୍ଯ୍ୟନ୍ତ ମାଆଙ୍କ ଦର୍ଶନ ମିଳିଥାଏ। ବାକି ଦିନରେ ଭକ୍ତଙ୍କୁ ଏଠାକୁ ଆସିବା ନିଷେଧ। ଯେଉଁ ଦିନ ଏହି ମନ୍ଦିର ଖୋଲେ, ହଜାର ହଜାର ଲୋକ ମାଆଙ୍କୁ ଦର୍ଶନ ପାଇଁ ଏଠାରେ ପହଞ୍ଚିଥାନ୍ତି। ପ୍ରତିବର୍ଷ ନବରାତ୍ରୀ ସମୟରେ ମା'ଙ୍କ ମନ୍ଦିରରେ ଆଲୌକିକ ଘଟଣା ଦେଖିବାକୁ ମିଳେ।



ମାଆଙ୍କ ମନ୍ଦିରର ଜ୍ୟୋତି ଆପେ ଆପେ ଜଳିଥାଏ। ଏହି ଚମତ୍କାରିତା କିପରି ଘଟେ ଆଜି ପର୍ଯ୍ୟନ୍ତ ଏହାର ରହସ୍ୟ ଜଣାପଡି ନାହିଁ। ଗ୍ରାମବାସୀ କହିବା ଆନୁଯାୟୀ, ନିରଈ ଦେବୀଙ୍କର ଏହା ଏକ ଚମତ୍କାର। ବିନା ତେଲ ଓ ଘିଅରେ ଏହା ୯ଦିନ ପର୍ଯ୍ୟନ୍ତ ଜଳିଥାଏ। ମହିଳାମାନଙ୍କୁ ନିରଈ ମାତା ମନ୍ଦିରରେ ପ୍ରବେଶ ଓ ପୂଜା କରିବାକୁ ଅନୁମତି ନାହିଁ। ଏଠାରେ କେବଳ ପୁରୁଷମାନେ ପୂଜାପାଠ ରୀତିନୀତି କରନ୍ତି। ଏମିତିକୁ ମହିଳାମାନଙ୍କୁ ଏହି ମନ୍ଦିରର ପ୍ରସାଦ ଖାଇବା ମଧ୍ୟ ନିଷେଧ।

କୁହାଯାଏ ଯେ, ଯଦି ମହିଳାମାନେ ମନ୍ଦିରର ପ୍ରସାଦ ଖାଆନ୍ତି, ତେବେ ସେମାନଙ୍କ ସହିତ କିଛି ଅଘଟଣ ଘଟିଥାଏ।

# ପୌରାଣିକ କଥା, ଭୀମଙ୍କ ଅଭିମାନ ଭଙ୍ଗ



ମହାଭାରତ କଥାବସ୍ତୁ ଅନୁଯାୟୀ ପଞ୍ଚ ପାଣ୍ଡବଙ୍କ ମଧ୍ୟରେ ଭୀମସେନ ଅତ୍ୟନ୍ତ ବଳଶାଳୀ। ସବୁବେଳେ ସେ ତାଙ୍କର ବଳକୁ ନେଇ ଅଭିମାନ ଓ ଗର୍ବ କରୁଥାନ୍ତି। ବନବାସ ସମୟରେ ତାଙ୍କର ଏହି ଗର୍ବ ଓ ଅଭିମାନ ଚୂର୍ଣ୍ଣ ହୋଇଥିଲା କେବଳ ଜଣେ ବୃଦ୍ଧ ବାନର ତାଙ୍କୁ ବଳରେ ପରାସ୍ତ କରିଦେଲା। ତେବେ କିଭଳି ଭୀମଙ୍କର ଏହି ଗର୍ବ ଖଣ୍ଡନ ହେଲା, ତାହାକୁ ନେଇ ଗୋଟିଏ କାହାଣୀ ରହିଛି। ବନବାସ ସମୟରେ ଏକଦା ଭୀମ ଜଙ୍ଗଲରେ ବିଚରଣ କରୁଥିଲେ। ଚାଲିଚାଲି ଜଙ୍ଗଲ ରାସ୍ତାରେ ସେ ଅନେକ ଦୂର ଚାଲିଗଲେ। ଏମିତି ରାସ୍ତାରେ ଗୋଟିଏ ବୃଦ୍ଧ ବାନରଙ୍କ ସହିତ ଭୀମଙ୍କର ସାକ୍ଷାତ ହେଲା। ବୃଦ୍ଧ ବାନରଙ୍କ ଲାଞ୍ଜ ଭୀମଙ୍କ ଚଲାବାଟରେ ପଡିଥିଲା। ତେଣୁ ଭୀମଙ୍କ ପାଇଁ ସମସ୍ୟା ହେଲା। ତେଣୁ ସେ ଲାଞ୍ଜଟିକୁ ହଟାଇଦେବା ପାଇଁ ବାନରକୁ କହିଲେ। କିନ୍ତୁ ବୃଦ୍ଧ ବାନର କହିଲେ – 'ଏ ପରିଣତ ବୟସରେ ବାରମ୍ବାର ଲାଞ୍ଜଟିକୁ ହଟାଇବା ମୋ ପକ୍ଷରେ ଆଉ ସମ୍ଭବ ହେଉନାହିଁ। ତୁମେ ତ ବହୁତ ବଳଶାଳୀ ଭଳି ଦେଖାଯାଉଛ। ତୁମେ ମୋ ଲାଞ୍ଜଟିକୁ ତୁମ ରାସ୍ତାରୁ ହଟେଇଦିଅ। ପରେ ତୁମେ ତୁମ ବାଟରେ ଯାଅ।' ବୃଦ୍ଧ ବାନରଙ୍କଠାରୁ ଏଭଳି କଥା ଶୁଣି ଭୀମ କ୍ରୋଧାନ୍ୱିତ ହୋଇଉଠିଲେ ଏବଂ ଗୋଟିଏ ହାତରେ ବାନରଙ୍କ ଲାଞ୍ଜ ଧରି ଉଠାଇବା ପାଇଁ ଚେଷ୍ଟା କଲେ। କିନ୍ତୁ ଲାଞ୍ଜଟି ତିଳେ ମାତ୍ର ଘୁଞ୍ଚିଲା ନାହିଁ। ଏହାପରେ ଭୀମ ଦୁଇହାତରେ ଲାଞ୍ଜଟିକୁ ଉଠାଇଲେ। କିନ୍ତୁ କୌଣସି ଫରକ ପଡ଼ିଲାନି। ଏହା ଦେଖି ଭୀମ ଆଶ୍ଚର୍ଯ୍ୟ ହେଲେ ଏବଂ ତାଙ୍କର ସବୁ ଶକ୍ତି ଖଟାଇ ଲାଞ୍ଜଟିକୁ ଟେକିବାକୁ ଚେଷ୍ଟା କଲେ। କିନ୍ତୁ ଲାଞ୍ଜଟିକୁ ହଟାଇ ପାରିଲେ ନାହିଁ।

ଶେଷରେ ଭୀମ ବୃଦ୍ଧ ବାନରଙ୍କୁ ପ୍ରଣାମ କରି ତାଙ୍କର ପରିଚୟ ମାଗିଲେ। ବୃଦ୍ଧ ବାନର ରୂପରେ ଥିବା ବାୟୁପୁତ୍ର ହନୁମାନ ନିଜର ବାସ୍ତବ ସ୍ୱରୂପରେ ପ୍ରକଟ ହେଲେ ଏବଂ ଭୀମକୁ କହିଲେ – ନିଜକୁ ବଳଶାଳୀ ବୋଲି ଗର୍ବ ଓ ଅଭିମାନ କରୁଛ। କିନ୍ତୁ ସାଧାରଣ ଲାଞ୍ଜଟିକୁ ବି ଉଠାଇ ପାରିଲ ନାହିଁ। ହନୁମାନଙ୍କ କଥାରେ ଭୀମଙ୍କର ସବୁ ଗର୍ବ ଦୂର ହୋଇଗଲା। ସେ ନିଜକୁ ଲଜ୍ଜିତ ମନେ କଲେ ଏବଂ ହନୁମାନଙ୍କ ପାଖରେ କ୍ଷମାପ୍ରାର୍ଥନା କଲେ। ଏହି ପୌରାଣିକ କଥା ଶିକ୍ଷା ଦେଉଛି ଯେ କେବେ ମଧ୍ୟ ବଳ, ବୁଦ୍ଧି ଓ ବିଦ୍ୟାକୁ ନେଇ ମନରେ ଅଭିମାନ ଓ ଗର୍ବ କରିବା ଉଚିତ ନୁହେଁ।

# ଅତ୍ୟନ୍ତ ଶୁଭ ଜେଡ୍ ପ୍ଲାଣ୍ଟ

**ଭାଗ୍ୟ ଓ ଧନକୁ ସ୍ୱାଗତ କରୁଥିବା ଏହି ଗଛକୁ ଘରର ମୁଖ୍ୟଦ୍ୱାର ନିକଟରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ମୁଖ୍ୟଦ୍ୱାର ପାଖରେ ଏହାକୁ ରଖିଲେ, ଘରକୁ ପ୍ରବେଶ କରୁଥିବା ନକରାତ୍ମକ ଉର୍ଜ୍ଜାକୁ ଏହା ରୋକିଥାଏ।**

ଜେଡ୍ ପ୍ଲାଣ୍ଟ ହେଉଛି ଏକପ୍ରକାର ଇଣ୍ଡୋର ପ୍ଲାଣ୍ଟ। ବାସ୍ତୁଶାସ୍ତ୍ର ଅନୁଯାୟୀ, ଏହି ପ୍ଲାଣ୍ଟକୁ ଲକି ପ୍ଲାଣ୍ଟ ତଥା ଫ୍ରେଣ୍ଡସିପ୍ ପ୍ଲାଣ୍ଟ ବି କୁହାଯାଇଥାଏ। କାରଣ ଏହି ଗଛକୁ ଘରେ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହେବା ସହ ବନ୍ଧୁତାରେ ନିବିଡ଼ତା ଆସିଥାଏ ବୋଲି ବିଶ୍ୱାସ କରାଯାଏ। ଭାଗ୍ୟ ଓ ଧନକୁ ସ୍ୱାଗତ କରୁଥିବା ଏହି ଗଛକୁ ଘରର ମୁଖ୍ୟଦ୍ୱାର ନିକଟରେ ରଖିବା ଅତ୍ୟନ୍ତ ଶୁଭ ହୋଇଥାଏ। କାରଣ ମୁଖ୍ୟଦ୍ୱାର ପାଖରେ ଏହାକୁ ରଖିଲେ, ଘରକୁ ପ୍ରବେଶ କରୁଥିବା ନକରାତ୍ମକ ଉର୍ଜ୍ଜାକୁ ଏହା ରୋକିଥାଏ। ମୁଖ୍ୟଦ୍ୱାର ବ୍ୟତିତ ଏହାକୁ ଘରର ହଲ୍ କିମ୍ବା ଡ୍ରଇଂ ରୁମ୍‌ର ଦକ୍ଷିଣ-ପୂର୍ବ ଦିଗ ଏପରିକି ଲିଭିଂ ରୁମ୍‌ର ଝରକା ପାଖରେ ବି ରଖିପାରିବେ। ଧ୍ୟାନ ଦେବେ ଏହି ଗଛକୁ ମଝିରେ ମଝିରେ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖିବେ। କାରଣ ଏହି ଗଛ ଉପରେ ଆଲୋକ ପଡିଲେ, ଏହା ସକାରାତ୍ମକ ଉର୍ଜ୍ଜା ଉତ୍ପନ୍ନ କରି ଘରେ ସୁଖସମୃଦ୍ଧି ବୃଦ୍ଧି କରିଥାଏ। ତା'ସହିତ ପରିବାରର ସଦସ୍ୟଙ୍କ ଭିତରେ ଉତ୍ସାହ ଓ ଆତ୍ମବିଶ୍ୱାସ ମଧ୍ୟ ଭରି ଦେଇଥାଏ। ଯେହେତୁ ଏହି ଗଛର ସମ୍ପର୍କ ଧନ ସହିତ ରହିଛି ତେଣୁ ଏହାକୁ କେବେ ବି ଅନ୍ଧାରୁଆ ତଥା ଅପରିଷ୍କାର ସ୍ଥାନରେ ରଖିବେ ନାହିଁ। ବେଡ୍‌ରୁମ୍‌ରେ ମଧ୍ୟ ଏହାକୁ ରଖିବା ଶୁଭପ୍ରଦ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ କୁହାଯାଇଛି। ତା'ସହିତ ଏହି ଗଛକୁ କେବେ ବି ୩ ଫୁଟରୁ ଅଧିକ ବଢିବାକୁ ଦେବା ବି ଠିକ୍ ନୁହେଁ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।



# କେଉଁଠି ଲଗାଇବେ ମା' ଅନ୍ନପୂର୍ଣ୍ଣାଙ୍କ ଫଟୋ



ମା' ଅନ୍ନପୂର୍ଣ୍ଣାଙ୍କ ଫଟୋ ହେଉ ଅବା ମୂର୍ତ୍ତିକୁ ଘରେ ରଖି ନିଷ୍ଠାର ସହ ପୂଜା କଲେ ମଙ୍ଗଳ ହେବା ସହ ସୌଭାଗ୍ୟପ୍ରାପ୍ତି ହୋଇଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ବାସ୍ତୁଶାସ୍ତ୍ରରେ ବି ଏକଥାକୁ ସ୍ୱୀକାର କରାଯାଇଛି। କିନ୍ତୁ ବାସ୍ତୁଶାସ୍ତ୍ର ଅନୁଯାୟୀ, ମାତାଙ୍କର ଫଟୋକୁ କେଉଁ ଦିଗରେ ରଖିଲେ ଅଧିକ ସୁଫଳ ମିଳିଥାଏ ଆସନ୍ତୁ ଜାଣିବା ସେ ସମ୍ପର୍କରେ... ମା' ଅନ୍ନପୂର୍ଣ୍ଣାଙ୍କ ଫଟୋକୁ ଘରର ଆଗ୍ନେୟ କୋଣରେ ଲଗାଇଲେ ଘରେ ସୁଖସମୃଦ୍ଧି ବଢ଼ିବା ସହ ସୌଭାଗ୍ୟପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ କରାଯାଏ। କେବଳ ସେତିକି ନୁହେଁ, ଏହି କୋଣରେ ମା'ଙ୍କର ଫଟୋ ରହିଲେ ପରିବାର ଲୋକଙ୍କର ସ୍ୱାସ୍ଥ୍ୟ ଭଲ ରହିବା ସହ ଘରୁ ବାସ୍ତୁଦୋଷ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ମା' ଅନ୍ନପୂର୍ଣ୍ଣାଙ୍କର ସମ୍ବନ୍ଧ ଅନ୍ନ ବା ଖାଦ୍ୟ ସହ ରହୁଥିବାରୁ ମା'ଙ୍କ ଫଟୋକୁ ରୋଷେଇ ଘରେ ଲଗାଇବା ଶୁଭ ହୋଇଥାଏ। ଏହାଦ୍ୱାରା ଘରେ କେବେ ବି ଖାଦ୍ୟର ଅଭାବ ଦେଖାଯାଇ ନ ଥାଏ। ଏପରି କି ରନ୍ଧାଯାଇଥିବା ଖାଦ୍ୟ ସାତ୍ତ୍ୱିକ ହେବା ସହ ସୁସ୍ୱାଦୁ ଲାଗିଥାଏ ବୋଲି ଅନେକଙ୍କର ବିଶ୍ୱାସ ରହିଛି। ମା' ଅନ୍ନପୂର୍ଣ୍ଣାଙ୍କୁ ପ୍ରସନ୍ନ କରିବାକୁ ହେଲେ ମୁଗ ଡାଲିରେ ପ୍ରସ୍ତୁତ କିଛି ବ୍ୟଞ୍ଜନକୁ ପ୍ରସାଦ ରୂପେ ଅର୍ପଣ କରି ସେହି ପ୍ରସାଦକୁ ଗୋମାତାକୁ ଖାଇବା ପାଇଁ ଦେଲେ ଘରର ଯଶ ଖ୍ୟାତି ବଢ଼ିଥାଏ ବୋଲି ବିଶ୍ୱାସ କରାଯାଏ। ମା'ଙ୍କ ଫଟୋ ରହିଥିବା ସ୍ଥାନକୁ ସର୍ବଦା ସଫାସୁତରା ରଖିବା ସହ ପ୍ରତିଦିନ ଧୂପ, ଦୀପ ଦେଇ ପୂଜା କଲେ ଘରର ଐଶ୍ୱର୍ଯ୍ୟ ବୃଦ୍ଧି ହୋଇଥାଏ।

# ଘରର ଏହିସବୁ ଦିଗରେ ଲଗାନ୍ତୁ ତୁଳସୀ ଗଛ





ହିନ୍ଦୁ ଧର୍ମରେ ତୁଳସୀ ବୃକ୍ଷକୁ ଅତ୍ୟନ୍ତ ପବିତ୍ର ବୋଲି ବିବେଚନା କରାଯାଏ। ଧାର୍ମିକ ଦୃଷ୍ଟିକୋଣରୁ ଯେଉଁ ଘରେ ପ୍ରତ୍ୟେକ ଦିନ ତୁଳସୀ ପୂଜା କରାଯାଏ, ସେଠାରେ ମାତା ଲକ୍ଷ୍ମୀ ବାସ କରିଥାନ୍ତି। ସ୍କନ୍ଦ ପୁରାଣାନୁଯାୟୀ, 'ଯେଉଁ ଘରେ ତୁଳସୀ ପୂଜିତ ସେଠାରେ ନକାରାତ୍ମକ ଶକ୍ତି ଓ ଦୁଷ୍ଟ ବିଚାରମାନଙ୍କରୁ ରକ୍ଷା ମିଳେ। ଗରୁଡ଼ ପୁରାଣାନୁଯାୟୀ, 'ତୁଳସୀ ବୃକ୍ଷର ରୋପଣ, ଯତ୍ନ, ସ୍ପର୍ଶ ଓ ଗୁଣଗାନ କଲେ ମନୁଷ୍ୟର ପୂର୍ବାର୍ଜିତ ପାପ ଜଳି ନଷ୍ଟ ହୋଇଯାଏ। ସାଧାରଣତଃ ତୁଳସୀ ବୃକ୍ଷକୁ ଘରର ମୁଖ୍ୟ ଦ୍ୱାରରେ ଲଗାଯାଇଥାଏ। କିନ୍ତୁ ଏହା ବ୍ୟତୀତ ଘରର କିଛି ବିଶେଷ ସ୍ଥାନରେ ତୁଳସୀ ବୃକ୍ଷ ଲଗାଇବା ଦ୍ୱାରା ବିଭିନ୍ନ ସମସ୍ୟାରୁ ମୁକ୍ତି ମିଳିଥାଏ।

**ଅଶାନ୍ତି ଦୂର ପାଇଁ:** ଯଦି ଘରେ ଅକାରଣରେ ଝଗଡ଼ା ହେଉଛି, ତେବେ ରୋଷେଇ ଘର ନିକଟରେ ତୁଳସୀ ବୃକ୍ଷ ରଖନ୍ତୁ। ଏହାଫଳରେ ଘରେ ଝଗଡ଼ା ହୋଇ ନ ଥାଏ ଓ ଶାନ୍ତି ବଜାୟ ରୁହେ।

**ବାସ୍ତୁ ସମସ୍ୟା ଥିଲେ:** ବାସ୍ତୁଦୋଷ ଦୂର ପାଇଁ ତୁଳସୀ ଚଉଁରାକୁ ଦକ୍ଷିଣ-ପୂର୍ବ କିମ୍ବା ଉତ୍ତର ପଶ୍ଚିମ ଦିଗରେ ରଖିଲେ ଏହି ସମସ୍ୟା ଦୂର ହୋଇଥାଏ।

**ଆର୍ଥିକ ସ୍ଥିତି ବୃଦ୍ଧି:** ଉତ୍ତର-ପୂର୍ବ ଦିଗରେ ଧନର ଦେବତା କୁବେର ବାସ କରନ୍ତି ବୋଲି ବିଶ୍ୱାସ ରହିଛି। ତେଣୁ ଘରର ଉତ୍ତର-ପୂର୍ବ ଦିଗରେ ତୁଳସୀ ବୃକ୍ଷ ଲଗାଇଲେ ସମସ୍ତ ଆର୍ଥିକ ସମସ୍ୟା ଦୂର ହୋଇଥାଏ।

**ପିଲା ଜିଦ୍ କରୁଥିଲେ:** ସାଧାରତଃ ଛୋଟ ପିଲାମାନେ ଜିଦ୍ କରିଥାନ୍ତି। କିନ୍ତୁ ସେମାନଙ୍କର ଏହି ସ୍ୱଭାବ ଯଦି ବଢ଼ିଯାଏ, ତେବେ ଘରର ପୂର୍ବ ଦିଗରେ ତୁଳସୀ ବୃକ୍ଷ ଲଗାଇଲେ ସ୍ୱଭାବରେ ପରିବର୍ତ୍ତନ ହୋଇଥାଏ।

**ବିବାହ ବିଳମ୍ବ ହେଉଥିଲେ:** ବିବାହ ସମ୍ବନ୍ଧୀୟ ସମସ୍ୟାକୁ ଦୂର କରିବା ପାଇଁ ଦକ୍ଷିଣ-ପୂର୍ବ କିମ୍ବା ଉତ୍ତର-ପଶ୍ଚିମ ଦିଗରେ ଯେକୌଣସି ସ୍ଥାନରେ ତୁଳସୀ ବୃକ୍ଷ ଲଗାଇଲେ ଶୁଭଫଳ ମିଳିଥାଏ।

# ସହାୟତା ପାଇବାକୁ ଶିଷ୍ଟାଚାର ଜାଣିବା ଜରୁରୀ

ମହାଭାରତ ଯୁଦ୍ଧ ହେବା ନିଶ୍ଚିତ ହୋଇସାରିଥିଲା। ଶ୍ରୀକୃଷ୍ଣଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଦୁର୍ଯ୍ୟୋଧନ ଦ୍ୱାରିକାରେ ପହଞ୍ଚିଲା। ସେବକମାନେ ମନା କରିବା ସତ୍ତ୍ୱେ ସେ ଉଦଣ୍ଡତାପୂର୍ବକ ଶ୍ରୀକୃଷ୍ଣଙ୍କ ଶୟନ କକ୍ଷରେ ପହଞ୍ଚିଗଲା। ଶ୍ରୀକୃଷ୍ଣ ଶୋଇଥିଲେ। ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣଙ୍କୁ ପାଦ ପାଖରେ ଥିବା ଖାଲି ସ୍ଥାନ ଦେଖି ସେଠାରେ ବସି ଅପେକ୍ଷା କଲେ। କିଛିକ୍ଷଣ ପରେ ସେ ଭାବିଲା, ମୁଁ ତ ରାଜା। କାହାର ପାଦ ପାଖରେ ବସିବା ମୋ ପକ୍ଷେ ଉଚିତ ନୁହେଁ। ଏହା ଭାବି ସେ ଉଠିଲା ଏବଂ ମୁଣ୍ଡ ପାଖରେ ବସି ଶ୍ରୀକୃଷ୍ଣଙ୍କ ନିଦ ଭାଙ୍ଗିବାକୁ ଅପେକ୍ଷା କଲା। ଅର୍ଜୁନ ମଧ୍ୟ ଶ୍ରୀକୃଷ୍ଣଙ୍କ ସହାୟତା ଚାହୁଁଥିଲେ। ସେ କିଛି ସମୟ ପରେ ଶ୍ରୀକୃଷ୍ଣଙ୍କ ଶୟନକକ୍ଷକୁ ଆସିଲେ। କିନ୍ତୁ ଶ୍ରୀକୃଷ୍ଣଙ୍କ ନିକଟରେ ଦୁର୍ଯ୍ୟୋଧନଙ୍କୁ ପୂର୍ବରୁ ବସିଥିବା ଦେଖି ନିରାଶ ହେଲେ। ଅର୍ଜୁନ ସରଳତା ପୂର୍ବକ ଶ୍ରୀକୃଷ୍ଣଙ୍କ ପାଦ ପାଖରେ ବସିଗଲେ। କିଛି ସମୟ ପରେ ଯେତେବେଳେ ଭଗବାନ କୃଷ୍ଣ ଆଖି ଖୋଲିଲେ, ସେ ପ୍ରଥମେ ଅର୍ଜୁନଙ୍କୁ ଦେଖିଲେ। ମାଧବ ପଚାରିଲେ, ତୁମେ କେତେବେଳେ ଆସିଲ ପାର୍ଥ? ହାତଯୋଡ଼ି ଅର୍ଜୁନ କହିଲେ, ଏଇ ତ' ଏବେ ଆସିଲି। ଦୁର୍ଯ୍ୟୋଧନ ହଠାତ୍ କହିଲା, ମୁଁ ଅର୍ଜୁନଙ୍କ ପୂର୍ବରୁ ଆସି ବସିଛି। ଏଣୁ ପ୍ରଥମେ ଆପଣଙ୍କ ଉପରେ ମୋର ଅଧିକାର ରହିଛି। ଶ୍ରୀକୃଷ୍ଣ କହିଲେ, ହେଲେ ମୁଁ ତ' ପ୍ରଥମେ ଅର୍ଜୁନଙ୍କୁ ଦେଖିଲି। ତୁମେ ରାଜା ହୋଇଥିବା କାରଣରୁ ଅହଂକାରବଶତଃ ମୋ ମୁଣ୍ଡ ପାଖରେ ବସିଲ। ତୁମେ ସନ୍ଧିର ପ୍ରସ୍ତାବ ନେଇ ଆସିଥିଲ।



ଅନୁରୋଧ କିମ୍ବା ସହାୟତା ଆଶା ନେଇ ଆସିଥିଲେ ତୁମେ ନିଶ୍ଚୟ ମୋର ପାଦ ପାଖରେ ବସିଥାନ୍ତ। କିନ୍ତୁ ଅର୍ଜୁନ ପ୍ରକୃତରେ ମୋର ସହାୟତା ଚାହେଁ, ସେଥିପାଇଁ ସେ ମୋ ପାଦ ପାଖରେ ବସିଲା। ସେ ସହାୟତାର ଅନୁରୋଧ ନେଇ ଆସିଥିଲା। ଏଣୁ ସେ ମୋର ପାଦ ପାଖରେ ବସିଲା। ଈଶ୍ୱର ସମସ୍ତଙ୍କୁ ମୁଣ୍ଡର ସମ୍ମୁଖ ଭାଗରେ ଆଖି ଦେଇଛନ୍ତି। ସେଥିପାଇଁ ଆଖି ଖୋଲିବା ମାତ୍ରେ ପାଦ ପାଖରେ ବସିଥିବା ଲୋକପ୍ରତି ପ୍ରଥମେ ନଜର ପଡ଼ିଥାଏ। ଶ୍ରୀକୃଷ୍ଣ ପୁଣି କହିଲେ, ସହାୟତା ପାଇଁ ଅନୁରୋଧ କରିବାକୁ ହେଲେ ପ୍ରଥମେ ଶିଷ୍ଟାଚାର ପାଳନ କରିବାକୁ ପଡ଼ିଥାଏ। କିନ୍ତୁ ତାହା ତୁମେ ପାଳନ କରିଲ ନାହିଁ ଦୁର୍ଯ୍ୟୋଧନ। ରାଜାଙ୍କ ଭଳି ବସି କେବଳ ଆଦେଶ ଦିଆଯାଇଥାଏ, ଅନୁରୋଧ କରାଯାଇନଥାଏ। ଦୁର୍ଯ୍ୟୋଧନ ଏଥର ନିଜ ଭୁଲ୍ ବୁଝିପାରିଲେ। ଶିଷ୍ଟାଚାର ପାଳନ କରିନଥିବାରୁ କୃଷ୍ଣ କିନ୍ତୁ ତାଙ୍କୁ ଖାଲି ହାତରେ ଫେରାଇ ଦେଲେ ନାହିଁ। ତାଙ୍କ ଅନୁରୋଧ ଶୁଣିଲେ। ଯୁଦ୍ଧରେ ଶ୍ରୀକୃଷ୍ଣ ଭାଗ ନେବା ଲାଗି ମନା କରିଦେଲେ। ସେ କେବଳ ପରାମର୍ଶ ଦେବା ଲାଗି ରାଜି ହେଲେ। ଦୁର୍ଯ୍ୟୋଧନ ଅହଂକାର ବଳରେ ନାରାୟଣୀ ସେନାର ସହାୟତା ମାଗିଲା। ଶ୍ରୀକୃଷ୍ଣ ଏଥିରେ ରାଜି ହୋଇଗଲେ। ଦୁର୍ଯ୍ୟୋଧନ ପ୍ରସନ୍ନ ହେଲା। ଅର୍ଜୁନଙ୍କ ମୁଖରେ ସ୍ମିତହାସ୍ୟ ଥିଲା। କାରଣ ସେ ଜାଣିଥିଲେ ଶ୍ରୀକୃଷ୍ଣଙ୍କ ତୁଳନାରେ ଲକ୍ଷ ଲକ୍ଷ ସୈନିକ ମଧ୍ୟ ସମାନ ହେବେ ନାହିଁ। ଶ୍ରୀକୃଷ୍ଣଙ୍କୁ ପାଇ ଅର୍ଜୁନ ଭାବୁଥିଲେ, ମୋତେ ସତ୍ୟ, ଧର୍ମ ଏବଂ ନ୍ୟାୟର ସହାୟତା ମିଳିଯାଇଛି।

## ଆସିକାର ବିଭିନ୍ନ ପଞ୍ଚାୟତରେ ଚାଲିଛି ମାରାଥନ ପ୍ରଚାର

ଆସିକା (ନିପ୍ର): ଆସିକା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରେ ମାରାଥନ ପ୍ରଚାର କରି ଭୋଟ ଭିକ୍ଷା କରୁଛନ୍ତି ବିଜେଡି ବିଧାୟିକା ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁ। ଗ୍ରୀଷ୍ମର ତାତି ଯେତିକି ବଢୁଛି ପ୍ରଚାର ମଇଦାନରେ ପ୍ରଚାରର ତାତି ସେତିକି ଜମୁଛି। ନେତାମାନେ ଘର ଘର ବୁଲି ଲୋକମାନଙ୍କୁ ଭୋଟ ଭିକ୍ଷା କରୁଛନ୍ତି। ତେବେ ରବିବାର ଗଞ୍ଜାମ ଜିଲ୍ଲା ଆସିକା ନିର୍ବାଚନ ମଣ୍ଡଳୀରେ ବିଜେଡି ଜୋରଦାର ପ୍ରଚାର ଆରମ୍ଭ କରିଛି। ନିଜର ସମର୍ଥକମାନଙ୍କୁ ନେଇ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି ବିଜେଡି ବିଧାୟକ ପ୍ରାର୍ଥୀ ମଞ୍ଜୁଳା ସ୍ୱାଇଁ। ୫-ଟି ନବୀନ ଗ୍ୟାରେଣ୍ଟି ସହ ବିଜେଡି ସରକାରର ୨୫ ବର୍ଷର ବିକାଶ ବାର୍ତ୍ତାକୁ ପାଥେୟ କରି ଘର ଘର ବୁଲି ଲୋକଙ୍କୁ ଭୋଟ ଭିକ୍ଷା କରୁଛନ୍ତି ମଞ୍ଜୁଳା । ତେବେ ତାଙ୍କ ସମର୍ଥକଙ୍କ ସହ ଆସିକା ବ୍ଲକ୍ ଅନ୍ତର୍ଗତ ମଙ୍ଗଳପୁର ପଞ୍ଚାୟତର ନବରଙ୍ଗପୁର ଓ ମଙ୍ଗଳପୁର, ଗହଙ୍ଗୁ ପଞ୍ଚାୟତ, ଗଙ୍ଗାପୁର ପଞ୍ଚାୟତ ଠାରେ ଜୋର୍‌ଦାର ପ୍ରଚାରକରି ଭୋଟ ଭିକ୍ଷା କରିଛନ୍ତି ବିଜେଡିର ଏହି ବିଧାୟକ ପ୍ରାର୍ଥୀ ।

## ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ

ପାରାଦୀପ (ନିପ୍ର): ଇଫକୋ ସାରକାରଖାନା ଟାଉନସିପରେ ଥିବା ଇଫକୋ ଡିଏଭି ସ୍କୁଲର ବାର୍ଷିକ ଉତ୍ସବ ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନିଲଭ୍ର ଦାସଗୁପ୍ତା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଫକୋ ପାରାଦୀପ ୟୁନିଟ୍ ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବର ସଭାନେତ୍ରୀ ମମତା ପଟେଲ୍, ଯୁଗ୍ମ ସାଧାରଣ ପରିଚାଳକ(ଉତ୍ପାଦନ) କେ.ମୋହନ ରାଓ, ସାଧାରଣ ପରିଚାଳକ(ସୂଚନା ଓ ପ୍ରଯୁକ୍ତି) ଏନ୍.ଆର ନାୟକ, ପିପିଏଲ୍ ଡିଏଭି ସ୍କୁଲର ଅଧ୍ୟକ୍ଷ ସଂଜୀବ କୁମାର ସାହୁ, ପାରାଦୀପ ଡିଏଭି ସ୍କୁଲର ଅଧ୍ୟକ୍ଷ ବିନ୍ଦୁଶ୍ରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଇଫକୋ ଡିଏଭି ସ୍କୁଲର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସମାରୋହରେ ପୌରୋହିତ୍ୟ କରିଥିଲେ। ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ଶିକ୍ଷକ ରାକେଶ ଦାଶ। ସମାରୋହରେ ଅଭିଭାବକ, ଛାତ୍ରଛାତ୍ରୀ,ଶିକ୍ଷକଶିକ୍ଷୟିତ୍ରୀ ଓ ବହୁ ବିଶିଷ୍ଟମାନେ ଯୋଗ ଦେଇଥିଲେ।

## ୪୬ ନଂ. ୱାର୍ଡରେ ଆପ୍‌ର ନିର୍ବାଚନ ପ୍ରଚାର

କଟକ (ନିପ୍ର): ଆସନ୍ତା ସାଧାରଣ ନିର୍ବାଚନ ଅବସରରେ ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀ ତରଫରୁ ସିଏମ୍‌ସି ୪୬ ନଂ ୱାର୍ଡ ଅନ୍ତର୍ଗତ ଶିଖରପୁର ଉପରସାହିରେ ଅବସ୍ଥିତ ଦୁଲାଦେବୀ ଗ୍ରାମଦେବୀଙ୍କ ଆଶୀର୍ବାଦ ନେଇ ଆମ ଆଦମୀ ପାର୍ଟି ପକ୍ଷରୁ ନିର୍ବାଚନୀ ପ୍ରଚାର ଆରମ୍ଭ ହୋଇଛି । ବିଧାୟକ ପ୍ରାର୍ଥୀ ବିଜୟଲକ୍ଷ୍ମୀ ମହାପାତ୍ର ଏହି ୱାର୍ଡର ଘର ଘର ବୁଲି ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ନଗର ସଭାପତି ସଂଜୀବ ପରିଡା, ସଦର ପ୍ରଭାରୀ ଦିଲ୍ଲିପ କର, ନଗର ମହିଳା ସଭାନେତ୍ରୀ ଡଲି ଜେନା, ଚୌଦ୍ୱାର-କଟକ ମହିଳା ସଭାନେତ୍ରୀ ରାଜଶ୍ରୀ ମିଶ୍ର, ସଂପାଦିକ ତ୍ରିଲୋଚନ ମଲ୍ଲିକ, ଅମିତ ମହାପାତ୍ର ପ୍ରମୁଖଙ୍କ ସମେତ ବହୁ କର୍ମକର୍ତ୍ତା ପ୍ରଚାର କାର୍ଯ୍ୟରେ ଉପସ୍ଥିତ ଥିଲେ।

## ଶିଶୁ ମହୋତ୍ସବ ଓ କବିତା ପ୍ରତିଯୋଗିତା

କଟକ (ନିପ୍ର): ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ଉତ୍କଳମଣି ଶିଶୁ ଉଚ୍ଚଶିକ୍ଷା ମନ୍ଦିର, ଜଗତପୁର ପକ୍ଷରୁ ଶିଶୁକବି ମହୋତ୍ସବ ଓ ଶିଶୁ କବିତା ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ସର୍ବଭାରତୀୟ ଶିକ୍ଷାସମାଜର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ବିଶିଷ୍ଟ କ୍ରୀଡାବିତ ତଥା ଓଡିଶା ଟେନିକୋଏଟର କାର୍ଯ୍ୟକାରୀ ସଭାପତି ସି ଏଚ ରାମ ମୋହନ ରାଓ, ସମ୍ମାନୀୟ ଅତିଥି ଭାବେ କନ୍ଧିୟାନ ନେଟୱାର୍କର ନିର୍ଦ୍ଦେଶକ ସନ୍ଦିପ ବିଶ୍ୱାଳ, ଅଭୟ କୁମାର ପଟ୍ଟନାୟକ ଯୋଗଦେଇ ମଧୁବାବୁ ଓଡିଆଜାତିର ସ୍ୱାଭିମାନ ଓ ଉତ୍କଳର ଗୌରବମୟ ଇତିହାସର ମୁଖ୍ୟପୁରୋଧା ଥିଲେ ବୋଲି କହିଥିଲେ । କବି ମନୋରଂଜନ ପଣ୍ଡା ଓ ମହେନ୍ଦ୍ର କୁମାର ସାହୁଙ୍କ ସଂଯୋଜନାରେ ଶିଶୁକବିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ତିନୋଟି ପର୍ଯ୍ୟାୟରେ ପ୍ରଥମ,ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁକବି ମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରାରମ୍ଭରେ କବି ଆଦିତ୍ୟ ରଂଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ହେମନ୍ତ କୁମାର ପଣ୍ଡା, ସସ୍ମିତା ପରିଡା, ମନୋରଂଜନ ନନ୍ଦ, ଦେବଜାନୀ ଜେନା, ଜୟନ୍ତୀ ଶତପଥୀ, ଭବାନୀ ଦାଶ, ନିକିତା ମହାନ୍ତି, ସନ୍ଧ୍ୟାରାଣୀ ପରିଡା ପ୍ରମୁଖ ପରିଚାଳନା କରିଥିଲେ । ପ୍ରଧାନଆଚାର୍ଯ୍ୟା ନିରୁପମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ରଣପୁର କ୍ରିୟାନୁଷ୍ଠାନ କମିଟି ତରଫରୁ ସାମ୍ବାଦିକ ସମ୍ମିଳନୀ

# ରଣପୁରକୁ ରେଳପଥ ଓ ଜାତୀୟ ରାଜପଥ ସଂଯୋଗୀକରଣ ଦାବି

ରଣପୁର (ନିପ୍ର): ନୟାଗଡ ଜିଲ୍ଲା ରଣପୁର କ୍ରିୟାନୁଷ୍ଠାନ କମିଟି ତରଫରୁ ରବିବାର ଅପରାହ୍ନ ୪ ଘଟିକା ସମୟରେ ରଣପୁରକୁ ରେଳପଥ ଓ ଜାତୀୟ ରାଜପଥ ସଂଯୋଗୀକରଣ ନିମନ୍ତେ ଦେବୀ ପ୍ରସାଦ ସାମନ୍ତରାୟଙ୍କ ଆବାହକତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି । ତେବେ ଦୀର୍ଘ ଦିନ ଧରି ରଣପୁର ବ୍ଲକର ଗମନାଗମନ ବ୍ୟବସ୍ଥା ଅବହେଳିତ ହୋଇ ପଡି ରହିଥିବା ବେଳେ ଏ ନେଇ ବିଭିନ୍ନ ସମୟରେ ଦାବି କରାଯାଉଥିବା ବେଳେ ତାହା ଆଜି ମଧ୍ୟ ଅବହେଳିତ ହୋଇ ପଡିଛି । ଯାହାକୁ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି। ରଣପୁର ବ୍ଲକ ଅଞ୍ଚଳରେ ୩୫ଟି ପଞ୍ଚାୟତ, ୧ ଲକ୍ଷ ୮୮ ହାଜରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ହୋଇଥିବା ବେଳେ ୫୦୦ ରୁ ଊର୍ଦ୍ଧ୍ୱ ଗ୍ରାମାଞ୍ଚଳ ରହିଛି । ଗମନାଗମନ ସୁବିଧା ପାଇଁ ଦୁଇଟି ପୂର୍ତ୍ତ ବିଭାଗ ରାସ୍ତା ଯଥା: ରଜସୁନାଖଲା ଠାରୁ ଚାନ୍ଦପୁର ଏବଂ ନୟାଗଡ ଠାରୁ ଜଙ୍କିଆ ରାସ୍ତା ଥିବା ବେଳେ ଏହା ଗମନାଗମନ ପାଇଁ ଯଥେଷ୍ଟ ସୁବିଧା ଯୋଗାଇ ପାରୁ ନାହିଁ। ସନ୍ଧ୍ୟା ପରେ ରଣପୁର ଅଞ୍ଚଳକୁ ଚାରିଆଡୁ ଗମନାଗମନର କୌଣସି ସୁବିଧା ନାହିଁ, ଯେଉଁଥି ପାଇଁ ଜନସାଧାରଣମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଲୋକମାନେ ବାଧ ହୋଇ ଘରୋଇ କାର୍, ଅଟୋ ଆଦି ଭଡା କରି ବହୁଳ ଖର୍ଚ୍ଚାନ୍ତ ହେଉଛନ୍ତି । ତେବେ ରଣପୁର ଅଞ୍ଚଳ ଦେଇ ଦୁଇଟି ୧୬ ନମ୍ବର ଜାତୀୟ ରାଜପଥ ଏବଂ ୫୭ ନମ୍ବର ଜାତୀୟ ରାଜପଥ ଯଥା: ରାଜସୁନାଖଳା ଓ ଚାନ୍ଦପୁର ଦେଇ ଯାଇଅଛି । ଯାହାକି ରଣପୁର ହେଡ଼କ୍ୱାର୍ଟର ଠାରୁ ଏହି ଦୁଇଟି ଜାତୀୟ ରାଜପଥର ଦୂରତା ଜଙ୍କିଆ ୨୦ କିମି ଓ ସୁନାଖଳା ୧୫ କିମି । ହୋଇଥିବା ବେଳେ ଏହାକୁ ରଣପୁର ସହିତ ସଂଯୋଗୀକରଣ କରିବା ପାଇଁ ଦୀର୍ଘ ଦିନ ଧରି ଦାବି ହୋଇ ଆସୁଛି । ସେହିଭଳି ରାଜସୁନାଖଳା ଠାରୁ କାଳୁପଡା ରେଳ ଷ୍ଟେସନକୁ ସଂଯୋଗୀକରଣ କରିବା ପାଇଁ ମଧ୍ୟ ଦୀର୍ଘ ଦିନ ଦାବି ହୋଇ ଆସୁଛି । ଏ ନେଇ କ୍ରିୟାନୁଷ୍ଠାନ କମିଟି ଦ୍ୱାରା ଏକ ସାମ୍ବାଦିକ ସମ୍ମିଳନୀ କରାଯାଇ ବିଭିନ୍ନ ମହଲକୁ ଦାବିପତ୍ର ପ୍ରଦାନ କରାଯାଇଥିବା ଜଣା ପଡିଛି । ବରିଷ୍ଠ ଆଇନଜୀବୀ ଗିରିଜାକାନ୍ତ ମହାପାତ୍ର, ଆଇନଜୀବୀ ସୁବାସ ଚନ୍ଦ୍ର ଜେନା, ଆଇନଜୀବୀ ତଥା ରାଜନେତା ପ୍ରିୟବ୍ରତ ପ୍ରହାରାଜା, ପୂର୍ଣଚନ୍ଦ୍ର ରାୟଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ।

ଏ ନେଇ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ୫-ଟି ସଚିବ, ଜାତୀୟ ପରିବହନ ମନ୍ତ୍ରୀ ସମେତ ସମସ୍ତ ସ୍ଥାନୀୟ ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମ ପରିଚାଳନାରେ ସରୋଜ କୁମାର ମହାପାତ୍ର ଓ ରଂଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।




# ସ୍ୱାଭିମାନ ଦିବସରେ ରକ୍ତଦାନ: ୩୦ ୟୁନିଟ ସଂଗ୍ରହ



ରମ୍ଭା (ନିପ୍ର): ସ୍ଥାନୀୟ ସହରର ଗାୟତ୍ରୀ ଶକ୍ତିପୀଠ ପରିସରରେ ସ୍ୱାଭିମାନ ଦିବସ ପାଳନ ଅବସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋକଲ୍ୟାଣ ସମିତି, ଦେବୀକୃପା ସଫ୍ଟ ଡ୍ରିଙ୍କସ ଗ୍ରୀନ ପିସ ଭିଲେଜ୍ ଫାଉଣ୍ଡେସନର ବିଭିନ୍ନ ସାମାଜିକ ଅନୁଷ୍ଠାନର ମିଳିତ ସହଯୋଗରେ ଏକ ସାନ୍ଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟି ଉମାକାନ୍ତ ସାହୁଙ୍କ ବେଦମନ୍ତ୍ର ଧ୍ୱନି ଦେଇଥିବା ବେଳେ ଉଦ୍‌ଘାଟକ ଭାବେ ଶିକ୍ଷକ ମନ୍ମଥ କୁମାର ନାହାକ ରହିଥିଲେ। ମୁଖ୍ୟ ଅତିଥି ଭାବେ ଗ୍ରୀନ ପିସ୍ ଭିଲେଜ୍ ଫାଉଣ୍ଡେସନର ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ସମ୍ମାନିତ ଅତିଥି ଭାବେ, ସାହିତ୍ୟ ଘର ସମ୍ପାଦକ ଶିକ୍ଷକ ଶେଷଦେବ ବେହେରା, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ନିଳାଞ୍ଚଳ ସେନାପତି, ସାମ୍ବାଦିକ ବନବାସ ସେଠୀ ଯୋଗଦେଇ ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରକୁ ରକ୍ତଶୂନ୍ୟ ନକରିବା ଏବଂ ରକ୍ତ ଅଭାବରୁ କାହାରିକୁ ମରିବାକୁ ଦିଆଯିବନାହିଁ ସଂକଳ୍ପରେ ସମ୍ମିଳିତ ଅନୁଷ୍ଠାନମାନଙ୍କର ଏଭଳି ଦୁଃସାହସିକ ଉଦ୍ୟମକୁ ଭୂରିଭୂରି ପ୍ରଶଂସା କରାଯାଇଥିଲା । ରକ୍ତର କୌଣସି ବିକଳ୍ପ ନଥିବାରୁ କର୍କଟ ରୋଗୀ, ଗର୍ଭବତୀ ମହିଳା, ଥାଲାସେମିଆ ରୋଗୀ ଓ ଦୁର୍ଘଟଣାରେ ପୀଡ଼ିତ ରୋଗୀମାନେ ଖରାଦିନେ ଯେପରି କେହି ଅସୁବିଧାର ନ ପଡନ୍ତି ସେଥିପ୍ରତି ସଚେତନ ହେବା ପାଇଁ ଶିବିରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜଣାଇଥିଲେ। ପ୍ରତି ମୁହୂର୍ତ୍ତରେ ଆଗେଇ ଆସିବାକୁ ଅତିଥିମାନେ ଆହ୍ୱାନ ଦେବା ସହ ନିଜେ ସୁସ୍ଥ ରହି ସମାଜ କଲ୍ୟାଣକାରୀ କାର୍ଯ୍ୟ କରିବାକୁ ତାଙ୍କ ଅଭିଭାଷଣରେ କହିଥିଲେ। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ, ସହ ସଂଯୋଜକ ରବିନାରାୟଣ ସେନାପତି, ବିଜୟ ମିଶ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଏହି ରକ୍ତଦାନ ଶିବିରରୁ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶିବିରକୁ ସତ୍ୟନାରାୟଣ ଆଚରି, ଶଙ୍କର ସାହୁ, ମୁନା ପ୍ରଧାନ, ରଥାଙ୍ଗ ରମଣ ନାହାକ, ଝଡିଆ ଆଦି ସ୍ୱେଚ୍ଛାସେବୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ବ୍ରହ୍ମପୁର ରକ୍ତ ଭଣ୍ଡାରର ଡାକ୍ତର ମନୋଜ କୁମାର ଟୁଡୁ, ରୀଙ୍କୁ ସାହୁ, ଦେବାଶିଷ ପଣ୍ଡ, ରାମହରି ପଣ୍ଡା ଓ ଡମ୍ବୁର୍ ବାହାଦୁର କାର୍କେ ଓ ଏସ . କେ . ପଣ୍ଡା ଆଦି ଟେକ୍ନିସିଆନ ଓ କର୍ମଚାରୀ ୩୦ଜଣ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରି ବ୍ରହ୍ମପୁର ରକ୍ତ ଭଣ୍ଡାରକୁ ନେଇଥିଲେ।

## ରାଷ୍ଟ୍ରଦୀପ ପ୍ରସାର ସମିତିର ୩୧ତମ ସାରସ୍ୱତ ସମାରୋହ

ଦାମନଯୋଡି (ନିପ୍ର): ଧର୍ମ ଜାଗରଣ, ପରିବେଶ ସଚେତନ, ବୃକ୍ଷରୋପଣ, ଶିକ୍ଷା,ସଂସ୍କୃତି, ଭାରତୀୟ ପରମ୍ପରା ଆଦି ସନ୍ଦେଶ ଦେବା ସହ ଏହାକୁ ନେଇ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦୀର୍ଘ ବର୍ଷ ଧରି କାର୍ଯ୍ୟ କରୁଥିବା ଅଗ୍ରଣୀ ସାମାଜିକ ସଂଗଠନ ‘ରାଷ୍ଟ୍ରଦୀପ ପ୍ରସାର ସମିତି, ଦାମନଯୋଡି’ ପକ୍ଷରୁ ୩୧ତମ ସାରସ୍ୱତ ସମାରୋହ ରବିବାର ସନ୍ଧ୍ୟାରେ ଟାଉନସିପ ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ପାଳିତ ହୋଇଯାଇଛି । ସମିତିର ରାଜ୍ୟ ସଭାପତି ଧ୍ରୁବ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜୟପୁରର ବିଶିଷ୍ଟ ସମାଜସେବୀ ତଥା ରୋଟାରୀ କ୍ଲବର ପୂର୍ବତନ ଅଧିକାରୀ କିଶୋର କୁମାର ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶା କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏକ ବିଶାଳ ସଂକୀର୍ତ୍ତନ ମଣ୍ଡଳୀ ନଗର ପରିକ୍ରମା କରିବା ପରେ ମଞ୍ଚ ନିକଟରେ ପହଞ୍ଚିଥିଲେ । ମଞ୍ଚ ଉପରେ ସ୍ଥାପିତ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନିକଟରେ ଅତିଥିମାନେ ପୂଜାର୍ଚ୍ଚନା କରିବା ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମାଥାଲପୁଟ ଛାତ୍ରୀମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। ଅର୍ଚ୍ଚନା ନୃତ୍ୟ ଓ ସଂଗୀତ ବିଦ୍ୟାଳୟ, ଦାମନଯୋଡି ର କୁନି କୁନି ଛାତ୍ରୀ ମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥଲେ । ସମିତି ସମ୍ପାଦକ ଡଃ ଜଳେନ୍ଦ୍ର ତ୍ରିପାଠୀ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥଲେ। ଆଗାମୀ ବର୍ଷା ଋତୁରେ ଜିଲ୍ଲାର ବିଭିନ୍ନ ସ୍ଥାନର ପ୍ରାୟ ଏକ ଲକ୍ଷ ବୃକ୍ଷରୋପଣ କରିବା ପାଇଁ ଏହି ସଂଗଠନ ଯୋଜନା ରଖିଛି ବୋଲି ସମ୍ପାଦକ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି । ଇତି ଅବସରରେ ଡଃ ସୁରେନ୍ଦ୍ର କହଁର, ପ୍ରଦୋଷ କୁମାର ଆଚାର୍ଯ୍ୟ, ଅଶୋକ କୁମାର ମିଶ୍ର, ରାଜେନ୍ଦ୍ର କୁମାର ପଣ୍ଡା ଆଦି ବ୍ୟକ୍ତି ବିଶେଷଙ୍କୁ କର୍ମ କ୍ଷେତ୍ରରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଉତ୍କଳଗୌରବ ମଧୁସୂଦନ ନବଉତ୍କଳର ନିର୍ମାତା





ପିପିଲି(ନିପ୍ର): ପିପିଲି ଓକିଲ ସଙ୍ଘରେ ରବିବାର ପୂର୍ବାହ୍ନରେ ଆଇନଜୀବୀ ଦିବସ ପାଳନ କରାଯାଇଛି । ଉତ୍କଳ ଗୌରବ ମଧୁବାବୁଙ୍କ ଜନ୍ମ ଜୟନ୍ତୀ ଅବସରରେ ସଙ୍ଘ ଗୃହରେ ଏହି ଉତ୍ସବ ପାଳନ କରାଯାଇଥିବାବେଳେ ସଙ୍ଘର ସଭାପତି ରାଜକିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜଷ୍ଟିସ ଡ଼.ଦୁର୍ଗା ପ୍ରସନ୍ନ ଚୌଧୁରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଓକିଲାତି ଏକ ରାଜକୀୟ ବୃତ୍ତି, ଓକିଲଙ୍କର ଜାତି, ଧର୍ମ, ବର୍ଣ୍ଣ ଓ ଭେଦଭାବ ନାହିଁ ବୋଲି କହିବା ସହ ଆଇନ କ୍ଷେତ୍ରରେ ମଧୁବାବୁଙ୍କ ଭୂମିକା ଓ ବଳିଷ୍ଠ ଯୁକ୍ତି ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ‘ସମାଜ ପ୍ରତି ଆଇନଜୀବୀଙ୍କ ଦାୟିତ୍ୱବୋଧ’ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅବସରପ୍ରାପ୍ତ ଜିଲ୍ଲା ଜଜ୍ ଉମାଚରଣ ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗ ଦେଇଥିବାବେଳେ ଓଡ଼ିଶା ଭିଜିଲାନ୍ସ ଏକାଡେମିର ଡେପୁଟି ଡାଇରେକ୍ଟର ଦିଲ୍ଲିପ କୁମାର ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଓକିଲ ଅନ୍ୟମାନଙ୍କର ପ୍ରିୟଭାଜନ ଓ ସମାଜର ଉଚ୍ଚ ଆସନ ଯୋଗ୍ୟ । ଓକିଲ ହେବା ସୌଭାଗ୍ୟ, ଦୁର୍ଭାଗ୍ୟ ନୁହେଁ ବୋଲି ଉଭୟ କହିଥିଲେ । ବରିଷ୍ଠ ଆଇନଜୀବୀ ରସାନ୍ତ କିଶୋର ପରିଡ଼ା, ସୂର୍ଯ୍ୟନାରାୟଣ ନାୟକ, ନିରଂଜନ ପତି, ସୁରେନ୍ଦ୍ର ନାଥ ପରିଡ଼ା, ରମାକାନ୍ତ ସାହୁ, ବାସୁଦେବ ଦଳାଇ, ବିଭୁପ୍ରସାଦ ବୈରିଗଂଜନ ଓ ସୁବାସ ଚନ୍ଦ୍ର ବିଶ୍ୱାଳଙ୍କୁ ପିପିଲି ବାର ଆସୋସିଏସନ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପିପିଲି ଓକିଲ ସଙ୍ଘର ସାଧାରଣ ସମ୍ପାଦକ ବସନ୍ତ କୁମାର ପରିଡ଼ା, ଉପସଭାପତି ଶିବପ୍ରସାଦ ଜେନା, ଯୁଗ୍ମ ସମ୍ପାଦକ ରସିଦ ଖାନ୍ ଓଡ଼ିଶା ହାଇକୋର୍ଟର ଆଇନଜୀବୀ ଅନିଲ ଦଳେଇ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସାଧାରଣ ସମ୍ପାଦକ ଶ୍ରୀ ପରିଡ଼ା ଧନ୍ୟବାଦ ପ୍ରଦାନ କରିଥିଲେ ।

**କଟକ (ନିପ୍ର):** ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ରବିବାର ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ଆୟୋଜନରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ ଉତ୍କଳଗୌରବଙ୍କ ଶେଷ ବିଶ୍ରାମସ୍ଥଳ ଗୋରାକବରସ୍ଥିତ ମଧୁବାବୁଙ୍କ ସମାଧିପୀଠରେ ଶ୍ରଦ୍ଧାସୁମନ ଅର୍ପଣ କରି ଓଡ଼ିଆ ସ୍ୱାଭିମାନର ପ୍ରତୀକ ପ୍ରଖ୍ୟାତ ଆଇନଜ୍ଞ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଏଥିସହ ସ୍ଥାନୀୟ ମଧୁସୂଦନ ପାର୍କଠାରେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା ଓ ପରେ ପରେ କ୍ୟାଣ୍ଟନମେଣ୍ଟ ରୋଡ ସ୍ଥିତ ମଧୁବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ ବିଦ୍ଧାଣୀ ମଧୁବାବୁଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ସେହିପରି ବାରିଷ୍ଟର ରଣଜିତ ମହାନ୍ତି ଟ୍ରଷ୍ଟ ପକ୍ଷରୁ ହୋଟେଲ ପ୍ରମୋଦ ଠାରେ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ସମ୍ମାନିତ ଅତିଥି ଭାବେ ବାରବାଟୀ-କଟକ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା, ରାଜ୍ୟ ବିଜେଡି ସାଧାରଣ ସଂପାଦକ ଡ. ବିଶ୍ୱଜିତ ମହାନ୍ତି, ନିରାମୟ ଉପଦେଷ୍ଟା ରଂଜନ ବିଶ୍ୱାଳ, ରାଜ୍ୟ ବିଜେଡି ଲିଗାଲ ସେଲ ଅଧ୍ୟକ୍ଷ ମିଳନ କାନୁନଗୋ ଓ କଟକ ମହାନଗର ବିଜେଡି ସଭାପତି ମଧୁସୂଦନ ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ହାଇକୋର୍ଟର ବହୁ ଆଇନଜୀବୀ ଉପସ୍ଥିତ ରହି ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଡ. ଜଗନ୍ନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



ସେହିପରି ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ କଟକ ମହାନଗର ନାଗରିକ ମହାସଭା ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ପ୍ରତ୍ୟୁଷରୁ ଗୋରାକବରସ୍ଥ ସମାଧିପୀଠ, ହରିଣପାର୍କ, କ୍ୟାଣ୍ଟନମେଣ୍ଟ ରୋଡ଼, ଶୈଳବାଳା ମହିଳା ମହାବିଦ୍ୟାଳୟ ସମେତ କଟକରେ ଥିବା ମଧୁବାବୁଙ୍କ ସମସ୍ତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁଙ୍କ ସମେତ ଅଧିବକ୍ତା ବୈଷ୍ଣବ ଦାସ, ମାଧବ ମିଶ୍ର, ମୁକେଶ ସୋନୀ, ନରସିଂହ ମିଶ୍ର, ଶ୍ୟାମସୁନ୍ଦର ସାହୁ, ସମରେନ୍ଦ୍ର ଘୋଷ ଓ ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

ସେହିପରି ଲିଗାଲ ଏଡ କାଉନସିଲ ପକ୍ଷରୁ ୧୭୬ତମ ମଧୁ ଜୟନ୍ତୀ ଓ ଓକିଲ ଦିବସ ପାଳିତ ହୋଇଯାଇଛି । ସଂଗଠନର ସଂପାଦକ ଆଇନଜୀବୀ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଅବସରପ୍ରାପ୍ତ ଜିଲ୍ଲା ଜଜ୍ ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦଘାଟନ କରି ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସି କସ୍ତୁରୀ, ସିଦ୍ଧାର୍ଥ ସାହୁ, ଅମୂଲ୍ୟ ସାହୁ, ମହେନ୍ଦ୍ର ମହାପାତ୍ର, ଗୌରୀଶଙ୍କର ନନ୍ଦ ପ୍ରମୁଖ ଯୋଗଦେଇଥିଲେ ।

**ପାରାଦୀପ (ନିପ୍ର):** ପାରାଦୀପ ଉପକଣ୍ଠ ଦୋଛକି ମଧୁ ପାର୍କଠାରେ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦୀପର ନଗରପାଳ ତଥା ପାରାଦୀପ ବାର୍ ଆସୋସିଏସନର ଉପସଭାପତି ବସନ୍ତ କୁମାର ବିଶ୍ୱାଳଙ୍କ ସମେତ ପାରାଦୀପ ବାର୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ତପନ କୁମାର ଦାଶ, ଅନ୍ୟତମ ଉପସଭାପତି କୈଳାଶ ଚନ୍ଦ୍ର ସାହୁ, ସମ୍ପାଦକ ରବିନ୍ଦ୍ର କୁମାର ଜେନା,କାର୍ଯ୍ୟକାରୀ ସଦସ୍ୟ ସଂଜୟ କୁମାର ମିଶ୍ର, ନିରଜଂନ ରାଉତ, ପୌର ଉପାଧ୍ୟକ୍ଷ ଛବିଲତା ରାଉତ, ପାରିଷଦ ଅଜିତ କୁମାର ଷଡଙ୍ଗୀ, ସୁକାନ୍ତ କୁମାର ଦାସ, ସୁକ୍ରମଣି ନାଗ ପ୍ରମୁଖ ଯୋଗ ଦେଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସ୍ମୃତି ସଭାରେ ଅତିଥିମାନେ ମଧୁବାବୁଙ୍କ ସ୍ୱାଭିମାନ, ଆଇନଜୀବୀ ଭାବେ ତାଙ୍କର କାର୍ଯ୍ୟାବଳି ସମ୍ପର୍କରେ ଆଲୋଚନା କରିବା ସହିତ ମଧୁବାବୁଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ ।

**ତିଗିରିଆ (ନିପ୍ର):** ପାଞ୍ଚଗାଁ ସ୍ଥିତ ବହୁମୁଖୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପରିସରରେ କେନ୍ଦ୍ର ତଥା ସମ୍ବାଦ ସାହିତ୍ୟ ଘର ମିଳିତ ଆନୁକୂଲ୍ୟରେ ମଧୁବାବୁଙ୍କ ୧୭୬ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଦେଶ ଭକ୍ତ ମଧୁବାବୁ ଙ୍କୁ ନବ ଉତ୍କଳ ନିର୍ମାତା, ପ୍ରଚଣ୍ଡ ସ୍ୱାଭିମାନୀ, ପ୍ରବାଦ ପୁରୁଷ, ସତ୍ୟନିଷ୍ଠ ଆଇନଜୀବୀଙ୍କୁ ଭାରତରତ୍ନରେ ବିମଣ୍ଡିତ କରିବାକୁ ଚାପ ପ୍ରୟୋଗ କରାଯିବ ବୋଲି ମତପ୍ରକାଶ ପାଇଥିଲା । ସଭାପତି ଜଗବନ୍ଧୁ ତୁଙ୍ଗ ସାମନ୍ତ, ଉପସଭାପତି ସରୋଜ ଦାଶ, ସଂପାଦକ ଚନ୍ଦ୍ର ଶେଖର ମିଶ୍ର,ସହସମ୍ପାଦକ ପ୍ରଦ୍ୟୁମ୍ନ ଦାଶ, ସନ୍ତୋଷ କୁମାର ସିଂହ ସାମନ୍ତ, ଅଜୟ କୁମାର ଦାଶ, ବିକାଶ ପ୍ରଧାନ, ଶିକ୍ଷାବିତ୍ ନରେଶ ମହାପାତ୍ର ସମେତ ଅନ୍ୟମାନେ ଉପସ୍ଥିତ ରହି ସ୍ମୃତିଚରଣ କରିଥିଲେ ।

ତିଥି : (ପଞ୍ଚମୀ) : (ପୂର୍ବାଷାଢା ଧନୁ)
ଅମୃତବେଳା: ଦିବା ଘ ୭।୦ ମଧ୍ୟେ ଦିନ ୧୦।୨୬ ଗତେ

## ଆଜିର ଅନୁଚିନ୍ତନ

ଆତ୍ମାର ସୁଖରେ ସୁଖୀ ଥାଏ ସେହି ନର
ବାହ୍ୟ ବିଷୟରେ ସୁଖ ନଥାଏ ତାହାର
ବାହ୍ୟ ବିଷୟେ ଆସକ୍ତ, ନୋହି କରେ କର୍ମ
ଭିତରେ ଚିନ୍ତଇ ସଦା ସେ ଅକ୍ଷୟ ବ୍ରହ୍ମ ।।
– ଶ୍ରୀମଦ୍ ଭଗବଦ୍ ଗୀତା

# କଠୋର ଦମନ ଆବଶ୍ୟକ

ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିବାର ମୁଖ୍ୟ କାରଣ ଇସ୍ରାଏଲ-ହମାସ ଯୁଦ୍ଧ ଦୀର୍ଘଦିନ ହେବ ଜାରି ରହିଛି । ଏହି ଯୁଦ୍ଧ ମଧ୍ୟରେ ହୁତି ଆତଙ୍କବାଦୀମାନେ ଇରାନକୁ ସମର୍ଥନ କରିଆସୁଛନ୍ତି ବୋଲି ଚାଲିଥିବା ଯୁଦ୍ଧରେ ପାଲେଷ୍ଟାଇନ ଅଧିବାସୀଙ୍କୁ ସମର୍ଥନ କରୁଛନ୍ତି । ପୂର୍ବରୁ ଏହି ବିଦ୍ରୋହୀମାନେ ବିଶେଷ କରି ଆମେରିକା, ବ୍ରିଟେନ ଜାହାଜଗୁଡ଼ିକୁ ଟାର୍ଗେଟ କରିଆସୁଥିଲେ । ଯେହେତୁ ଏସବୁ ଦେଶ ଇସ୍ରାଏଲ ସପକ୍ଷରେ ସମର୍ଥନ ରହିଛି । ତେଣୁ ହୁତିମାନେ ସମ୍ଭବତଃ ଆମେରିକା ବ୍ରିଟେନ ଉପରେ ଦୀର୍ଘଦିନରୁ କ୍ଷୁବ୍ଧ ହୋଇରହିଛନ୍ତି । ଲୋହିତ ସାଗର ଦେଇ ରୁଷିଆରୁ ଭାରତକୁ ଆସୁଥିବା ଏକ ତୈଳବାହୀ ଜାହାଜକୁ ଏହି ବିଦ୍ରୋହୀମାନେ ଯେପରି କ୍ଷେପଣାସ୍ତ୍ର ମାଡ଼ କଲେ ଏଥିରୁ ମନେ ହେଉଛି ଆତଙ୍କବାଦୀଙ୍କ ମତଲବ୍ ଆମେ ଯାହା କିଛି କରିଯିବୁ ତୁମେମାନେ କିଛି କରିପାରିବ ନାହିଁ । ସୂଚନା ରଖାଯାଇପାରେ ଯେ ହୁତିମାନେ ନିକଟରେ ଆମେରିକାର ଏମ୍କ୍ୟୁ-୯ ନାମକ ଏକ ଡ୍ରୋନକୁ ୟେମେନର ସାଡ଼ା ପ୍ରୋଭିନ୍ସ ବାୟୁ ସୀମାରେ ଖସାଇ ଦେଇଥିଲେ । ପୂର୍ବରୁ ଭାରତ ଆସୁଥିବା ଏକ ଜାହାଜକୁ ହେରମୁଜ ନିକଟରେ ଇରାନ କବ୍ଜା କରିନେଇଥିଲା । ସେତେବେଳେ ଏହା କହିଥିଲା ଯେ ଦେଶରେ ବିନା ଅନୁମତିରେ ଜାହାଜଟି ସମୁଦ୍ର ସୀମାରେ ପ୍ରବେଶ କରିଥିଲା । ଜାହାଜର ଦୁଇ ପାକ୍ ନାଗରିକ ଓ ଭାରତୀୟ ଜଣେ ମହିଳା ଜାହାଜ କର୍ମଚାରୀଙ୍କୁ ଛାଡ଼ି ଦେଇଥିଲେ ମଧ୍ୟ ୧୯ରୁ ୧୬ ଭାରତୀୟଙ୍କୁ ଏବେ ବି ଏହା କବ୍ଜାରେ ରଖିଛି । ଏଥିପୂର୍ବରୁ ଅର୍ଥାତ୍ ୨୦୨୩ ଡିସେମ୍ବର ୨ ମାଙ୍ଗାଲୋର ଆସୁଥିବା କେମୋପ୍ଲୁଟ ନାମକ ଜାହାଜ ଲୋହିତ ସାଗର ଦେଇ ଆସୁଥିବାବେଳେ ହୁତିମାନେ ଆକ୍ରମଣ କରିଥିଲେ । ଅବଶ୍ୟ ଭାରତୀୟ ତଟରକ୍ଷୀ ଗାର୍ଡସିପ୍ ବିକ୍ରମ ଏ କ୍ଷେତ୍ରରେ ସହାୟତା କରି ମୁମ୍ବାଇ ଆଣିଥିଲା । ଏହା ନିଃସନ୍ଦେହ ଯେ ବୈଶ୍ୱିକ ବାଣିଜ୍ୟ ପ୍ରତି ଏହି ଆତଙ୍କୀମାନେ ଏଭଳି ଆକ୍ରମଣ କରି କ୍ଷତି ବା ବାଧା ପହଞ୍ଚାଉଛନ୍ତି । ମଝିରେ ମଝିରେ ଆମେରିକା, ଗ୍ରେଟ୍ ବ୍ରିଟେନ ଦାବି କରୁଛନ୍ତି ହୁତିମାନଙ୍କ ଡ୍ରୋନଗୁଡ଼ିକ ଆମେ ଖସାଇ ଦେଉଛୁ । ବିଶେଷଜ୍ଞମାନେ କହୁଛନ୍ତି ଯେ ଏମାନଙ୍କ ଆଗାମୀ ଆକ୍ରମଣଗୁଡ଼ିକୁ ମାରିଟାଇମ କୋଆଲିଆନ୍ସ ଫୋର୍ସ ରୋକିପାରିବ ନାହିଁ । ଏ ପରିପ୍ରେକ୍ଷୀରେ ପ୍ରଭାବିତ ଦେଶଗୁଡ଼ିକର ପ୍ରତିନିଧି ମଣ୍ଡଳୀ ଏକାଠି ହୋଇ ସେମାନଙ୍କୁ ଆଲୋଚନା ପାଇଁ ପ୍ରଥମେ ଡାକିବା ଲୋଡ଼ା । ଯାହା ଉଚିତ ସେପରି ପଦକ୍ଷେପ ଗ୍ରହଣ କରାଯାଉ । ଯଦି ସେମାନଙ୍କ କୌଣସି ଅଯୌକ୍ତିକ ଦାବି ଥାଏ ତାହାକୁ ଅଣଦେଖା କରାଯିବା ସାଙ୍ଗକୁ ଦୃଢ ହସ୍ତରେ ଦମନ କରାଯାଉ । ନଚେତ୍ ଏପରି ଆକ୍ରମଣ ଜରିଆରେ ସେମାନେ ନିଜ ଦବ୍‌ଦବା ଜାରି ରଖିବା ବନ୍ଦ କରିବେ ନାହିଁ । ବିଶ୍ୱବ୍ୟାପୀ ଆତଙ୍କବାଦୀଙ୍କ ବିରୋଧରେ ଦୃଢ ସ୍ୱର ଚାରିଆଡ଼େ ଉତ୍ତୋଳନ ହେଉଥିବାବେଳେ ହୁତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଅଛି କି ନାହିଁ ଅନ୍ତର୍ଜାତୀୟ ସ୍ତରରେ ତାହାର ବିଚାରବିମର୍ଶ ହେବା ଆବଶ୍ୟକ ।

# ମୂଲ୍ୟ ମାଇଲେ ଯିବ ସରି

**ସୌଭାଗ୍ୟ ରଂଜନ ମହାନ୍ତି**

ନିର୍ବାଚନ ମଇଦାନରେ ଲଢେଇ ପୂର୍ବରୁ ଗୁଜରାଟର ସୁରଟ ଲୋକସଭା ନିର୍ବାଚନ ମଣ୍ଡଳୀରେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିବା କେବଳ ଭାରତୀୟ ଗଣତନ୍ତ୍ରକୁ ଦୁର୍ବଳ କରିବା ପାଇଁ ବୋଲି କୁହାଯାଇପାରିବ । ଉଲ୍ଲେଖଯୋଗ୍ୟ ଯେ, ସୁରଟରେ କଂଗ୍ରେସ ପ୍ରାର୍ଥୀ ନିଲେଶ କୁମ୍ଭାନୀଙ୍କ ନାମାଙ୍କନ ପତ୍ରରେ ପ୍ରସ୍ତାବକ ଭାବେ ସ୍ୱାକ୍ଷର ସେମାନଙ୍କ ଦସ୍ତଖତକୁ ଜାଲିଆତି କରାଯାଇଥିବା ଏକ ସତ୍ୟପାଠ ଦ୍ୱାରା ନାକଚ କରି ଦିଆଯିବ ଯୋଗୁଁ ସେ ପ୍ରାର୍ଥିତ୍ୱରୁ ବଞ୍ଚିତ ହୋଇଛନ୍ତି ।
ଉଲ୍ଲେଖଯୋଗ୍ୟ ଯେ, କୁମ୍ଭାନୀଙ୍କ ପ୍ରାର୍ଥୀପତ୍ରରେ ତାଙ୍କର ପ୍ରସ୍ତାବକ ଭାବେ ତାଙ୍କର ଶାଳକ,



ପୁତୁରା ଏବଂ ଜଣେ ବ୍ୟବସାୟୀ ଅଂଶୀଦାର ଥିଲେ । ଯେଉଁମାନେ କି ତାଙ୍କର ଘନିଷ୍ଠ ସମ୍ପର୍କୀୟ ଥିଲେ । ସେହିପରି ପ୍ରତି ରାଜନୈତିକ ଦଳ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ଜଣେ ଲେଖାଏଁ ପ୍ରାର୍ଥୀ ମଧ୍ୟ ଦେଇଥାନ୍ତି । ସୁରଟରେ କଂଗ୍ରେସର ମଧ୍ୟ ନାମାଙ୍କନ ପତ୍ର ଖାରଜ ହୋଇଥିଲା । କେବଳ ଏତିକି ନୁହେଁ, ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନାମାଙ୍କନ ପତ୍ର ଦାଖଲ କରିଥିବା ଅନ୍ୟ ଆଠଜଣ ପ୍ରତ୍ୟକ୍ଷ ସେମାନଙ୍କର ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଦେବା ପରେ ବିଜେପି ପ୍ରାର୍ଥୀ ମୁକେଶ ଦଲାଲଙ୍କୁ ରିଟର୍ଣ୍ଣି ଅଫିସର ତଥା ଫଳାଫଳ ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ଘୋଷଣା କରିଛନ୍ତି । ୫୪୩ ଜଣିଆ ସଦସ୍ୟ ବିଶିଷ୍ଟ ଲୋକସଭା ନିର୍ବାଚନରେ ଏହାକୁ ପ୍ରଥମ ବିଜୟୀ ଭାବେ ଦଳ ଉତ୍ସବ ମନାଇଥିବା ଦେଖିବାକୁ ମିଳିଛି ।
ଏହା ନିଃସନ୍ଦେହ ଯେ, ସୁରଟରେ ୧୭ଲକ୍ଷ ଭୋଟଦାତା ନୀରବତାର ସହ ରିଟର୍ଣ୍ଣି ଅଫିସର ତଥା ଜିଲ୍ଲାପାଳଙ୍କୁ ଘୋଷଣାକୁ ଗ୍ରହଣ କରିଛନ୍ତି । ଏଭଳି ଘଟଣାକୁ ଭାରତୀୟ ଗଣତନ୍ତ୍ରରେ ଏକ ଗୁରୁତ୍ୱର ବ୍ୟାଧି ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ । ଦୁଇଜଣ ପ୍ରାର୍ଥୀଙ୍କର ପ୍ରସ୍ତାବକଙ୍କ ସ୍ୱାକ୍ଷର ଜାଲିଆତି ଏବଂ ୮ଜଣ ପ୍ରତ୍ୟାଶୀଙ୍କ ନାମାଙ୍କନ ପ୍ରତ୍ୟାହାରକୁ ଏକ କାଳତାଳିୟ ଘଟଣା ବୋଲି କୁହାଯାଇପାରେ । ଏହା ସତ୍ୟ ଯେ, ସରକାରୀ କଳର କ୍ଷମତା, ଅର୍ଥବଳ ଏବଂ ମିଥ୍ୟା ତଥା ବିଭ୍ରାନ୍ତିକର ତଥ୍ୟ ଦ୍ୱାରା ନିର୍ବାଚନ ମଇଦାନରୁ ପ୍ରାର୍ଥୀଙ୍କୁ ନିଶ୍ଚିହ୍ନ କରିଦେବା ଭାରତୀୟ ଗଣତନ୍ତ୍ର ପାଇଁ ଏକ ଗୁରୁତର ଧମକରେ ପରିଣତ ହୋଇଛି । ଗୁଜରାଟରେ କଂଗ୍ରେସ ଆଉ ଜଣେ ପ୍ରାର୍ଥୀ, ଯେ କି କେବଳ ନିର୍ବାଚନ ମଇଦାନରୁ ଓହରି ଯାଇନାହାଁନ୍ତି, ଶେଷରେ ବିଜେପିରେ ଯୋଗଦେଇଛନ୍ତି । ଗୁଜରାଟ ଘଟଣା କେବଳ ଗୋଟିଏ ମାତ୍ର ଘଟଣା ନୁହେଁ କି ନୂଆ ମଧ୍ୟ ନୁହେଁ, ଚଳିତ ବର୍ଷ ଆରମ୍ଭରେ ଜଣେ ରିଟର୍ଣ୍ଣିଂ ଅଫିସର ଭୋଟ କାଗଜ (ବ୍ୟାଲେଟ ପେପର)କୁ ଜାଲିଆତି କରି ବିଜେପି ପ୍ରାର୍ଥୀଙ୍କୁ ଚଣ୍ଡିଗଡର ମେୟର ଭାବେ ଘୋଷଣା କରିଥିଲେ । ମାତ୍ର ଏଭଳି ଘଟଣାକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ଗୁରୁତର ଭାବେ ଗ୍ରହଣ କରି ରିଟର୍ଣ୍ଣିଂ ଅଫିସରଙ୍କ ଘୋଷଣାକୁ କେବଳ ରଦ୍ଦ କରି ଦେଇନଥିଲେ, କଂଗ୍ରେସ ଓ ଆମ ଆଦମୀ ପାର୍ଟିର ମେୟର ପ୍ରାର୍ଥୀଙ୍କୁ ବିଜୟୀ ଘୋଷଣା କରିଥିଲେ । ଅବଶ୍ୟ ସୁରଟରେ ଅଯୋଗ୍ୟ ଘୋଷିତ କଂଗ୍ରେସ ପ୍ରାର୍ଥୀ କୁମ୍ଭାନୀ ପ୍ରାର୍ଥୀପତ୍ର ନାକଚ ଘଟଣାରେ କୌଣସି ଦୃଢ ପ୍ରତିବାଦ କରି ନାହାଁନ୍ତି, ସେ ଅଜ୍ଞାତବାସରେ ଚାଲିଯାଇଛନ୍ତି ।
ମୋ-୯୪୩୭୯୯୪୩୭୯

# ଲୋଡ଼ା କରୁଣାର ପ୍ରାକୃତିକ ଅଭିବ୍ୟକ୍ତି

**ପଞ୍ଚାନନ ବେହେରା**

> “ପରିବେଶ ହେଉଛି ଈଶ୍ୱରଙ୍କ ଧନ । ପ୍ରତ୍ୟେକ ବ୍ୟକ୍ତି ସେ ଚାଷୀ ହୁଅନ୍ତୁ କି କର୍ପୋରେଟ୍ ମୁଖ୍ୟ ହୁଅନ୍ତୁ ଅବା ଶାସକ ହୁଅନ୍ତୁ , ପରିବେଶ ଉପରେ ସମାନ ଭାବରେ ନିର୍ଭରଶୀଳ । ପରିବେଶକୁ ସମୃଦ୍ଧ କରିବାର ଚେତନା ଏବଂ ଏହାକୁ ପ୍ରଦୂଷିତ ନ କରିବା ହେଉଛି ଏକ ଆଧ୍ୟାତ୍ମିକ ନୀତି । ଏକ ସାମାଜିକ ଦାୟିତ୍ୱବୋଧ ଏବଂ କରୁଣାର ପ୍ରାକୃତିକ ଅଭିବ୍ୟକ୍ତି ।

ପୁଣି ରାଜ୍ୟରେ ଜଙ୍ଗଲ ନିଆଁ ଉପରମୁହାଁ ହୋଇଛି । ଏପ୍ରିଲ ୨୬ ତାରିଖ ସୁଦ୍ଧା ରାଜ୍ୟର ୫୨୧ ସ୍ଥାନରେ ଜଙ୍ଗଲ ଜଳୁଛି । ସେଥିରୁ ୪୭ ସ୍ଥାନରେ ଲାଗିଥିବା ନିଆଁ ବଡ଼ ଧରଣର । ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ଏହା ହେଉଛି ସଦ୍ୟତମ ସୂଚନା । ସେମିତି ଆମ ଦେଶ ପରିପ୍ରେକ୍ଷୀରେ ଖବରଟି ହେଉଛି ୨୪୮ ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି । ସେଥିରୁ ଉତ୍ତରାଖଣ୍ଡରେ ହେଉଛି ସର୍ବାଧିକ ୮୧ ଟି ସ୍ଥାନ । ତା'ପଛକୁ ବଡ଼ ଧରଣର ବନାଗ୍ନି ଓଡ଼ିଶାର ୪୭ ଟି ସ୍ଥାନରେ ଘଟିଛି । ସପ୍ତାହକ ମଧ୍ୟରେ ବଡ଼ ଧରଣର ଜଙ୍ଗଲ ନିଆଁ ବ୍ୟାପିବାରେ ଓଡ଼ିଶା ଦେଶରେ ସବୁଠୁ ଆଗରେ ରହିଛି ।
ସେମିତି ଅନ୍ୟ ଏକ ସୂଚନା ହେଉଛି ଯେ ୩୬୦ ଡିଗ୍ରୀ ଘୂର୍ଣ୍ଣୟମାନ ବ୍ୟବସ୍ଥା ଥିବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) କ୍ୟାମେରା ଜଙ୍ଗଲର ଯେଉଁ ସ୍ଥାନରେ ଧୂଆଁ ଉଠୁଛି, ତାହାକୁ ତୁରନ୍ତ ଚିହ୍ନଟ କରୁଛି,ତାହାରି ଆଧାରରେ ବନ ବିଭାଗ ନିଆଁ ଲିଭାଇବା ପାଇଁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରୁଛି । ଶିମିଳିପାଳ ଟାଇଗର ରିଜର୍ଭ(ଏସଟିଆର) ପାଇଁ ଏପରି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି । ତା'ଛଡ଼ା ଜଙ୍ଗଲର ଯେଉଁ କିଛି ସ୍ଥାନରେ ନିଆଁ ଲାଗୁଛି, ତାହାକୁ ପ୍ରକାଶିତ କରିବାରେ ପଦକ୍ଷେପମାନ ନିଆଯାଉଛି । ଫଳରେ ବନ୍ୟପ୍ରାଣୀ ସୁରକ୍ଷିତ ରହୁଥିବା ବନବିଭାଗ ପକ୍ଷରୁ କୁହାଯାଉଛି ।
ସାଧାରଣ ଲୋକେ ବନାଗ୍ନି ନେଇ ସେଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ । କାରଣ କଥାରେ କୁହାଯାଇଛି ‘ବନ ପୋଡିଗଲେ ସଭିଏଁ ଜାଣନ୍ତି..’ । ଏହି ଧାରାରେ ପ୍ରାୟତଃ ଚୁପ୍ ରହନ୍ତି । ମାତ୍ର ଯେଉଁମାନେ ଜଙ୍ଗଲକୁ ଭଲ ପାଆନ୍ତି ଓ ପରିବେଶ ସୁରକ୍ଷାରେ ଏହାର ମହତ୍ତ୍ୱପୂର୍ଣ୍ଣ ଅବଦାନ ସ୍ମରଣ ରଖନ୍ତି , ବିଶେଷ କରି ପରିବେଶରେ ଥିବା ମଣିଷସମାଜକୁ ଜୀବନଦାୟୀ ଅମ୍ଳଜାନ ଦେବାରେ ଜଙ୍ଗଲ ଯେଉଁ ଅତୁଳନୀୟ ଭୂମିକା ଗ୍ରହଣ କରେ ତାହା ସର୍ବଦା ଅନବଦ୍ୟ, ଏହା ସର୍ବଦା ସ୍ୱୀକାର୍ଯ୍ୟ ।
ପ୍ରଚୁର ଅମ୍ଳଜାନ ଯୋଗାଇବାରେ ପ୍ରକୃତି ପୃଷ୍ଠରେ ଯେତେ ଗଛ ଅଛି ତାହା ମଧ୍ୟରେ ଅଶ୍ୱତ୍ଥ ବା ଓସ୍ତ ଗଛ ବହୁ ମାତ୍ରାରେ ପ୍ରାଧାନ୍ୟ ରଖେ । ଉତ୍ତରପ୍ରଦେଶ,ଦିଲ୍ଲୀ ଏନସିଆର୍, ହରିୟାଣା, ମହାରାଷ୍ଟ୍ର, ଜାମ୍ମୁ-କାଶ୍ମୀର ,ହିମାଚଳ ପ୍ରଦେଶ, ରାଜସ୍ଥାନ ଏପରି ଅନ୍ୟୂନ ୧୮ ଟି ରାଜ୍ୟର ୨ ଶହରୁ ଅଧିକ ଜିଲ୍ଲାରେ ୨ କୋଟିରୁ ଅଧିକ ଗଛ ଲଗାଇଛନ୍ତି ସ୍ୱାମୀ ପ୍ରେମପରିବର୍ତ୍ତନ । ସେହି ୨ କୋଟିରୁ ପ୍ରାୟ ଅର୍ଦ୍ଧେକ ଗଛ ଓସ୍ତ ହୋଇଥିବା କାରଣରୁ ତାଙ୍କୁ ଅଶ୍ୱତ୍ଥ ବାବା ବୋଲି ଅନେକ ସମ୍ବୋଧନ କରନ୍ତି । ତାଙ୍କର ସ୍ୱେଚ୍ଛାସେବୀ ସଂଗଠନର ନାମ ଗିଭ୍ ମି ଟ୍ରିଜ୍ ଟ୍ରଷ୍ଟ । ତାଙ୍କ ନେତୃତ୍ୱରେ ୧୦ ହଜାରରୁ ଅଧିକ ସ୍ୱେଚ୍ଛାସେବୀ କାର୍ଯ୍ୟ କରିଆସୁଛନ୍ତି । ଗଛ ଲଗାଇବା ପାଇଁ ସେ କେମିତି ପ୍ରେରଣା ପାଇଲେ, ସେ ବିଷୟରେ ସାମାନ୍ୟ ଆଲୋକପାତ କରାଯାଇପାରେ । ଅଶ୍ୱତ୍ଥ ବାବାଙ୍କ ପିଲାଦିନର ନାମ ଆଜାଦ । ପଢୁଥିବା ସ୍କୁଲରେ ଶିକ୍ଷକ-ଶିକ୍ଷୟିତ୍ରୀ ପରିବେଶ କେତେ ମହତ୍ତ୍ୱପୂର୍ଣ୍ଣ, ଗଛଲତା କେତେ ଉପକାରୀ, ପୁଣି ଜଙ୍ଗଲ ଧ୍ୱଂସ ପାଇଲେ ଆଗକୁ ନଦୀନାଳ ଶୁଖିଯିବ,ଏପରି ଭାବେ ପ୍ରକୃତିର ଅପାର ମହିମା ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଆସୁଥିଲେ । ଯେତେବେଳେ ତାଙ୍କୁ ୧୦ ବର୍ଷ ବୟସ । ବିଦ୍ୟାଳୟର ସାଧାରଣତନ୍ତ୍ର ଦିବସ ପାଳନ ବେଳେ ସେ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କୁ ପଚାରିଲେ ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ, ତାହା ହେଉଛି- ପରିବେଶକୁ ବଞ୍ଚାଇବା ନିମନ୍ତେ ଆମେ କ'ଣ କରିପାରିବା ? ଉତ୍ତରରେ ଶିକ୍ଷୟିତ୍ରୀ କହିଥିଲେ- ଆମେ ସମସ୍ତେ ଗଛ ଲଗାଇବାର ଆବଶ୍ୟକତା ରହିଛି । ଆଜାଦ ଘରକୁ ଫେରିବାପରେ ସେହି ଏକା ପ୍ରଶ୍ନ କଲେ ତାଙ୍କ ଜେଜେମା'ଙ୍କୁ । ସେ ମଧ୍ୟ ଏକାପରି ଉତ୍ତର ଦେଲେ । ଏହା ପରେ ସେ ଚୁପ୍‌ଚାପ ନ ରହି ଘରର ମାଳିକକାଙ୍କ ସହ ଆଲୋଚନା କଲେ ଓ ନର୍ସରି ଯାଇ ୯ ଟି ଗଛଚାରା ଆଣି ବିଭିନ୍ନ ସ୍ଥାନରେ ଲଗାଇଲେ । ସେଗୁଡ଼ିକର କ୍ରମେ ଯତ୍ନ ନେଲେ । ଇଂରାଜୀ ଭାଷାରେ ସ୍ନାତକୋତ୍ତର କରିଥିବା ଏହି ଅଶ୍ୱତ୍ଥ ବାବା ଭିନ୍ନ ଭିନ୍ନ କଂପାନୀରେ ଅଫିସର ଭାବେ କାର୍ଯ୍ୟ କରିଛନ୍ତି । ତାଙ୍କର ବିଶେଷତ୍ୱ ଯେ ଗଛ ଲଗାଇ ସେ ସେହିଭଳି ଛାଡ଼ି ଦିଅନ୍ତି ନାହିଁ । ପରବର୍ତ୍ତୀ ସମୟରେ ତାହାର ଯତ୍ନ ନିଅନ୍ତି ଓ ଅନ୍ୟମାନଙ୍କ ଜରିଆରେ ରକ୍ଷଣାବେକ୍ଷଣ କରିଥାଆନ୍ତି ।
ଏକଦା ମହାରାଷ୍ଟ୍ରର କଲ୍ୟାଣ ନିକଟବର୍ତ୍ତୀ ପୋହି ନାମକ ଏକ ଗ୍ରାମର ଲୋକେ ସ୍ଥାନୀୟ ଏକ ପତିତ/ ପରିତ୍ୟକ୍ତ ଅଞ୍ଚଳକୁ ଜୈବବିବିଧତାର ଏକ ସୁନ୍ଦର ସ୍ୱର୍ଗରେ ପରିଣତ କରିଥିଲେ । ସେ ସଂପର୍କରେ ଏକ ଓ୍ୱେବସାଇଟ ଭିଲେଜସ୍କୋୟାରଡଟ୍‌ଇନରୁ ସୂଚନା ମିଳେ । ଗ୍ରାମବାସୀ ସେହି ପତିତ ଜମିକୁ ଜଙ୍ଗଲରେ ପରିଣତ କରି ତାହାର ଯେତେବେଳେ ରକ୍ଷଣାବେକ୍ଷଣ କଲେ ଅଞ୍ଚଳରୁ ନିଶ୍ଚିହ୍ନପ୍ରାୟ ଥିବା ବନ୍ୟଜନ୍ତୁ ହରିଣ, ବିଲୁଆ, ବାର୍‌ହା, ମୟୂର ବିଭିନ୍ନ ରଙ୍ଗବେରଙ୍ଗର ପ୍ରଜାପତିଙ୍କ ତାହା ନିବାସସ୍ଥଳୀ ପାଲଟିଲା । ଜଙ୍ଗଲରେ ଗଛକଟା ବନ୍ଦ ହେଲା । ଜବରଦଖଲକାରୀଙ୍କ ଜବର କମିଲା । ବନାଗ୍ନି ବା ଜଙ୍ଗଲରେ ନିଆଁ ଧରିବା ମଧ୍ୟ ବନ୍ଦ ହେଲା ।
ଗଛ ଓ ଜଙ୍ଗଲ ଆମ ପରିବେଶର ଅଙ୍ଗ । କୁହାଯାଏ ଯେ ସୃଷ୍ଟିର ପ୍ରାକ୍‌କାଳରେ ପୃଥିବୀପୃଷ୍ଠରେ ଅମ୍ଳଜାନର ଅସ୍ତିତ୍ୱ ନ ଥିଲା । ପ୍ରଥମେ ଉଦ୍ଭିଦମାନେ ଜନ୍ମ ନେଇ ଅମ୍ଳଜାନ ସଂଚାର କଲେ । ପରବର୍ତ୍ତୀ କାଳରେ ବିଭିନ୍ନ ଜାତି,ଆକୃତି ଓ ପ୍ରକୃତିର ପ୍ରାଣୀମାନେ ସୃଷ୍ଟି ହେଲେ ଏବଂ ସେମାନଙ୍କୁ ବଞ୍ଚାଇ ରଖିବାରେ ଉଦ୍ଭିଦ ହିଁ ସହାୟକ ହେଲେ । ଏକ ସମୃଦ୍ଧ ପୃଥିବୀ ଓ ଅମ୍ଳଜାନର ପ୍ରାବଲ୍ୟ ନିମନ୍ତେ ଜଙ୍ଗଲର ସୁରକ୍ଷା ପ୍ରତି ଯତ୍ନ ଦେବାକୁ ହେବ । ବ୍ୟାପକ ବୃକ୍ଷରୋପଣ ସାଙ୍ଗକୁ ସେସବୁର ଉଚିତ ଧ୍ୟାନ ନେବାକୁ ହେବ । ମନେ କରାଯାଉ, ପୃଥିବୀର ସମସ୍ତ ଜଙ୍ଗଲକୁ ଧ୍ୱଂସ କରି ଦିଆଯାଏ, ତାହାଦ୍ୱାରା ମାନବ ସମାଜ ତିଷ୍ଠିପାରିବ କି ? ଏଥିରେ ସନ୍ଦେହ ନାହିଁ ଯେ ଯେଉଁ ସବୁ ଅଞ୍ଚଳ ଜଙ୍ଗଲିଆ ପରିବେଶରେ ଅବସ୍ଥିତ ବା ଉଦ୍ଭିଦରେ ଭରପୂର,ସେଠାକାର ଲୋକେ ପରିବେଶର ସୁଖ ଅନୁଭବ କରିଥାଆନ୍ତି । ମାତ୍ର ଯେଉଁଠି ଗଛକଟା ଅବାଧରେ ଚାଲିଥାଏ ବା ବନାଗ୍ନି ଦ୍ୱାରା ଜଙ୍ଗଲ ନଷ୍ଟ ହୋଇଚାଲିଥାଏ ,ସେହି ଅଞ୍ଚଳର ପରିବେଶ ଉପରେ ପ୍ରତିକୂଳ ପ୍ରଭାବ ପଡିବ କି ନାହିଁ ?
ଜଙ୍ଗଲ କଟା ଓ ବନାଗ୍ନି ପଛରେ ଦାୟୀ କେଉଁମାନେ ତାହା ସମସ୍ତେ ଜାଣନ୍ତି । ଯେଉଁଠି ବ୍ୟକ୍ତିଗତ ସ୍ୱାର୍ଥ,ଉଦଗ୍ର ଲାଳସା,ଲୋଭ ସ୍ଥାନ ପାଏ ସେଠାରେ ଜନ୍ମ ନିଏ ଅବିଚାର ତଥା ବିବେକଶୀଳତା । ଏବଂ ତାହାର ଦୁଷ୍ପରିଣାମରୁ ହିଁ ଜଙ୍ଗଲ ଧ୍ୱଂସ,ବନାଗ୍ନି ପ୍ରଭୃତି ଘଟିଥାଏ । ମହୁଲ ଗଛରୁ ଝରିପଡୁଥିବା ଫୁଲ ସଂଗ୍ରହ ଲାଗି ତଳେ ଥିବା ଶୁଖିଲାପତ୍ରରେ ନିଆଁ ଲଗାଇବା, କେଉଁଠି ଘଞ୍ଚ ଶୁଖିଲାପତ୍ର ଜମା ଯୋଗୁଁ ପାଦଚଲା ରାସ୍ତା ଲୁଚି ଯାଇଥିଲେ ରାସ୍ତାକୁ ଚିହ୍ନଟ କରିବା ଲାଗି ନିଆଁ ଲଗାଇବା , କେଉଁଠି ମାଂସ ଆହାର ପାଇଁ ବନ୍ୟଜନ୍ତୁ ଶିକାର ଲାଗି ଜାଲ,ଫାଶ ଦୁଇପଟେ ପକାଇ ଅପରପାର୍ଶ୍ୱରେ ନିଆଁ ଲଗାଇବା, କାଠ କାଟିବା ହେଉ କି ଲଘୁ ବନ୍ୟଜାତ ଦ୍ରବ୍ୟ ସଂଗ୍ରହ ଲକ୍ଷ୍ୟରେ ନିଆଁ ଲଗାଇବା, ଭୋଜିଭାତ କରିବା ହେଉ କି ଧୂମପାନ କରିବା ପରେ ଜଳନ୍ତା ବିଡି, ସିଗାରେଟ୍‌ର ଅବଶେଷ ଏଣେତେଣେ ପକାଇବା ଏବଂ ସେଥିରୁ ନିଆଁ ବ୍ୟାପିବା, ପୁଣି ଜଙ୍ଗଲ ଅଧିକାରୀ ଅବା କର୍ମଚାରୀ ତାଗିଦା କରୁଛନ୍ତି ବୋଲି ରାଗ ଶୁଝାଇବା ପାଇଁ ଅସହିଷ୍ଣୁମାନେ ଜଙ୍ଗଲରେ ନିଆଁ ଲଗାଇବା,ଅବା ପୋଡୁଚାଷ ପାଇଁ ନିଆଁ ଲଗାଇ ଏକ ଅଞ୍ଚଳକୁ ଧ୍ୱଂସ କରି ମାଟିରେ ମିଶାଇବା ଏସବୁ ଜାରି ରହୁଛି । ବନାଗ୍ନି ଯୋଗୁଁ ହେଉଥିବା କ୍ଷୟକ୍ଷତିର ଭରଣା କେବେ ହେବ କାହା ନିକଟରେ ସେଥିନେଇ ଉତ୍ତର ନଥାଏ । ବନଜାତ ଦ୍ରବ୍ୟ ସଂଗ୍ରହ ଯେଉଁଠି ଉତ୍କଟ ଦାରିଦ୍ର୍ୟ ସେଠାରେ ରହୁଥିବାରୁ ନିର୍ଭରଶୀଳ ଗରିବ ଲୋକଙ୍କ ଜୀବିକା ନିର୍ବାହ ଲାଗି ପ୍ରଶାସନିକ ସ୍ତରରେ ବ୍ୟବସ୍ଥା ଲୋଡା । ମାତ୍ର ଯେଉଁଠି ଶିକାରୀ ବା ମାଫିଆମାନଙ୍କ ପ୍ରାଦୁର୍ଭାବ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଛଡ଼ା ଅନ୍ୟ ପନ୍ଥା ନାହିଁ ।
ଉପନିଷଦର ଏକ ବାଣୀ ‘ବସୁଧୈବ କୁଟୁମ୍ବକମ୍’ ।ଏଥିରେ ଥିବା ବସୁଧା ଶବ୍ଦରୁ ବସୁ ଶବ୍ଦର ଅର୍ଥ ସଂପଦ ଓ ଧା'ର ଅର୍ଥ ଯିଏ ଏହାକୁ ଧାରଣ କରିଛି, ତାହା ହେଉଛି ବସୁଧା । ଯିଏ ଧାରଣ କରିଛି ସମଗ୍ର ପରିବେଶକୁ ,ସେ ହେଉଛି ଏହି ଧରିତ୍ରୀ । ତେଣୁ ଧରିତ୍ରୀ ମହିମାନ୍ୱିତ । ତା' ସାଙ୍ଗକୁ ପରିବେଶ । ଜଣେ ଆଧ୍ୟାତ୍ମିକବିତ୍ ରାଧାନାଥ ସ୍ୱାମୀ ମହାରାଜା ଏକଦା ଉଲ୍ଲେଖ କରିଥିଲେ ପରିବେଶ ସଂପର୍କରେ,ତାହା ହେଉଛି - ପରିବେଶ ହେଉଛି ଈଶ୍ୱରଙ୍କ ଧନ । ପ୍ରତ୍ୟେକ ବ୍ୟକ୍ତି ସେ ଚାଷୀ ହୁଅନ୍ତୁ କି କର୍ପୋରେଟ୍ ମୁଖ୍ୟ ହୁଅନ୍ତୁ ଅବା ଶାସକ ହୁଅନ୍ତୁ , ପରିବେଶ ଉପରେ ସମାନ ଭାବରେ ନିର୍ଭରଶୀଳ । ପରିବେଶକୁ ସମୃଦ୍ଧ କରିବାର ଚେତନା ଏବଂ ଏହାକୁ ପ୍ରଦୂଷିତ ନ କରିବା ହେଉଛି ଏକ ଆଧ୍ୟାତ୍ମିକ ନୀତି । ଏକ ସାମାଜିକ ଦାୟିତ୍ୱବୋଧ ଏବଂ କରୁଣାର ପ୍ରାକୃତିକ ଅଭିବ୍ୟକ୍ତି ।
ସାନବଜାର,ଗଞ୍ଜାମ

# ଭାରତୀୟ ଜ୍ଞାନ ପରମ୍ପରା ହିଁ ଗଣତନ୍ତ୍ରର ସ୍ରଷ୍ଟା ଓ ମାର୍ଗଦର୍ଶକ

**ଗୋପାଳ ମହାପାତ୍ର**

> “ରାଜା ଦଶରଥ ଏକଥା ମଧ୍ୟ କହିଥିଲେ “ଜଣେ ରାଜାଙ୍କର ନିଜର ବୋଲି କିଛି ନଥାଏ । ସବୁ କିଛି ରାଜ୍ୟର ହୋଇଯାଇଥାଏ । କିନ୍ତୁ ଆବଶ୍ୟକ ପଡ଼ିଲେ ରାଜାଙ୍କୁ ନିଜର ରାଜ୍ୟ ଏବଂ ପ୍ରଜାଙ୍କ ହିତ ପାଇଁ ସ୍ତ୍ରୀ, ସନ୍ତାନ, ମିତ୍ର ଏପରିକି ପ୍ରାଣ ମଧ ତ୍ୟାଗ କରିବାକୁ ପଡ଼ିଥାଏ । ଏଥିପାଇଁ ରାଜା ସଙ୍କୋଚ କରିନଥାନ୍ତି । କାରଣ ରାଜ୍ୟ ହିଁ ତାଙ୍କର ମିତ୍ର ଏବଂ ରାଜ୍ୟ ହିଁ ତାଙ୍କ ପରିବାର ।”

ଭାରତୀୟ ଜ୍ଞାନ ପରମ୍ପରା ସାର୍ବଭୌମ ଏବଂ ଚିରନ୍ତନ । ଆମେ ସବୁବେଳେ କେବଳ ଭାରତ ନୁହେଁ ପରନ୍ତୁ ସମ୍ପୂର୍ଣ୍ଣ ଜଗତର କଥା ଚିନ୍ତା କରିଥାଉ । ଆମର ବୈଚାରିକ ଶକ୍ତିର ପ୍ରେରଣା ମାନବ କଲ୍ୟାଣର ଚିନ୍ତାରେ ପ୍ରେରିତ ହୋଇଥାଏ । ଭାରତୀୟ ମନୀଷୀମାନେ କେବଳ ମନୁଷ୍ୟ ଉପରେ ଗବେଷଣା କରିଥିଲେ ତା ନୁହେଁ, ସେମାନେ ବନସ୍ପତି, ନଦୀ, ପାହାଡ଼, ଜଳାଶୟ, ଜଳଚର ଓ ସ୍ଥଳଚର ଜୀବଙ୍କ ଉପରେ ମଧ ଗଭୀର ଗବେଷଣା କରିଥିଲେ ଏବଂ ଏସବୁର ସଂରକ୍ଷଣ ସମ୍ବର୍ଦ୍ଧନ ତଥା ପୋଷଣ ଉପରେ ମଧ ଚିନ୍ତା କରିଥିଲେ । ଆମର ଚିନ୍ତନ ପରମ୍ପରାର ବ୍ୟାପକତା ସାରା ବିଶ୍ୱକୁ ଏକ ସମାନ ଭାବି ସମଗ୍ରତାରେ ବିଚାର କରୁଥିଲା । ଆମର ପ୍ରାଚୀନ ଗ୍ରନ୍ଥ ଭାରତର ଅମୂଲ୍ୟ ଜ୍ଞାନ ପରମ୍ପରା ଆଧାରଭୂତ ସ୍ତମ୍ଭ । ଋଷି ମୁନିମାନଙ୍କ ଠାରୁ ଓ ବେଦରୁ ଆମକୁ ଲୋକ କଲ୍ୟାଣ ଉଦ୍ଦେଶ୍ୟରେ ଶିକ୍ଷା ଗ୍ରହଣ କରିବା ପାଇଁ ପ୍ରେରଣା ମିଳିଥାଏ । ଶିକ୍ଷା ସ୍ୱହିତ ପାଇଁ ନୁହେଁ ବରଂ ସର୍ବହିତ ପାଇଁ ଉଦ୍ଦିଷ୍ଟ । ଶିକ୍ଷା ପ୍ରାପ୍ତ କରି ସମାଜକୁ ଆଲୋକିତ କରିବା ପାଇଁ ଋଷିମୁନିମାନେ ପ୍ରେରଣା ଦେଇଥାନ୍ତି । ଆମ ଋଷିମୁନିମାନେ ସୂକ୍ଷ୍ମତା ନୁହେଁ ବରଂ ସମଗ୍ରତାର ଦୃଷ୍ଟିରେ ସମସ୍ତଙ୍କୁ ଆପଣେଇ ଥାନ୍ତି । ସଂକୀର୍ଣ୍ଣ ଭାବଠାରୁ ଆମ ଜ୍ଞାନ ପରମ୍ପରା ବହୁ ଦୂରରେ । ଏବେ କିନ୍ତୁ ସଂକୀର୍ଣ୍ଣଭାବ ବିଶ୍ୱଶାନ୍ତି ପାଇଁ ବିପଦ ସାଜିଛି । ପ୍ରାଚୀନ ସଭ୍ୟତାକୁ ନେଇ ସଙ୍ଘର୍ଷ ଦେଖାଦେଇଛି । ଏସବୁର ସମାଧାନର ବାଟ ଭାରତୀୟ ଚିନ୍ତନର ସମଗ୍ରତାରେ ନିହିତ । ଆମ ଅଦ୍ୱୈତ ଜ୍ଞାନ ପରମ୍ପରା କହେ ଯେ ସମ୍ପୂର୍ଣ୍ଣ ଜଗତ ବ୍ରହ୍ମଙ୍କର ହିଁ ପ୍ରକୃତି ଅଟେ । ଏକମାତ୍ର ଚେତନ ନିତ୍ୟ ଏବଂ ମୂଳତ୍ତ୍ୱ ଯାହା ଅଖଣ୍ଡ ଅନନ୍ତ ନିର୍ଗୁଣ ଏବଂ ସତ୍ୟ ତଥା ଆନନ୍ଦ ଯୁକ୍ତ ଅଟେ । ପ୍ରତ୍ୟେକ ତତ୍ତ୍ୱ ଏବଂ ପ୍ରତ୍ୟେକ ବସ୍ତୁର କ'ଣ କ'ଣରେ ବ୍ରହ୍ମ ବ୍ୟାପ୍ତ ଏବଂ ଶେଷରେ ବିନାଶ ହୋଇ ସବୁ ପରମବ୍ରହ୍ମରେ ବିଲୀନ ହୋଇଥାନ୍ତି । ଏବର ଯୁବବର୍ଗଙ୍କୁ ଜ୍ଞାନ ଏବଂ ସମୃଦ୍ଧି ପରମ୍ପରା ସହ ପରିଚିତ କରାଇବା ଉଦ୍ଦେଶ୍ୟରେ ଏବେ ଏକ ଯୋଜନା ଆରମ୍ଭ ହୋଇଛି । ଭାରତ ଏଭଳି ଏକ ଅନୁପମ ବା ସୁନ୍ଦର ଦେଶ ଯେଉଁ ଦେଶ ଉପରେ ଅନେକବାର ଆକ୍ରମଣ ହୋଇଛି । ବିଦେଶୀ ସଭ୍ୟତାର ଅତିକ୍ରମଣ ସତ୍ତ୍ୱେ ଭାରତୀୟ ପରମ୍ପରା ତାର ମୌଳିକତା ଏବଂ ସାର୍ବଭୌମିକତାକୁ ହରାଇ ନଥିଲା । ନିଜର ପ୍ରାଚୀନ ଜ୍ଞାନ ଏବଂ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତ୍ତବ୍ୟ ଅଟେ । କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ. ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଏବଂ କୃଷି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଏବଂ ଗବେଷଣା ଉପଲବ୍ଧ ଅଟେ ।
ହଜାର ହଜାର ବର୍ଷ ପୂର୍ବରୁ ପ୍ରଶ୍ନୋତ୍ତର ଏବଂ ଶାସ୍ତ୍ରାର୍ଥର ବିଚାର ପରମ୍ପରା ଭାରତରେ ରହିଆସିଛି । ଭାରତୀୟ ଗଣତାନ୍ତ୍ରିକ (ଲୋକତାନ୍ତ୍ରିକ) ସିଦ୍ଧାନ୍ତରେ ଶାସକ ଏବଂ ଶାସିତ ବା ପ୍ରଜାଙ୍କୁ ପିତା ପୁତ୍ର ଭାବେ ଦେଖା ଯାଇଥାଏ । ଆମର ପ୍ରାଚୀନ ଲୋକତାନ୍ତ୍ରିକ ଅବଧାରଣାରେ କର୍ତ୍ତବ୍ୟ ପାଳନ ହିଁ ଧର୍ମ ଅଟେ । ଶାସକର ଦାୟିତ୍ୱ ପ୍ରଜାଧର୍ମ ପାଳନ କରିବା । ସମାବେଶିତା, ସ୍ୱୀକାର୍ଯ୍ୟତା, ସମାନତା ଏବଂ ସ୍ୱତନ୍ତ୍ରତା ଆମର ଲୋକତାନ୍ତ୍ରିକ ବ୍ୟବସ୍ଥାର ଆଧାର ଅଟେ । ଆମ ଶାସନ ବ୍ୟବସ୍ଥାରେ ଜନ ସହଯୋଗକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ । ଋଗ୍‌ବେଦ ଏବଂ ଅଥର୍ବ ବେଦରେ ସଭା ସମିତି ଏବଂ ସଂସଦର କଥା ଉଲ୍ଲେଖ ରହିଛି । “ଏକ ସଦ୍‌ବିପ୍ରା ବହୁଧା ବଦନ୍ତି” ର ଦର୍ଶନ ଭାରତର ଋଷିମୁନିମାନେ ଋଗ୍‌ବେଦରେ ଉଲ୍ଲେଖ କରିଛନ୍ତି । ପ୍ରସିଦ୍ଧ ଗ୍ରନ୍ଥ ଅଷ୍ଟାଧ୍ୟାୟୀରେ ଲୋକତାନ୍ତ୍ରିକ ସଂସ୍ଥାମାନଙ୍କ ବାବଦରେ ବ୍ୟାପକ ଚର୍ଚ୍ଚା କରାଯାଇଛି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ମହାନ ଅର୍ଥଶାସ୍ତ୍ରବିଦ୍ ତଥା ବିଚାରକ କୌଟିଲ୍ୟ ଲେଖିଛନ୍ତି ଯେ ଲୋକଙ୍କ କଲ୍ୟାଣ ହିଁ ଶାସକଙ୍କୁ ଆନନ୍ଦ ଦେଇପାରିଥାଏ ।
ସ୍ପଷ୍ଟଭାବେ କହିବାକୁ ଗଲେ ଭାରତରେ ଲୋକତାନ୍ତ୍ରିକ ସିଦ୍ଧାନ୍ତର ସ୍ଥାୟୀଭାବ ହିଁ ଜନସେବା । କଳିଙ୍ଗ ଯୁଦ୍ଧ ପରେ ସମ୍ରାଟ ଅଶୋକ ତାଙ୍କ ଶାସନ ବ୍ୟବସ୍ଥାକୁ ପୁନଃ ବ୍ୟବସ୍ଥିତ କରି ଯେଉଁ ପ୍ରଣାଳୀର ସ୍ଥାପନା କରିଥିଲେ ସେଥିରେ ପ୍ରତି ୫ ବର୍ଷରେ ମନ୍ତ୍ରୀ ସ୍ତରୀୟ ନିର୍ବାଚନର ବ୍ୟବସ୍ଥା ଥିଲା । ଭାରତୀୟ ଲୋକତନ୍ତ୍ରକୁ ପାଶ୍ଚାତ୍ୟ ଦୃଷ୍ଟିରେ ଦେଖିବା ପରିବର୍ତ୍ତେ ଆମେ ଆମ ପ୍ରାଚୀନ ଋଷିମୁନୀମାନଙ୍କ ଦୃଷ୍ଟିରେ ଦେଖିବା ଆବଶ୍ୟକ ।
ଆମ ଦେଶରେ ଅନେକ ଉଦାହରଣ ରହିଛି ଯେ ଶାସକମାନେ ପ୍ରଜାମାନଙ୍କ କଲ୍ୟାଣ ପାଇଁ ନିଜର ବ୍ୟକ୍ତିଗତ ସୁଖକୁ ମଧ ଜଳାଞ୍ଜଳି ଦେଇଛନ୍ତି । ଉତ୍ତର ବୈଦିକ ଯୁଗର ଶାସନ ପ୍ରଣାଳିର ଉଦାହରଣ ଅଣ ରାଜତନ୍ତ୍ରୀୟ ଗଣତାନ୍ତ୍ରିକ ରାଜ୍ୟରେ ମିଳିଥାଏ । ଗଣର ଅର୍ଥ ସଂଖ୍ୟା ଯାହାର ଉଦ୍ଦେଶ୍ୟ ବର୍ତ୍ତମାନ କାଳର ଗଣରାଜ୍ୟ । ଏକ ବ୍ୟକ୍ତିଠାରେ ରହିଥିବା ଅଧିକାରର ବିପରୀତ ଅନେକ ଲୋକଙ୍କ ଦ୍ୱାରା ଶାସିତ ରାଜ୍ୟ । ବର୍ତ୍ତମାନର ଭୋଟ ଗଣତି ଭଳି ଗଣଙ୍କ ମଧରେ ମାନବ ପ୍ରଥା ପ୍ରଚଳିତ ଥିଲା ଯେଉଁଥିରୁ ସ୍ପଷ୍ଟ ଯେ ପ୍ରାଚୀନ ଭାରତରେ କୌଣସି ନା କୌଣସି ରୂପରେ ସଂସଦର ଅସ୍ତିତ୍ୱ ଥିଲା ।
ଭାରତ ଏବେ ବିଶ୍ୱର ସର୍ବବୃହତ୍ତମ ଗଣତନ୍ତ୍ରରେ ପରିଣତ ହୋଇଛି । ଗଣତାନ୍ତ୍ରିକ ବ୍ୟବସ୍ଥା ଦେଶକୁ ଆଗକୁ ବଢିବାର ସୁଯୋଗ ଦେଇଛି । ଆମର ବ୍ୟବସ୍ଥା ନିର୍ବାଚିତ ପ୍ରତିନିଧିମାନେ ଚଳାଉଛନ୍ତି । ଭାରତର ଭବିଷ୍ୟତ ମଧ ଏମାନଙ୍କ ଦୃଷ୍ଟିଭଙ୍ଗୀ ଏବଂ କାର୍ଯ୍ୟ ଉପରେ ନିର୍ଭର କରେ । ସାଧାରଣ ଜନତାସେମାନଙ୍କ ବହୁମୂଲ୍ୟ ଭୋଟ ମାଧମରେ ନିଜର ପ୍ରତିନିଧିମାନଙ୍କୁ ନିର୍ବାଚିତ କରି ସେମାନଙ୍କୁ ସାମର୍ଥ୍ୟବାନ କରିଥାନ୍ତି । ଫଳରେ ସେମାନେ ଜନତାଙ୍କ ସ୍ୱାର୍ଥ ଏବଂ ରାଷ୍ଟ୍ର ଏବଂ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ସୁଚାରୁରୂପେ କରିପାରିବେ । ଆମର ନିର୍ବାଚନ ରାଷ୍ଟ୍ରୀୟ ବିକାଶର ରୂପରେଖ ସ୍ଥିର କରିଥାଏ । ରାଜ୍ୟାଭିଷେକର ଦିନକ ପୂର୍ବରୁ ରାଜା ଦଶରଥ ଶ୍ରୀରାମଙ୍କୁ କହିଥିଲେ “ହେ ପୁତ୍ର କାଲି ତୁମର ରାଜ୍ୟାଭିଷେକ ହେବ, ତୁମକୁ ରାଜମୁକୁଟ ପିନ୍ଧାଯିବ । କିନ୍ତୁ ଏକଥା ମନେ ରଖିବାକୁ ପଡ଼ିବ ଯେ ଯିଏ ରାଜମୁକୁଟ ପିନ୍ଧେ ସେ ନିଜକୁ ନିଜର ରାଜ୍ୟ ଓ ନିଜର ପ୍ରଜାଙ୍କ ନିକଟରେ ସମର୍ପି ଦେଇଥାଏ । ଜଣେ ରାଜା ହେବାର ଅର୍ଥ ସନ୍ନ୍ୟାସୀ ହୋଇଯିବା ।” ଏକଥା ଆମ ଆଦର୍ଶ ବ୍ୟବସ୍ଥାର ଲୌକିକ ମାର୍ଗଦର୍ଶନ ଅଟେ । ଆମ ଭାରତୀୟ ଗ୍ରନ୍ଥ ଆମର ମାର୍ଗଦର୍ଶକ । ରାଜା ଦଶରଥ ଏକଥା ମଧ କହିଥିଲେ “ଜଣେ ରାଜାଙ୍କର ନିଜର ବୋଲି କିଛି ନଥାଏ । ସବୁ କିଛି ରାଜ୍ୟର ହୋଇଯାଇଥାଏ । କିନ୍ତୁ ଆବଶ୍ୟକ ପଡ଼ିଲେ ରାଜାଙ୍କୁ ନିଜର ରାଜ୍ୟ ଏବଂ ପ୍ରଜାଙ୍କ ହିତ ପାଇଁ ସ୍ତ୍ରୀ, ସନ୍ତାନ, ମିତ୍ର ଏପରିକି ପ୍ରାଣ ମଧ ତ୍ୟାଗ କରିବାକୁ ପଡ଼ିଥାଏ । ଏଥିପାଇଁ ରାଜା ସଙ୍କୋଚ କରିନଥାନ୍ତି । କାରଣ ରାଜ୍ୟ ହିଁ ତାଙ୍କର ମିତ୍ର ଏବଂ ରାଜ୍ୟ ହିଁ ତାଙ୍କ ପରିବାର ।”
ଭାରତୀୟ ଜ୍ଞାନ ପରମ୍ପରା ଏଭଳି ଅମୂଲ୍ୟ ଯେ ହଜାର ହଜାର ବର୍ଷ ପର୍ଯ୍ୟନ୍ତ ଜ୍ଞାନ, ବିଜ୍ଞାନ ଏବଂ ଗବେଷଣା କ୍ଷେତ୍ରରେ ଆମର ମାର୍ଗଦର୍ଶନ କରାଇ ପାରିବ । ଏକ ଆଦର୍ଶ ସମାଜର ରଚନା ବା ଗଠନ କେମିତି ହେବ ଏବଂ ସମାଜର କଲ୍ୟାଣ ଏବଂ ଉନ୍ନତି ପାଇଁ ସରକାରର ନିର୍ବାଚନ କେଉଁ ମାନଦଣ୍ଡ ଉପରେ ହେବା ଉଚିତ ଏହାର ବ୍ୟାପକ ଚର୍ଚ୍ଚା ଆମର ଚିରନ୍ତନ ବିଚାରର ଅଭିନ୍ନ ଅଙ୍ଗ । ଆମର ପ୍ରାଚୀନ ଜ୍ଞାନକୁ ସଂରକ୍ଷିତ କରି ଯୁବବର୍ଗଙ୍କୁ ଜ୍ଞାନରେ ସମୃଦ୍ଧି କରିବାର ଦାୟିତ୍ୱ ମଧ ଆମର ।
**ରାମଚନ୍ଦ୍ରପୁର**
**ରଣପୁର**

## ବିଜୟ ପଟ୍ଟନାୟକଙ୍କ ଗ୍ରାମସଭା ମାଧ୍ୟମରେ ପ୍ରଚାର

କାଶୀନଗର,(ନିପ୍ର): ପାରଳାଖେମୁଣ୍ଡି ନିର୍ବାଚନ କ୍ଷେତ୍ରର କଂଗ୍ରେସ ପ୍ରାର୍ଥୀ ଅବସରପ୍ରାପ୍ତ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ କାଶୀନଗର ବ୍ଲକ୍ ଅନ୍ତର୍ଗତ ସିଗିଡି ଗାଁ ଗସ୍ତ କରି ଲୋକଙ୍କ ଦୁଃଖ ଶୁଣି ଉଦ୍‌ବେଗ ପ୍ରକାଶ କରିଛନ୍ତି। ଗାଁରେ ଅଧିକାଂଶ ଲୋକ ମୌଳିକ ସୁବିଧାରୁ ବଞ୍ଚିତ ଥିବା ଦେଖି ସେ ପୂରା ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସବୁଠୁ ବିଡ଼ମ୍ବନାର କଥା ହେଉଛି ଯେ, ଦୀର୍ଘ ପାଞ୍ଚ ବର୍ଷ ହେଲା



ବିଜେପି ସରକାର ପାରଳାଖେମୁଣ୍ଡି ବିଧାନସଭା ଆସନରେ ବସି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା କମ୍ କରିବାର କଥା କହୁଥିବା ବେଳେ ଆଜି ସ୍ଥିତି ଆହୁରି ବିଗିଡ଼ି ଯାଇଛି। ବର୍ତ୍ତମାନ ଶାସନ କାଳରେ ଲୋକଙ୍କ ଅବସ୍ଥା ଆହୁରି ଖରାପ ହେଇଛି। କଂଗ୍ରେସ ସରକାର ଆସିଲେ ଲୋକଙ୍କ ଜୀବନଶୈଳୀରେ ନିଶ୍ଚିତ ପରିବର୍ତ୍ତନ ଆସିବ ତତ୍‌ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଗ୍ରାମବାସୀଙ୍କ ସହ ଆଲୋଚନାରେ ଦୃଢତାର ସହ କହି କଂଗ୍ରେସ ଦଳକୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜିତେଇବାକୁ କହିଥିଲେ।

## ଓଡ଼ିଆ ସ୍ୱାଭିମାନର ସୁରକ୍ଷା ଦିଗରେ ମଧୁବାବୁଙ୍କ ବହୁମୂଲ୍ୟ ଯୋଗଦାନ ଚିରସ୍ମରଣୀୟ

କାଶୀନଗର,(ନିପ୍ର): କାଶୀନଗର ବଂଶଧାରା ପାଠାଗାର ଠାରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜନ୍ମ ଜୟନ୍ତୀ ପାଠାଗାର ସଭାପତି ହୃଷିକେଶ ଗୌଡ଼ ଓ ପ୍ରେସ କ୍ଲବ ସଭାପତି ଆନନ୍ଦ ପାତ୍ରଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ କାଶୀନଗର ଅଂଚଳର ବହୁ ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ଆରମ୍ଭ ହୋଇଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସହ ଶିଳ୍ପ, ଶିକ୍ଷା, ସାହିତ୍ୟର ପ୍ରସାର ତଥା ଓଡ଼ିଆ ସ୍ୱାଭିମାନର ସୁରକ୍ଷା ଦିଗରେ ତାଙ୍କର ବହୁମୂଲ୍ୟ ଯୋଗଦାନ ଚିରସ୍ମରଣୀୟ ବୋଲି ବକ୍ତ୍ୟବ୍ୟ ମାନ ରଖିଥିଲେ।

## ଗୁଣୁପୁର ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ

ଗୁଣୁପୁର,(ନିପ୍ର): ସ୍ଥାନୀୟ ଗୁଣୁପୁର ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ତଥା ଓକିଲ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସେକ ମହମ୍ମଦ କ୍ୱାଇସ ଯୋଗଦେଇ



ମଧୁବାବୁଙ୍କ କୁଟୀର ଶିଳ୍ପ ତଥା ତାଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଉପଖଣ୍ଡୀୟ ଦେଓ୍ୱାନୀ ବିଚାରପତି ସନ୍ତୋଷ କୁମାର ମହାପାତ୍ର ଓ ଅନୁ ବିଭାଗ ବିଚାର ବିଭାଗୀୟ ଦଣ୍ଡାଧିକାରୀ ତଥା ଦେଓ୍ୱାନୀ ବିଚାରପତି (କନିଷ୍ଠ ବିଭାଗ)ସାନ୍ତଶ୍ରୀ ମହାନ୍ତି ମଞ୍ଚାସୀନ ଥିଲେ। ସଂଘର ସଭାପତି ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାକୁ ସଂପାଦକ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ସଂଯୋଜନା କରିଥିବା ବେଳେ ଗଣେଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ସଂଘର ବରିଷ୍ଠ ଓ କନିଷ୍ଠ ଓକିଲମାନେ ଉପସ୍ଥିତ ରହି ମଧୁବାବୁଙ୍କ ଜୀବନୀ ବିଷୟରେ ଆଲୋଚନା କରିଥିଲେ

## ଖଣ୍ଡପଡ଼ା : ବିଜେପିରେ ଗୋଷ୍ଠୀ କନ୍ଦଳ

### ଦଳକୁ ହରେଇବା ପାଇଁ ଛାମୁଆ ନେତାଙ୍କ ଚକ୍ରାନ୍ତ !

ଭାପୁର,(ନିପ୍ର): ଖଣ୍ଡପଡା ବିଧାନସଭା କ୍ଷେତ୍ର ପାଇଁ ଇ.ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରାୟ ଗତ ଏକ ମାସ ହେଲା ବିଜେପି ଟିକେଟ ଆଣିଥିବାବେଳେ କେବଳ ଗାଁକୁ ଗାଁ ଜନସମ୍ପର୍କ ପଦଯାତ୍ରାରେ ତାଙ୍କର ପ୍ରଚାର ସୀମିତ ରହିଛି । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ଟିକେଟ ଆଶାୟୀ ପ୍ରାର୍ଥୀ ଭାବେ ନୟାଗଡ ଜିଲ୍ଲା ସଭାନେତ୍ରୀ ଇଞ୍ଜିନିୟର ଅର୍ଚ୍ଚନା ଦାସ, ଭାରତୀୟ ଜନତା ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଅଭିଳାଷ ପଣ୍ଡା, ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂ ମର୍ଦ୍ଦରାଜ ଟିକେଟ ଆଶାୟୀ ରହିଥିବାବେଳେ ଦୁଷ୍ମନ୍ତ ସ୍ୱାଇଁ ଟିକେଟ ଆଣିବା ପରେ ତାଙ୍କ ପ୍ରତି ସିଦ୍ଧାର୍ଥଙ୍କୁ ଛାଡ଼ିଦେଲେ ଅନ୍ୟ ଛାମୁଆ ନେତାମାନେ ଅସହିଷ୍ଣୁ ହୋଇପଡ଼ିଛନ୍ତି । ସେମାନଙ୍କର ଅସହଯୋଗରୁ ଖଣ୍ଡପଡ଼ା ବିଧାନସଭା କ୍ଷେତ୍ରରେ ବିଜେପି ନିଜ ସିଟ୍ ହରେଇବାକୁ ବସିଛି । ରାଜ୍ୟ ନେତାମାନେ ବିଜେପି ଏକ ଶୃଙ୍ଖଳିତ ଦଳ କହି ଡିଣ୍ଡିମ ପିଟୁଥିବାବେଳେ ପ୍ରାର୍ଥୀଙ୍କ ବିରୋଧରେ ଗୋଷ୍ଠୀ କନ୍ଦଳ ଲାଗି ରହିବା ସହିତ କିଛି ନେତା ସ୍ୱାଧୀନରେ ଛିଡା ହେବା ପାଇଁ ସ୍ୱର ଉଠିଛି । ଏହାକୁ ନେଇ ଦୁଷ୍ମନ୍ତ ସ୍ୱାଇଁ ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବଙ୍କୁ ଅବଗତ କରେଇଥିଲେ ମଧ୍ୟ ଶ୍ରୀ ମହତାବଙ୍କ ପ୍ରଚେଷ୍ଟାରେ ଗତ ଶୁକ୍ରବାରରେ ସ୍ଥାନୀୟ ବନମାଳୀପୁର ଗ୍ରାମର ସୋମନାଥ ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ସଭାର ଆୟୋଜନ ହୋଇଥିଲା କିନ୍ତୁ, ଅର୍ଚ୍ଚନା ଦାସ ଏବଂ ଅଭିଳାଷ ପଣ୍ଡା ଏହି ସଭାକୁ ବର୍ଜନ କରିଥିଲେ । ଏଥିରୁ ସ୍ପଷ୍ଟ ବାରି ହୋଇପଡ଼ିଛି ,ଖଣ୍ଡପଡ଼ା ବିଜେପିରେ ଗୋଷ୍ଠୀ କନ୍ଦଳ ତୀବ୍ରରୁ ତୀବ୍ରତର ଧାରଣ କରିଛି ଯାହା ବିଜେପି ପାଇଁ ମହାଙ୍ଗା ସାବ୍ୟସ୍ତ ହେବ । ବିଜେଡି ତାର ଟିକେଟ ଘୋଷଣା କରି ନ ଥିବାବେଳେ ଯିଏ ଟିକେଟ ପାଇଲେ ମଧ୍ୟ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡିର ପଲା ଭାରି ରହିବ କାରଣ ବିଜେଡିର ରଣନୀତି ଅଲଗା ଏବଂ ଦୁଇ ବ୍ଲକସ୍ତରରୁ ଥିବା କୁହାଯାଇଛି ।

## ରୋଗୀ ସେବାକୁ ବ୍ରତ କରିଛନ୍ତି ଶାନ୍ତନୁ

ରାୟଗଡା,(ନିପ୍ର):ରାୟଗଡା ଜିଲ୍ଲା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ମୁଖ୍ୟ ଚିକିତ୍ସାଳୟକରେ ରୋଗୀ ଏବଂ ସେମାନଙ୍କ ସଂପର୍କୀୟମାନେ କିଛି ଜରୁରୀ ଆବଶ୍ୟକତା ଦରକାର ପଡିଲେ ସେମାନଙ୍କ ପାଖରେ ଭଗବାନଙ୍କ ଦୂତ ଭଳି ପହଞ୍ଚିଯାଆନ୍ତି ରାୟଗଡା ସହରର ଶାନ୍ତନୁ ସାହୁ । ଦିନେ କିମ୍ବା ଦୁଇଦିନ ନୁହେଁ ଦୀର୍ଘ ୨୦ ବର୍ଷ ହେଲା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୂରଦୁରାନ୍ତରୁ ଆସୁଥିବା ଅସହାୟ, ଅଜଣା ତଥା ଅଶିକ୍ଷିତ ରୋଗୀଙ୍କୁ ଆପଣାର କରି ସେବା ଦେବା ତାଙ୍କର ଦୈନନ୍ଦିନ କାର୍ଯ୍ୟ । ରାୟଗଡାର ୬୫ ବର୍ଷୀୟ ଶାନ୍ତନୁ , ଜଣେ ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ କର୍ମଚାରୀ।

## ଉତ୍କଳ ଗୌରବଙ୍କ ତ୍ୟାଗ ଓ ବଳିଦାନ ଉପରେ ଆଲୋଚନା

ରାୟଗଡା,(ନିପ୍ର): ଆଜି ହେଉଛି ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ପ୍ରଗତି ପୁରୁଷ କୁଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କର ୧୭୬ ତମ ଜନ୍ମ ଦିବସ । ଉକ୍ତ ଶୁଭ ଅବସରରେ ଉତ୍କଳ ଗୌରବ ମଧୁସୂଦନ ବୈଷୟିକ ଶିକ୍ଷାନୁଷ୍ଠାନ, ରାୟଗଡାସ୍ଥିତ ମଧୁସୂଦନ ଦାସଙ୍କର ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ନାରାୟଣ



ପଟେଲ, ଜିଲ୍ଲା ଶିଳ୍ପ କେନ୍ଦ୍ର, ରାୟଗଡର ବରିଷ୍ଠ ପ୍ରଶାସକ ତଥା ପୂର୍ବତନ ଛାତ୍ର ସବ୍ୟସାଚୀ ସାହୁ, ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଏବଂ ଅନୁଷ୍ଠାନରେ ଉପସ୍ଥିତ ଅଧ୍ୟାପକ, ଅଧ୍ୟାପିକାବୃନ୍ଦ ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ପ୍ରସଙ୍ଗରେ ଅଧ୍ୟକ୍ଷ ଶ୍ରୀ ପଟେଲ, ବରିଷ୍ଠ ଅଧ୍ୟାପକ ଅରବିନ୍ଦ ପ୍ରଧାନ, ଅଧ୍ୟାପକ ପ୍ରଦୀପ କୁମାର ତ୍ରିପାଠୀ, ମାନସ ରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ପାଣିଗ୍ରାହୀ, ପୂର୍ବତନ ଛାତ୍ର ଶ୍ରୀ ସାହୁ ଏବଂ କତିପୟ ଅଧ୍ୟାପକ ସ୍ୱର୍ଗତ ମଧୁସୂଦନ ଦାସଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ନିମିତ୍ତ ମହାନ ତ୍ୟାଗ ଓ ବଳିଦାନର ବଳିଷ୍ଠ କାହାଣୀ ସମ୍ବନ୍ଧରେ ସ୍ମୃତି ଚାରଣ କରିଥିଲେ।

# ବିପର୍ଯ୍ୟସ୍ତ ହୋଇପଡ଼ିଛି ପଞ୍ଚାୟତରେ ଜଳ ଯୋଗାଣ

## ପାଣି ଛାଡ଼ିବା ପାଇଁ ପଇସା ମାଗୁଛି ଦାୟିତ୍ୱରେ ଥିବା କର୍ମଚାରୀ !

ଡାବୁଗାଁ,(ନିପ୍ର): ଡାବୁଗାଁ ପଞ୍ଚାୟତରେ ପାନୀୟ ଜଳ ଜଗାଣରେ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଡାବୁଗାଁ ପଞ୍ଚାୟତରେ ଜଳ ଯୋଗାଣ ପ୍ରକଳ୍ପରେ କାର୍ଯ୍ୟରତ କର୍ମଚାରୀ ନିଜର ଡିଉଟି ଠିକ୍ ଭାବରେ କରୁନାହିଁ ଏବଂ କାମରେ ସମ୍ପୂର୍ଣ୍ଣ ଅବହେଳା କରୁଛି।

ଏ ବିଷୟରେ ବାରମ୍ବାର ପାତ୍ର ସାହି, ବଜାରଦଣ୍ଡ, ଗୌଡ଼ ସହି, ରିବିନି ସହି ଏବଂ ହରିଜନ ସାହିର ବାସିନ୍ଦାମାନେ ଡାବୁଗାଁ ପଂଚାୟତକୁ ଯାଇ ଅଭିଯୋଗ କରିବା ପରେ ମଧ୍ୟ କୌଣସି ସମାଧାନ ହେଉନାହିଁ। ପାଣି ସଠିକ ସମୟରେ ନ ଛାଡିବା ବିଷୟରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଜନ ସାଧାରଣ ପାଣି କାହିଁକି ଆସୁନି ବୋଲି କହିଲେ, ସେ କହୁଛି ମୋ ଦରମା କମ ମତେ ଯେଉଁ ସାହିରେ ପାଣି ଦରକାର ସେମାନେ ଚାନ୍ଦା କଲେକସେନ




କରି ପଇସା ଦେଲେ ପାଣି ଛାଡ଼ିବି ନ ହେଲେ ନାହିଁ ବୋଲି ସିଧା ସଳଖ ଉତ୍ତର ଦେଉଛି। ଖାଲି ସେତିକି ନୁହଁ ମଝିରେ ମଝିରେ ମୋଟର ଖରାପ ହେଇଯାଇଛି କହି ବନାଇବାକୁ ନେବି କହି ନିରୀହ ଜନତାକୁ ଭୁଆଁ ବୁଲାଇ ପଇସା ଆଦାୟ କରୁଛି।

ସାହିରେ ଥିବା ନଳକୂପ ଗୁଡିକ ଖରାପ ହେଲେ ମଧ୍ୟ ମାସ ମାସ ଧରି ତିଆରି କରାଯାଉନାହିଁ । ତିଆରି କରିବା ପାଇଁ ମଧ୍ୟ ସାହିରେ ଚାନ୍ଦା ଆଦାୟ କରୁଛି। କିନ୍ତୁ ଦୁଃଖର ବିଷୟ ନଳକୂପ ମରାମତି ପାଇଁ ସରକାର ମାଗଣାରେ ସବୁ ଜିନିଷ ଯୋଗାଉଛନ୍ତି ହେଲେ ଏ ବିଷୟରେ ଜନସାଧାରଣ ଜାଣିପାରୁ ନାହାନ୍ତି ।

ଏହାର ଭରପୂର ଫାଇଦା ଉଠାଉଛି ଡାବୁଗାଁ ଦାୟିତ୍ୱରେ ଥିବା କର୍ମଚାରୀ ଜଣକ। ଯେହେତୁ ପଞ୍ଚାୟତ ଦାୟିତ୍ୱରେ ଥିବା ଅଧିକାରୀମାନେ ପାନୀୟ ଜଳ ସମସ୍ୟା ଉପରେ କୌଣସି ପଦକ୍ଷେପ ନେଉନାହାନ୍ତି ।

ତେଣୁ ଏଥିପ୍ରତି ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ସିଧାସଳଖ ତଦନ୍ତ କରି ଡାବୁଗାଁ ପଞ୍ଚାୟତର ଜଣେ ବ୍ୟକ୍ତିକୁ ଡାବୁଗାଁ ପଞ୍ଚାୟତ ଦାୟିତ୍ୱ ଦେଲେ ପାନୀୟ ଜଳ ସମସ୍ୟା ଦୂର ହୋଇଯିବ ବୋଲି ଆଶା କରାଯାଉଛି।

## ଭୋଟଦାନ ନିମନ୍ତେ ଏବିଭିପିର ସଚେତନତା

ଗୁଣପୁର,(ନିପ୍ର): ଗଣତନ୍ତ୍ରର ମହାନ ପର୍ବ ସାଧାରଣ ନିର୍ବାଚନରେ ଭୋଟଦାନରେ ଯୁବକମାନଙ୍କ ଭୂମିକା ଏବଂ ଶତପ୍ରତିଶତ ମତଦାନ ନିମନ୍ତେ ଏବିଭିପି ଗୁଣପୁରର ଯୁବ ଜାଗରଣ ଅଭିଯାନ । ଏବିଭିପିର ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଗୋବିନ୍ଦ ନାୟକ, ବିଭାଗ ସଂଗଠନ ମନ୍ତ୍ରୀ ତନ୍ମୟ ପ୍ରିୟଦର୍ଶୀ, ବିଭାଗ ପ୍ରମୁଖ ଉମାଦାସ, ଜିଲ୍ଲା ପ୍ରମୁଖ ଶେଷସାୟୀ ସେନାପତି, ନଗର ସଭାପତି ଲକ୍ଷ୍ମୀ ମହାକୁଡ଼, ନଗର ପ୍ରମୁଖ ପ୍ରଫୁଲ୍ଲ ଲିମା, ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀ,ନଗର ସଂପାଦକ ସାଇ ପାଣିଗ୍ରାହୀ, ସହ ସମ୍ପାଦକ ପୁପୁନ ରାଜୁ ପ୍ରମୁଖ ଯୁବ ଭୋଟର ଓ ଯୁବକମାନଙ୍କୁ ନିର୍ବାଚନରେ ତାଙ୍କ ଭୂମିକା ଶତ ପ୍ରତିଶତ ମତଦାନ, ସଠିକ ଦଳକୁ ରାଷ୍ଟ୍ର ନିର୍ମାଣ ନିମନ୍ତେ ମତଦାନ, ନୋଟାକୁ ନା ଇତ୍ୟାଦି ବିଷୟରେ ସଚେତନ କରିବା ସହ ଗାଁ ସହରରେ ଭୋଟଦାନକୁ ଉତ୍ସବ ରୂପେ ପାଳନ ପାଇଁ ପ୍ରୋତ୍ସାହନ କରିବା, ସୋସିଆଲ ମିଡ଼ିଆରେ ସକ୍ରିୟ ହୋଇ କେବଳ ଭୋଟ ସଚେତନ କରିବା, ନୂତନ ଭୋଟରମାନଙ୍କୁ ସ୍ୱାଗତ କରିବା, ଦିବ୍ୟାଙ୍ଗ ଭୋଟରମାନଙ୍କୁ ସହାୟତା ଜୁଟାଇବା ନିମନ୍ତେ ସଚେତନ ଓ ପ୍ରେରଣା ଦିଆଯାଇଥିଲା।

## 'ଦର୍ପଣ'ର ଚାଲିଛି ସୁଟିଂ

କେସିଙ୍ଗା,:(ନିପ୍ର) ସୌନ୍ଦର୍ଯ୍ୟକୁ ଦେଖିବା ପାଇଁ ଯେମିତି ନିତିଦିନ ଦରକାର ପଡେ ଦର୍ପଣ...ଠିକ୍ ସେମିତି ସୌନ୍ଦର୍ଯ୍ୟକୁ ଖରାପ କରିବା ପାଇଁ ଭୟଙ୍କର ରୂପ ନେଇ ତାଣ୍ଡବ କରିଥାଏ ଦୁନିଆରେ। ଏପରି କିଛି ରହସ୍ୟମୟ କାହାଣୀକୁ ଆଧାର କରି ନିର୍ଦ୍ଦେଶକ ଭାରତ ପୁଷ୍ପରାଗଙ୍କ ଦ୍ୱାରା ପ୍ରଥମ ଥର ସାୟନ୍ ପ୍ରଡକ୍ସନ ହାଉସ୍ ବ୍ୟାନର୍‌ରେ ନିର୍ମାଣ ଚାଲିଛି ପ୍ରଥମ ଓଡ଼ିଆ ଥ୍ରିଲର୍ ସିନେମା 'ଦର୍ପଣ' । କାହାଣୀ ଓ ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ପ୍ରଡ୍ୟୁସର୍ ଦିଲ୍ଲୀପ କୁମାର ସାହୁ । ନାୟକ ହିସାବରେ ନଜରକୁ ଆସିବେ ନାୟକ ଅଙ୍କିତ କୁମାର୍ । ଅଙ୍କିତଙ୍କ ବିପକ୍ଷରେ ଅଛନ୍ତି ତୃପ୍ତି ମିରମ୍ବିକା ।ଏହି ଚଳଚ୍ଚିତ୍ର ଓଡ଼ିଶା ଏବଂ ଓଡ଼ିଶା ବାହାରେ ମଧ୍ୟ ବିଭିନ୍ନ ସ୍ଥାନରେ ମଧ୍ୟ ସୁଟିଂ ହେଉଛି। ସିନେମାର ସଂଳାପ ଲେଖିଛନ୍ତି ଯମେଶ ଶୁକ୍ଳା ଓ ନୃତ୍ୟ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି ସୁଧାକର ବସନ୍ତ ।

## ଜେଇଇ ମେନ୍ ପରୀକ୍ଷାରେ ଗାନ୍ଧି ପବ୍ଲିକ ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା

ଗୁଣପୁର,(ନିପ୍ର): ଗୁଣପୁର ସଦ୍ୟ ପ୍ରକାଶ ପାଇଥିବା ଜେଇ ମେନ୍ ପରୀକ୍ଷାରେ ଗାନ୍ଧି ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ଅର୍ଜନ କରି ବିଦ୍ୟାଳୟ ପାଇଁ ସମ୍ମାନ ଆଣି ପାରିଛନ୍ତି । ବିଦ୍ୟାଳୟର କୃତୀ ଛାତ୍ର ବିପ୍ଳବୀ ହାଲବା ଓ ଶ୍ରୀୟାନ କୁମାର ଗୌଡ଼ ଜେଇଇ ଆଡଭାନ୍ସ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଦେବାଶିଷ ସୁନା, ଶ୍ରୀରାମ ଗିରି, ଲକ୍ଷ୍ମୀ ତନ୍ମୟୀ ପଟ୍ଟନାୟକ, ଗୁଡୁଲା ଶ୍ୱେତାବିନ୍ଦୁ, ନିତେଶ ନିମାଳପୁରୀ, ଶିଳା ପ୍ରତ୍ୟୟ,ସମୀର ରଞ୍ଜନ ନାୟକ, ଗେମ୍ବାଲି ସାଇ ବାଲାଜି, ଅବଦୁଲ୍ଲା ସରୀଫ (ଜେଇ ମେନ୍ )ରେ କୃତକାର୍ଯ୍ୟ ହୋଇ ସଫଳତା ଅର୍ଜନ କରିଛନ୍ତି । ଏହି ସଫଳତା ପାଇଁ ଜେଇଇ କୋଚିଂ ପ୍ରଭାରୀ ଡଃ ପ୍ରିୟବ୍ରତ ମହାପାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ଖୁସି ବ୍ୟକ୍ତ କରିଛନ୍ତି । ବିଦ୍ୟାଳୟର ନିରନ୍ତର କୋଚିଂ ବ୍ୟବସ୍ଥା ଓ ସର୍ବଭାରତୀୟ ପରୀକ୍ଷା ପ୍ରସ୍ତୁତି ଏବଂ ଉଭୟ ଅନ୍ ଲାଇନ୍ ଅଫ୍ ଲାଇନ୍ ମାଧ୍ୟମରେ ମକ୍ ଟେଷ୍ଟ ତଥା ଶିକ୍ଷକମାନଙ୍କର ଉତ୍ସର୍ଗୀକୃତ ଶିକ୍ଷାଦାନ ପାଇଁ ପୂର୍ବରୁ ଅନେକ ଛାତ୍ରଛାତ୍ରୀ ସର୍ବ ଭାରତୀୟ ସ୍ତରରେ ଶିକ୍ଷା ଲାଭ କରିବା ସହିତ ଅନେକ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ପାରିଛନ୍ତି । ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଛନ୍ତି ଶିକ୍ଷା କ୍ଷେତ୍ରରେ ବିଦ୍ୟାଳୟର ଗୁରୁ ଦାୟିତ୍ୱ ସମ୍ପାଦନା ପାଇଁ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇ ଆସୁଛନ୍ତି । ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା ଉତ୍ତୀର୍ଣ୍ଣ ଛାତ୍ରମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କହିଛନ୍ତି ପରିଶ୍ରମ ସଫଳତାର ଜନନୀ ଅଟେ । ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଓ ଉପ ସଭାପତି ଡ଼ଃ ଚନ୍ଦ୍ରଧ୍ୱଜ ପଣ୍ଡା କୃତି ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ମହାବିଦ୍ୟାଳୟର ନୂତନ ଏକାଡେମିକ ଗୃହକୁ ହସ୍ତାନ୍ତର କରିବାକୁ ଦାବି

ଭାପୁର,(ନିପ୍ର): ନୟାଗଡ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ବାଇଗୁଣିଆ ଗ୍ରାମସ୍ଥିତ ପଠାଣି ସାମନ୍ତ ମହାବିଦ୍ୟାଳୟ, ଖଣ୍ଡପଡ଼ାର ନୂତନ ଏକାଡେମିକ ବିଲଡିଂ କାର୍ଯ୍ୟକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସମ୍ପୃକ୍ତ ଠିକାଦାର ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ନ କରିବାରୁ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି। ପ୍ରକାଶଥାଉକି, ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଶୈକ୍ଷିକ ପରିବେଶରେ ଉନ୍ନତି ଆଣିବା ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଡେମୀ ବିଲ୍ଡିଂ ନିର୍ମାଣ ବାବଦରେ ପ୍ରାୟ ୨ କୋଟି ୧୩ ଲକ୍ଷ ଟଙ୍କା ଅର୍ଥରାଶି ମଞ୍ଜୁର କରଯାଇଥିଲା।

ଏହାଦ୍ୱାରା ଗୋଟିଏ କ୍ୟାମ୍ପସ ମଧ୍ୟରେ ଏକାଧିକ ଶ୍ରେଣୀଗୃହ ସହ ଶୌଚାଳୟ, କମ୍ପ୍ୟୁଟର ରୁମ ଆଦି ଅତ୍ୟାଧୁନିକ ବ୍ୟବସ୍ଥା ସହ ଶୈକ୍ଷିକ ପରିବେଶରେ ସୁଧାର ହୋଇଥାନ୍ତା। ମାତ୍ର ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଉକ୍ତ ଗୃହର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ଦିନ ଗଡାଉଥିବା ବେଳେ ଅବଧି ଶେଷ ହେଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ହସ୍ତାନ୍ତର ହୋଇପାରିନଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜନୈକ ଠିକାଦାର କାର୍ଯ୍ୟ ହାତକୁ ନେଇଥିବା ବେଳେ ଗତ ୨୦୨୨ ମସିହା ଏପ୍ରିଲ ୧୪ ତାରିଖରୁ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପୁନଶ୍ଚ ଏହି କାର୍ଯ୍ୟ ଶେଷ କରିବାର ଅବଧି ୧୧ ମାସ ରହିଥିବା ବେଳେ ପ୍ରାୟ ୨ ବର୍ଷ ବିତି ଯାଇଥିଲେ ମଧ୍ୟ କାମ ଶେଷ ହୋଇନପାରିବା ଏହି କାମ ଶେଷ ହୋଇ ହସ୍ତାନ୍ତର ନିମନ୍ତେ ସଂପୃକ୍ତ ଠିକାଦାର ଦମ୍ଭୋକ୍ତି କରିଥିବା ବେଳେ ଇତିମଧ୍ୟରେ ଦୁଇ ମାସ ବିତିଯାଇଥିବା ସୂଚନା ମିଳିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,ଏହି କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବ ସେ



ଠିକାଦାର ତଥା ବିଭାଗୀୟ ଅଧିକାରୀଙ୍କ ପାରିବାପଣିଆକୁ ପଦାରେ ପକାଇଛି।

ଉକ୍ତ ଗୃହ କାର୍ଯ୍ୟ ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ଦିନ ଗଡାଉଥିବା ବେଳେ କାମ କିନ୍ତୁ ସମାପ୍ତ ହୋଇପାରୁନାହିଁ। ଅନ୍ୟପକ୍ଷରେ ମହାବିଦ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଫେବୃଆରୀ ଶେଷ ସୁଦ୍ଧା ବିଷୟ ନେଇ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଏ ବିଷୟରେ, ବିଭାଗୀୟ ଉପଖଣ୍ଡ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ନେବାରେ ସେ ସମସ୍ତ ଘଟଣା ସତ୍ୟ ବୋଲି କହିଥିଲେ ଏବଂ ଆସନ୍ତା ଏକ ସପ୍ତାହ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯିବ ବୋଲି ପ୍ରକାଶ କରିଥିଲେ।

# ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଓ ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ନବରଙ୍ଗପୁର,(ନି.ପ୍ର): ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ଲୋକସଭା ନିର୍ବାଚନ ମଣ୍ଡଳୀ ଉମରକୋଟ, ଝରିଗାଁ, ନବରଙ୍ଗପୁର ଓ ଡାବୁଗାଁ ବିଧାନସଭା ନିର୍ବାଚନମଣ୍ଡଳୀର ନିର୍ବାଚନ ପରିଚାଳନାର ତଦାରଖ କରିବା ପାଇଁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ପୋଲିସ ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ ଭାରତୀୟ ପୋଲିସ ସେବା ଅଧିକାରୀ ରଜନୀ କାନ୍ତ ମିଶ୍ର, ସ୍ୱତନ୍ତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ଅବସରପ୍ରାପ୍ତ (ଆଇ.ଆର୍.ଏସ୍) ହିମାଳିନି କଶ୍ୟପ ନବରଙ୍ଗପୁର ଗସ୍ତରେ ଆସି ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲା ପ୍ରଶାସନ ତରଫରୁ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ ଆବଶ୍ୟକ ସମସ୍ତ ବ୍ୟବସ୍ଥା, ପ୍ରସ୍ତୁତି ଓ ପରିଚାଳନା




ସମ୍ପର୍କରେ ସମୀକ୍ଷା କରିଥିଲେ । ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଜିଲ୍ଲା ପ୍ରଶାସନ ତରଫରୁ ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ଆବଶ୍ୟକ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ଆସନ୍ତା ମେ ୧୩ ତାରିଖରେ ନବରଙ୍ଗପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପ୍ରକ୍ରିୟା ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ସୁପରିଚାଳନା କରିବା ପାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ପଲ୍ଲଭ ଗୋପାଳ ଝା , ନବରଙ୍ଗପୁର ଲୋକସଭା ଖର୍ଚ୍ଚ ପର୍ଯ୍ୟବେକ୍ଷକ ଅର୍ଣ୍ଣବ ମୁଖାର୍ଜୀ, ଜିଲ୍ଲାର ସମସ୍ତ ବିଧାନସଭାର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟି.ପି.ସଲିମ କୁମାର,ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡଃ. କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ବିରଞ୍ଚି ନାରାୟଣ ଦରଓ୍ୱାନ,ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ନୋଡାଲ ଅଫିସର,ବିଭିନ୍ନ ଟିମର ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ।

## ପଲା କେଉଁଦିଗକୁ, ଦେଖିବାକୁ ବାକି !

କେନ୍ଦ୍ରାପଡ଼ା,(ନିପ୍ର): କେନ୍ଦ୍ରାପଡ଼ା ବିଧାନସଭା ଆସନ ପାଇଁ ବିଜେପି ଘୋଷଣା କରିଛି ତା'ର ପ୍ରାର୍ଥୀଙ୍କ ନାମ । କେନ୍ଦ୍ରାପଡ଼ା ବିଜେଡ଼ି ତରଫରୁ ଗଣେଶ୍ୱର ବେହେରାଙ୍କ ନାମ, କଂଗ୍ରେସରୁ ସିପ୍ରା ମଲ୍ଲିକଙ୍କ ନାମ ଗୋଟିଏ ସପ୍ତାହ ହେଲା ନିଜ ନିଜ ଦଳ ତରଫରୁ ଘୋଷଣା ସରିଥିବା ସ୍ଥଳେ ବିଜେପି ତାର ପ୍ରାର୍ଥୀଙ୍କ ନାମ ଶନିବାର ସନ୍ଧ୍ୟାରେ ଘୋଷଣା କରିଛି। ଗତ ୨୨ ତାରିଖରେ ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦବୀ ଛାଡିବା ପରେ ଡିଆରଡିଏ ଚେୟାରମ୍ୟାନ ଗୀତାଞ୍ଜଳି ସେଠୀ ବିଜେପିରେ ଅନୁଷ୍ଠାନିକ ଭାବେ ଯୋଗ ଦେଇଥିଲେ । ସନ୍ଧ୍ୟାରେ ଶ୍ରୀମତୀ ସେଠୀଙ୍କ ନାମ ରାଜ୍ୟ ବିଜେପି ଘୋଷଣା କରିସାରିଛି । ଏବେ କେନ୍ଦ୍ରାପଡ଼ା ବିଧାନସଭା ଆସନର ପଲା ବିଜେଡ଼ି, ବିଜେପି, କଂଗ୍ରେସ କେଉଁ ଦିଗକୁ ଢଳି ରହୁଛି ଦେଖିବାକୁ ବାକି ରହିଲା।

## ରୂପେଶ ପାଣିଗ୍ରାହୀ ଓ ଭୃଗୁ ବକ୍ସିପାତ୍ରଙ୍କ ଗୁମ୍ମା ଅଞ୍ଚଳରେ ଶକ୍ତି ପ୍ରଦର୍ଶନ

କାଶୀନଗର,(ନିପ୍ର): ବିଜୁ ଜନତା ଦଳର ବିଜୟ ଧାରାକୁ ବଜାୟ ରଖିବା ପାଇଁ ଓ ବିପୁଳ ସଂଖ୍ୟାରେ ବିଧାୟକ ପ୍ରାର୍ଥୀ ଇଂ. ରପେଶ ପାଣିଗ୍ରାହୀଙ୍କୁ ବିଜୟ କରିବା ପାଇଁ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଶନିବାର ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ଗସ୍ତରେ ଆସିଥିଲେ ।

ସନ୍ଧ୍ୟା ୫ ଘଟିକା ସମୟରେ ହଜାର ହଜାର ମୋଟର ସାଇକେଲକୁ ନେଇ ଏକ ବିରାଟ ରାଲି କେସିପୁର ଗ୍ରାମରୁ ବାହାରି ଗୁମ୍ମା ବ୍ଲକର ସେରେଙ୍ଗ ପର୍ଯ୍ୟନ୍ତ ରୋଡ ଶୋ ଦେଖିବାକୁ ମିଳିଥିଲା । ବିଧାୟକ ପ୍ରାର୍ଥୀ ଇଂ. ରୂପେଶ ପାଣିଗ୍ରାହୀ ଓ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ସ୍ୱାଗତ କରିବା ପାଇଁ ବିଜେଡି ପ୍ରେମୀମାନଙ୍କ ଉତ୍କଣ୍ଠା ଛକ ଠାରୁ ପଞ୍ଚାୟତ ପର୍ଯ୍ୟନ୍ତ ଦେଖିବାକୁ ମିଳିଥିଲା । ଏହି ରାଲିରେ ହଜାର ହଜାର ସଂଖ୍ୟାରେ ମୋଟର ସାଇକେଲ ସହ ବିଜେଡି କର୍ମୀ ଓ ପ୍ରେମୀମାନେ ସ୍ୱତଃପ୍ରବୃତ୍ତ ହୋଇ ଯୋଗ ଦେଇଥିଲେ। ଏତେ ସଂଖ୍ୟାର ବିଜେଡି କର୍ମୀଙ୍କ ଉପସ୍ଥିତି ନିଶ୍ଚିତ କରିଛି ଯେ ଆଗାମୀ ନିର୍ବାଚନରେ ଯୋଡି ଶଙ୍ଖ ବିପୁଳ ଭୋଟ ବ୍ୟବଧାନରେ ଜିତି ଡବଲ ଇଂଜିନ ସରକାର ଗଠନ କରିବ।

### ସାଧାରଣ ନିର୍ବାଚନ- ୨୦୨୪ ନିକଟତର

## ରମ୍ଭା ଅଞ୍ଚଳରେ ରାଜନୈତିକ ଦଳ ଗୁଡ଼ିକର ପ୍ରଚାର ଆହୁରି ଜମିନି

ରମ୍ଭା,(ନିପ୍ର): ୨୦୨୪ ସାଧାରଣ ନିର୍ବାଚନ -୨୦୨୪ ଘୋଷଣା ହେବା ପରଠାରୁ ବିଭିନ୍ନ ଦଳରେ ଭିନ୍ନ ଭିନ୍ନ ନେତା ଦଳ ବଦଳ କରୁଥିବା ଦେଖିବାକୁ ମିଳୁଛି। କ୍ଷମତା ଲୋଭ ହେଉ କିମ୍ବା ପଦପଦବୀ ପାଇଁ ନିଜର ନୀତି ଆଦର୍ଶକୁ ଜଳାଞ୍ଜଳି ଦେଇ ଅନ୍ୟ ଦଳକୁ ଲମ୍ଫ ଡିଆଁ ଦେଇଛନ୍ତି। ଯେଉଁ ନେତାମାନେ ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ଏକ ଦଳରେ ରହି ପ୍ରତିପକ୍ଷ ଦଳକୁ ବିରୋଧ, ସମାଲୋଚନା, ଗାଳି କରୁଥିଲେ ସେମାନେ ଏବେ ତାଙ୍କ ପ୍ରଶଂସାରେ ଶତମୁଖ ହୋଇପଡୁଛନ୍ତି। ସେତିକି ନୁହେଁ ନୂଆ ଦଳରେ ଯୋଗ ଦେବା କ୍ଷଣି ଦଳର ନୀତି ଆଦର୍ଶକୁ ନିଜର ନୀତି ଆଦର୍ଶ ବୋଲି କହିବା ସହିତ ଅଲାଜୁକ ପଣେ ଦଳର ବୋଲି ନିଜକୁ ସାବ୍ୟସ୍ତ କରୁଛନ୍ତି। ଏଥିସହିତ ପୁରୁଣା ଦଳର ମୁଖ୍ୟାଙ୍କୁ ତତ୍କାଳ ଗାଳି କରିବା ଆରମ୍ଭ କରିଦେଉଛନ୍ତି। ଏସବୁ ଦେଖି ବୁଦ୍ଧିଜୀବୀ, ଶିକ୍ଷାବିତ୍ ଠାରୁ ଆରମ୍ଭ କରି ସାଧାରଣ ଜନତା ହତ୍‌ବାକ ହୋଇପଡିଲେଣି। କର୍ମୀମାନେ ଇଚ୍ଛା ନ ଥିଲେ ବି ବାଧ୍ୟ ହୋଇ ଦଳ ବଦଳକାରୀ ନେତାଙ୍କ ପଛେ ପଛେ ଯାଉଛନ୍ତି। ଦଳବଦଳ କରିବାର ଏକ ମାତ୍ର ଲକ୍ଷ୍ୟ ହେଲା ଯେ କୌଣସି ମତେ ବିଧାୟକ, ସାଂସଦ ହେବା କିମ୍ବା କ୍ଷମତାକୁ ଜାବୁଡି ଧରିବା ବୋଲି କୁହାକୁହି ହେଉଛନ୍ତି। ସେ ଯାହା ହେଉ ନା କାହିଁକି ଚଳିତ ନିର୍ବାଚନ ପ୍ରାର୍ଥୀ ଚୟନ ଠାରୁ ଆରମ୍ଭ କରି ପ୍ରାର୍ଥୀପତ୍ର ନାମାଙ୍କନ ଦାଖଲ ନିଧାର୍ଯ୍ୟ ତାରିଖ ସରିଯାଇଛି। କିନ୍ତୁ ରମ୍ଭା ଅଞ୍ଚଳରେ ଚଳିତ ସାଧାରଣ ନିର୍ବାଚନରେ ଆସନ୍ତା ମାସ ୧୩ତାରିଖରେ ମତଦାନ ସାବ୍ୟସ୍ତ କରିବା ଗାଇଡ଼ ଲାଇନ ରହିଥିଲେ ମଧ୍ୟ ଏଯାବତ କର୍ମୀ ଠାରୁ ନେତାଙ୍କ ପର୍ଯ୍ୟନ୍ତ ପ୍ରଚାର ପ୍ରସାରର କୌଣସି ଦଳ ନ ଥିବା ସତେ ଯେପରି ରମ୍ଭା ଭୋଟର ବାସିନ୍ଦା ବଞ୍ଚିତ ହେଉଛନ୍ତି ବୋଲି ସାଧାରଣ ଚର୍ଚ୍ଚା ଚାଲିଛି। ରମ୍ଭା ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ପ୍ରମୁଖ ସ୍ଥାନ ଅଧିକାର କରି ରହିଥିଲେ ମଧ୍ୟ ଦଳୀୟ ନେତା, କର୍ମୀ ଏହାକୁ ହାଲୁକା ଭାବେ ଗ୍ରହଣ ନ କରି ଯେପରି ହେବ ସେପରି ଧରିନେବାକୁ ଭୋଟର ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଭୋଜପୁରୀ ଅଭିନେତ୍ରୀଙ୍କ ମୃତଦେହ ଉଦ୍ଧାର

ନୂଆଦିଲ୍ଲୀ, ୨୮।୪: ଭୋଜପୁରୀ ଅଭିନେତ୍ରୀ ଅନ୍ନପୂର୍ଣ୍ଣା ଓରଫ ଅମୃତା ପାଣ୍ଡେଙ୍କର ରବିବାର ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ବିହାର ଭାଗଲପୁରରେ ଏହି ଘଟଣା ଘଟିଛି । ଚଳଚ୍ଚିତ୍ର ନିର୍ମାତା-ନିର୍ଦ୍ଦେଶକ ସ୍ୱାମୀ ଚନ୍ଦ୍ରମଣିଙ୍କ ସହ ସମ୍ପର୍କକୁ ନେଇ ସେ ଦୁଇ ବର୍ଷ ଧରି ଡିପ୍ରେସନରେ ଥିଲେ। ଅମୃତାଙ୍କ ପରିବାର ଘଟଣା ସମ୍ପର୍କରେ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ଏନେଇ ସୂଚନା ପାଇବା ପରେ ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଏନେଇ ପୁଲିସ ଅଧିକାରୀ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ବୋଲି ଜଣାପଡିଛି । ତେବେ ଅଧିକ ତଦନ୍ତ ହେବା ପରେ ହିଁ ବାସ୍ତବ କାରଣ ବାବଦରେ ଜଣାପଡିବ। ପରିବାର ସଦସ୍ୟଙ୍କ ବିବୃତି ଆଧାରରେ ଏକ ମାମଲା ପଞ୍ଜିକରଣ କରାଯାଇଛି।

## ବେଲୁଚିସ୍ତାନରେ ବର୍ଷା ବିପ୍ଳବ: ୨୨ ମୃତ

କରାଚି, ୨୮।୪:ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶରେ ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ବୃଷ୍ଟି ଯୋଗୁ ୨୨ ଜଣଙ୍କ ମୃତ୍ୟୁ ଘଟିଛିଫ କାଳବୈଶାଖୀଜନିତ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଜିଲ୍ଲାର ସହରାଞ୍ଚଳରେ ବନ୍ୟା ସୃଷ୍ଟି ହୋଇଛି। କ୍ୱେଟା ଉପତ୍ୟକାରେ ଶନିବାରଦିନ ତମାମ ସର୍ବାଧିକ ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି। ଅଚାନକ ବନ୍ୟାରେ ଅନେକ ଘର ଭାସିଯାଇଛି। ରାସ୍ତାଘାଟ ବୁଡ଼ିରହିଥିବାରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଛି।

## ଭାରତ ନ ଆସି ଚୀନ ଗଲେ ଏଲନ ମସ୍କ

ନୂଆଦିଲ୍ଲୀ, ୨୮।୪: ଟେସ୍ଲାର ସିଇଓ ଏଲନ୍ ମସ୍କ ଚଳିତ ମାସରେ ଭାରତ ଆସିବାର ଥିଲା। ଏଠାରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ଭେଟିବାର ଥିଲା। ଏହାକୁ ନେଇ ଭାରତରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ବିଭିନ୍ନ ପ୍ରକାର ପ୍ରସ୍ତୁତି ମଧ୍ୟ କରାଯାଉଥିଲା। ତେବେ ଶେଷ ମୁହୂର୍ତ୍ତରେ ତାଙ୍କ ଗସ୍ତକୁ ସ୍ଥଗିତ ରଖାଯାଇଥିଲା। ଟେସ୍ଲା ସିଇଓ କହିଥିଲେ ଯେ ସେ ବର୍ତ୍ତମାନ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେଣୁ ସେ କିଛି ମାସ ପରେ ଭାରତ ଗସ୍ତରେ ଆସିବେ। ଏବେ ଏଲନ୍ ମସ୍କ ହଠାତ୍ ଚୀନରେ ପହଞ୍ଚିଛନ୍ତି। ଇଲେକ୍ଟ୍ରିକ୍ ଯାନ କ୍ଷେତ୍ର ପାଇଁ ଚୀନ୍ ହେଉଛି ଦ୍ୱିତୀୟ



ବୃହତ୍ତମ ବଜାର। ଭାରତ ପରିବର୍ତ୍ତେ ତାଙ୍କର ଚୀନ ଗସ୍ତକୁ ନେଇ ଅନେକ କଳ୍ପନାଜଳ୍ପନା ଚାଲିଛି। ରଏଟର୍ସ ରିପୋର୍ଟ ଅନୁଯାୟୀ, ଏଲନ୍ ମସ୍କଙ୍କ ଏହି ଗସ୍ତ ବିଷୟରେ କେହି ଅବଗତ ନଥିଲେ। ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ସେ ହଠାତ ବେଜିଂରେ ପହଞ୍ଚିଯାଇଛନ୍ତି। ଏଠାରେ ସେ ଚୀନ ସରକାରଙ୍କ ଶୀର୍ଷ ଅଧିକାରୀଙ୍କୁ ଭେଟିବାକୁ ଯାଉଛନ୍ତି। ଚୀନରେ ସମ୍ପୂର୍ଣ୍ଣ ସେଲ୍ଫ ଡ୍ରାଇଭିଂ ସଫ୍ଟୱେୟାର ଲଞ୍ଚ କରିବା ବିଷୟରେ ଆଲୋଚନା କରିବା ପାଇଁ ସେ ବେଜିଂରେ ଥିବା ଜଣାପଡିଛି । ଟେସ୍ଲାର ସ୍ୱୟଂଚାଳିତ ଡ୍ରାଇଭିଂ ଟେକ୍ନୋଲୋଜିରେ ଉନ୍ନତି ଆଣିବା ପାଇଁ ସେ ଏହି ସଫ୍ଟୱେୟାରରୁ ମିଳିବାକୁ ଥିବା ଡାଟାର ବ୍ୟବହାର ଅନ୍ୟଦେଶଗୁଡ଼ିକରେ କରିବା ପାଇଁ ଚୀନ ସରକାରଙ୍କ ଠାରୁ ଅନୁମୋଦନ ଲୋଡିବେ। ନିକଟରେ ଏଲନ୍ ମସ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ ଖୁବଶୀଘ୍ର ଚୀନରେ ସମ୍ପୂର୍ଣ୍ଣ ସେଲ୍ଫ ଡ୍ରାଇଭିଂ ସଫ୍ଟୱେୟାର ଲଞ୍ଚ ହେବ।

## 'ଯିଏ ଧର୍ମ ବଦଳାଇବାକୁ ଚେଷ୍ଟା କରିବ, ତା' ମୁଣ୍ଡ କାଟି ଦିଅ'

ନୂଆଦିଲ୍ଲୀ, ୨୮।୪: ଯିଏ ଧର୍ମ ବଦଳାଇବାକୁ ଚେଷ୍ଟା କରିବ, ତା ମୁଣ୍ଡ କାଟି ଦିଅ। ଏଭଳି କିଛି ବିବାଦୀୟ ବୟାନ ଦେଇ ଚର୍ଚ୍ଚାକୁ ଆସିଛନ୍ତି ଛତିଶଗଡ ଦୁର୍ଗ ଜିଲ୍ଲାର ବଜେପି ବିଧାୟକ ରାକେଶ ସେନ୍। ତାଙ୍କର ଏହି ବୟାନ ପାଇଁ ତାଙ୍କୁ ସୋଶାଲ ମିଡିଆରେ ଜୋରଦାର ଟ୍ରୋଲ କରାଯାଉଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଲୋକଙ୍କୁ ସମ୍ବୋଧିତ କରିଥିଲେ ବିଜେପି ନେତା ରାକେଶ ସେନା। ଏହି ସମୟରେ ଆମର ସନାତନ ଧର୍ମର ସୁରକ୍ଷା, ଆମର ହିନ୍ଦୁତ୍ୱର ସୁରକ୍ଷା ପାଇଁ, ଯଦି ତୁମ ଜୀବନକୁ ବଳିଦାନ ଦେବାକୁ ପଡିବ, ତେବେ ତୁମର ଜୀବନକୁ ବଳିଦାନ ଦେବାକୁ ପଡିବ। କିନ୍ତୁ ଧର୍ମ ପରିବର୍ତ୍ତନ କରିବାକୁ ଦିଅ ନାହିଁ। ଦେଶରେ ଧର୍ମ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କ ମୁଣ୍ଡ କାଟି ଦିଆ ବୋଲି କହିଛନ୍ତି। ବିଧାୟକ ରାକେଶ ସେନା ପଟେଲ ଚୌକେ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଯୁବ ମଞ୍ଚ ଦ୍ୱାରା ଆୟୋଜିତ ଶ୍ରୀ ହନୁମାନ ଜନ୍ମୋତ୍ସବର ମହା ଆଳତିରେ ସାମିଲ ହୋଇଥିଲେ। ସେ ଏଠାରେ ସଂଗଠିତ ଧର୍ମ ସଭାକୁ ନରେନ୍ଦ୍ର ମୋଦି ଏବଂ ବିଜେପିକୁ ଫେରାଇ ଆଣିବାକୁ ନିବେଦନ କରି ଏହାକୁ ଏକ ନିର୍ବାଚନ ରାଲିରେ ପରିଣତ କରିଥିଲେ। ଏଥି ସହିତ ସେ ସମସ୍ତ ଧର୍ମ ଓ ସଂସ୍କୃତିରେ ସମୃଦ୍ଧ ଦୁର୍ଗ ଭିଲାଇରେ ଧାର୍ମିକ ଉତ୍କଣ୍ଠା ବିସ୍ତାର କରି ଏକ ଭାଷଣ ଦେଇଥିଲେ। ଏହି ସମୟ ମଧ୍ୟରେ ସେ ଦେବୀ ଲକ୍ଷ୍ମୀଙ୍କୁ ପଦ୍ମ ଫୁଲ ସହ ତୁଳନା କରିଥିଲେ। ଏଥିସହ ଏଥର ପଦ୍ମ ଆଣିବା ବିଷୟରେ ମଧ୍ୟ କହିଥିଲେ। ତାଙ୍କର ଏହି ହେଟ୍ ସ୍ପିଚର ଭିଡିଓ ଏବେ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ସ୍ୱାଧୀନତା ପରଦିନ ରାମ ମନ୍ଦିର ନିର୍ମାଣ ନିଷ୍ପତ୍ତି ନିଆଯିବାର ଥିଲା: ମୋଦି



ବେଙ୍ଗାଲୁରୁ, ୨୮।୪: ଉତ୍ତର କର୍ନାଟକରେ ଏକ ନିର୍ବାଚନ ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧିତ କରିଛନ୍ତି।ଏହି ସମୟରେ ସେ କଂଗ୍ରେସ ଏବଂ ଇଣ୍ଡିଆ ଆଲାଇନ୍ସକୁ କଡ଼ା ଟାର୍ଗେଟ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଦେଶର ସ୍ୱାଧୀନତାର ଦ୍ୱିତୀୟ ଦିନରେ ପ୍ରଭୁ ରାମଙ୍କ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥାନ୍ତା, କିନ୍ତୁ ସେମାନେ ତାହା କରିନାହାଁନ୍ତି। ପ୍ରଧାନମନ୍ତ୍ରୀ ମୋଦି କଂଗ୍ରେସ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ ରାମ ମନ୍ଦିର ଉଦ୍‌ଘାଟନ ନିମନ୍ତ୍ରଣକୁ କଂଗ୍ରେସ ପ୍ରତ୍ୟାଖ୍ୟାନ କରିଛି, କିନ୍ତୁ ଅନସାରୀ ପରିବାର ପିଢ଼ି ପରେ କୋର୍ଟରେ ଏହା ପାଇଁ ଲଢିଥିଲେ ଏବଂ କହିଥିଲେ ଯେ ଏଠାରେ ବାବ୍ରି ମସଜିଦ ଅଛି,ରାମ ମନ୍ଦିର ନୁହେଁ, କିନ୍ତୁ ଯେଉଁ ଦିନ କୋର୍ଟର ନିଷ୍ପତ୍ତି ଆସିଥିଲା। ଅନସାରୀ ପରିବାର କହିଥିଲେ କୋର୍ଟଙ୍କ ନିଷ୍ପତ୍ତି ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଅନସାରୀ ମୁସଲମାନ ହୋଇଥିଲେ ମଧ୍ୟ ରାମ ମନ୍ଦିରର ପ୍ରତିଷ୍ଠା ଦିନ ଅଂଶଗ୍ରହଣ କରିଥିଲେ। ଏହା ଏକ ପରିବର୍ତ୍ତନ ଆଣିଥାଏ। ରାଲିରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ଦେଶ ବିକାଶ ଏବଂ ଐତିହ୍ୟ ଚାହୁଁଛି। ଆମର ପିତୃପୁରୁଷମାନେ ୫୦୦ ବର୍ଷ ଧରି ଅଯୋଧ୍ୟାରେ ପ୍ରଭୁ ରାମଙ୍କ ପାଇଁ ଲଢିଥିଲେ, ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଦେଶର ସ୍ୱାଧୀନତାର ଦ୍ୱିତୀୟ ଦିନରେ ପ୍ରଭୁ ରାମଙ୍କ ମନ୍ଦିର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥାନ୍ତା, କିନ୍ତୁ ସେମାନେ ତାହା କରି ନ ଥିଲେ। ଏହିପରି କାମ କରିବା ପାଇଁ ୫୬ ଇ□ ଛାତି ଆବଶ୍ୟକ। କେବଳ ସେତେବେଳେ ୫୦୦ ବର୍ଷର ସ୍ୱପ୍ନ ପୂରଣ ହୁଏ, ୫୦୦ ବର୍ଷର ଅପେକ୍ଷା ଶେଷ ହୁଏ।

# ଜଳୁଛି ନୈନିତାଲ ଜଙ୍ଗଲ: ୩୦ ପ୍ରତିଶତ ଜଙ୍ଗଲ ପୋଡ଼ି ପାଉଁଶ



ନୂଆଦିଲ୍ଲୀ, ୨୮।୪: ହୁ ହୁ ହୋଇ ଜଳୁଛି ଜଙ୍ଗଲ । ତ୍ରାହୀ ତ୍ରାହୀ ଡାକୁଛି ଜନଜୀବନ । କିଛି ଘଣ୍ଟା ଭିତରେ ହିଁ ଜଙ୍ଗଲର ୪୦ରୁ ଅଧିକ ପ୍ରତିଶତ ଜମି ଜଳିପୋଡି ପାଉଁଶ ହେଲାଣି। ଆଖପାଖରେ ରହୁଥିବା ଲୋକମାନେ ଜୀବନ ବିକଳରେ ଘରଦ୍ୱାର ଛାଡି ଚାଲିଯାଉଛନ୍ତି କିନ୍ତୁ କ'ଣ ବା କରିବେ ନିରୀହ ଜୀବଜନ୍ତୁ । ନିଆଁ ଗ୍ରାସରେ ଜଳି ଯାଉଛନ୍ତି ବନ୍ୟପ୍ରାଣୀ । ଏହି ଦୃଶ୍ୟ ହେଉଛି ଉତ୍ତରାଖଣ୍ଡର ନୈନିତାଲ ଜଙ୍ଗଲର। ପବନ ଯୋଗୁଁ ଅଗ୍ନିକାଣ୍ଡ ଜଙ୍ଗଲର ଆଖପାଖ ଅଞ୍ଚଳକୁ ମାଡି ଚାଲିଛି । ସୂଚନା ଅନୁସାରେ ନୈନିତାଲ ହାଇକୋର୍ଟ ଓ ବସଷ୍ଟପ ନିକଟକୁ ମାଡି ଆସିଲାଣି ନିଆଁ। ଅଗ୍ନିକାଣ୍ଡକୁ କାବୁ କରିବାକୁ ରାଜ୍ୟ ସରକାର ସେନାର ସହାୟତା ଲୋଡିଛନ୍ତି । ହେଲିକପ୍ଟର ଜରିଆରେ ଜଙ୍ଗଲ ଉପରେ ଲଗାତାର ପାଣି ଢ଼ଳାଯାଉଛି । ସେନାର ୫ଟି ହେଲିକପ୍ଟରକୁଙ୍କ ନିଆଁ ଲିଭା କାମରେ ନିୟୋଜିତ କରାଯାଇଛି । ସ୍ଥିତିକୁ ଦୃଷ୍ଟିରେ ରଖି ନୈନିତାଲକୁ ପର୍ଯ୍ୟଟକଙ୍କ ଆଗମନକୁ ରୋକାଯିବା ସହ ସମସ୍ତ ଜଳକ୍ରୀଡାକୁ ବନ୍ଦ ରଖାଯାଇଛି। ନୈନିତାଲ ହଲଦ୍ୱାନୀରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ । ଉତରାଖଣ୍ଡର ବନ ବିଭାଗର ରିପୋର୍ଟ ଅନୁସାରେ ୩୬ଘଣ୍ଟା ମଧ୍ୟରେ ନୈନିତାଲ ସମେତ ଛୋଟବଡ ୩୧ଟି ଜଙ୍ଗଲରେ ଅଗ୍ନିକାଣ୍ଡ ଘଟିଛି । ମୋଟ ୩୩.୩୪ ହେକ୍ଟର ଜମି ପ୍ରଭାବିତ ହୋଇଛି।

## ମୋଦିଙ୍କ ମନ୍ତବ୍ୟକୁ ସମାଲୋଚନା କରି ଗିରଫ ହେଲେ ଭାଜପା ନେତା

ବିକାନେର, ୨୮।୪: ରାଜସ୍ଥାନରେ ଲୋକସଭା ନିର୍ବାଚନ ଶେଷ ହେବା ପରେ ବିକାନେରର ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଉସ୍ମାନ ଘନିଙ୍କୁ ଶନ୍ତି ଭଙ୍ଗ କରିବା ଅଭିଯୋଗରେ ପୋଲିସ ଗିରଫ କରିଛି। ୩ ଦିନ ପୂର୍ବରୁ ଭାଜପା ତାଙ୍କୁ ଦଳରୁ ବହିଷ୍କାର କରିଥିଲା।ଭୋଟ କେନ୍ଦ୍ରରେ ସେ କେତେଜଣ ଅଫିସରଙ୍କ ସହ ଝଗଡ଼ା କରିଥିଲେ ଓ ଶାନ୍ତି ଭଙ୍ଗ ଲାଗି ଉଦ୍ୟମ କରିଥିଲେ ବୋଲି ପୋଲିସ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ତେବେ ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଘନି ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟକୁ ବିରୋଧ କରିଥିଲେ।ମୋଦି କହିଥିଲେ, କଂଗ୍ରେସ କ୍ଷମତାରେ ଥିଲାବେଳେ ଦେଶର ସମ୍ପତ୍ତି ଉପରେ ମୁସଲମାନଙ୍କୁ ପ୍ରଥମ ଅଧିକାର ଦିଆଯାଉଥିଲା। କଂଗ୍ରେସ କ୍ଷମତାକୁ ଆସିଲେ ଯେଉଁମାନଙ୍କର ଅଧିକ ପିଲା ଏବଂ ଯେଉଁମାନେ ଅନୁପ୍ରବେଶକାରୀ, ସେମାନଙ୍କୁ ଆପଣମାନଙ୍କ କଷ୍ଟଲବ୍ଧ ଅର୍ଥକୁ ବାଣ୍ଟିଦେବ ବୋଲି ମୋଦି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ଘେନି ସମାଲୋଚନା କରିଥିଲେ। ଭାଜପା କେବଳ ମୋଦିଙ୍କ ଦଳ ନୁହେଁ। ଆଗାମୀ ନିର୍ବାଚନରେ ଭାଜପା ରାଜସ୍ଥାନର ୨୫ ଆସନରୁ ୩ରୁ ୪ଟି ହରାଇବାକୁ ଯାଉଥିବା ସେ ପୂର୍ବାନୁମାନ କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସମାଲୋଚନା କରିବାରୁ ଘନିଙ୍କୁ ଗିରଫ କରାଗଲା ବୋଲି କୁହାଯାଉଛି।

## ପରିବାରର ସମସ୍ତ ସଦସ୍ୟଙ୍କୁ ଅଖିଳେଶ ପ୍ରାର୍ଥୀ କରିଦେଇଥାନ୍ତେ: ଶାହା



ନୂଆଦିଲ୍ଲୀ, ୨୮।୪: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଜି ଏସପି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ ଯଦି ସବୁ କଥା ଅଖିଳେଶ ଯାଦବଙ୍କ ଅଧୀନରେ ରହିଥାନ୍ତା ତେବେ ସେ ତାଙ୍କ ପରିବାର ସଦସ୍ୟଙ୍କୁ ଉତ୍ତରପ୍ରଦେଶର ସମସ୍ତ ଆସନରେ ପ୍ରାର୍ଥୀ କରିଦେଇଥାନ୍ତେ। ଆଜି ଉତ୍ତରପ୍ରଦେଶରର ଏଟାଠାରେ ଏକ ରାଲିରେ ସମ୍ବୋଧିତ କରିବାବେଳେ ଅମିତ ଶାହା କହିଛନ୍ତି ଯେ ଲୋକସଭା ନିର୍ବାଚନର ଦୁଇଟି ପର୍ଯ୍ୟାୟ ସମାପ୍ତ ହେବା ପରେ ମଧ୍ୟ ଇଣ୍ଡିଆ ଆଲାଏନ୍ସ ଗୋଟିଏ ବି ଆସନ ଜିତିବାର ଦେଖିବାକୁ ମିଳୁନାହିଁ। ଅମିତ ଶାହା ଏସପି ମୁଖ୍ୟଙ୍କୁ ଟାର୍ଗେଟ କରିଥିଲେ। ସେ କହିଛନ୍ତି ଯେ ଅଖିଳେଶ ନିଜେ କନୌଜରୁ ଏବଂ ଡିମ୍ପଲ ଯାଦବ ମେନ୍ପୁରୀରୁ ପ୍ରତିଦ୍ୱ-ିତା କରୁଛନ୍ତି।ଏହା ବ୍ୟତୀତ ଅଖିଳେଶଙ୍କ ଭଣଜା ଅକ୍ଷୟ ଯାଦବ ଫିରୋଜାବାଦରୁ ପ୍ରତିଦ୍ୱ-ିତା କରୁଥିବାବେଳେ ଆଦିତ୍ୟ ଯାଦବ ବଦାଉଁ ଏବଂ ଆଜମଗଡରୁ ଧର୍ମେନ୍ଦ୍ର ଯାଦବ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଯଦି ସବୁକିଛି ଅଖିଳେଶ କରିପାରୁଥାନ୍ତେ, ତେବେ ସେ ଉତ୍ତରପ୍ରଦେଶର ସମସ୍ତ ଆସନରେ ତାଙ୍କ ପରିବାର ସଦସ୍ୟଙ୍କୁ ପ୍ରାର୍ଥୀ କରିଥାନ୍ତେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ସମାଜବାଦୀ ପାର୍ଟି ସରକାରରେ ଗୁଣ୍ଡାମାନେ ଲୋକଙ୍କୁ ହଇରାଣ କରୁଥିଲେ।

## ସମଲିଙ୍ଗୀ ସମ୍ପର୍କ ହେଲା ଦଣ୍ଡନୀୟ ଇରାକ ସଂସଦରେ ଆଇନ ପାରିତ



ନୂଆଦିଲ୍ଲୀ, ୨୮।୪: ଇରାକର ସଂସଦରେ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ଘୋଷଣା କରିବା ପାଇଁ ଏକ ଆଇନ ଗୃହୀତ ହୋଇଛି। ଏହି ଆଇନରେ ସମଲିଙ୍ଗୀ ସମ୍ପର୍କ ଉପରେ ସର୍ବାଧିକ ୧୫ ବର୍ଷ ଜେଲ୍ ଦଣ୍ଡାଦେଶ ଏବଂ ସମଲିଙ୍ଗୀ ସମ୍ପର୍କ କିମ୍ବା ବେଶ୍ୟାବୃତ୍ତିକୁ ପ୍ରୋତ୍ସାହନ ଦେଉଥିବା ବ୍ୟକ୍ତିଙ୍କୁ ଅତି କମରେ ୭ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ଜୈବିକ ଲିଙ୍ଗ କିମ୍ବା ପୋଷାକ ବଦଳାଇଲେ ୧ରୁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ବିଧାନ କରାଯାଇଛି। ଏହି ଆଇନକୁ ମୁଖ୍ୟତଃ ରକ୍ଷଣଶୀଳ ଶିଆ ମୁସଲମାନ ଦଳମାନେ ସମର୍ଥନ କରିଥିଲେ ଯେଉଁମାନେ ମୁଖ୍ୟତଃ ମୁସଲମାନ ଇରାକର ସଂସଦରେ ସର୍ବବୃହତ ମେଣ୍ଟ□ ଗଠନ କରନ୍ତି। ଧାର୍ମିକ ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଇରାକ ସମାଜକୁ ନୈତିକ ଦୁର୍ବଳତାରୁ ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି ବୋଲି ସେଠାକାର ଅଧିକାରୀମାନେ କହିଛନ୍ତି। ତଥ୍ୟ ଅନୁଯାୟୀ, ୧୩୦ରୁ ଅଧିକ ଦେଶରେ ସମଲିଙ୍ଗୀ ସମ୍ପର୍କ ଆଇନଗତ ହୋଇଥିବା ବେଳେ ୬୦ରୁ ଅଧିକ ଦେଶ ସମଲିଙ୍ଗୀ ସମ୍ପର୍କକୁ ଅପରାଧ ବୋଲି ଘୋଷଣା କରିଛନ୍ତି।

## ମୁଣ୍ଡ ନୁଆଇଁବ ନାହିଁ ଭାରତ: ରାଜନାଥ



ଅହମ୍ମଦାବାଦ, ୨୮।୪: ଭାରତ ଏକ ସାମରିକ ଶକ୍ତିଶାଳୀ ଦେଶରେ ପରିଣତ ହୋଇଛି। ଆମେ ଆମର ପଡ଼ୋଶୀମାନଙ୍କ ସହିତ ଭଲ ସମ୍ପର୍କ ବଜାୟ ରଖିବାକୁ ଚାହୁଁଛୁ। ଦେଶର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହା କହିଛନ୍ତି। ସେ ଅହମ୍ମଦାବାଦରେ ଏକ ନିର୍ବାଚନ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଥିଲେ। ଏହି ସମୟରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ଚାଇନା ବିଷୟରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, ଭାରତ ଏବଂ ଚାଇନା ମଧ୍ୟରେ କଥାବାର୍ତ୍ତା ସୁରୁଖୁରୁରେ ଚାଲିଛି। ଭାରତ କେବେ ବି ମୁଣ୍ଡ ନୁଆଁଇବ କରିବ ନାହିଁ। ମୁଁ ଭାବୁଛି କଥାବାର୍ତ୍ତାର ଫଳାଫଳକୁ ଅପେକ୍ଷା କରିବା ଉଚିତ। ମୁଁ ଦେଶର ଲୋକଙ୍କୁ ନିଶ୍ଚିତ କରିବାକୁ ଚାହୁଁଛି ଯେ ଭାରତ କେବେ ବି କୌଣସି ସ୍ଥାନରେ ମୁଣ୍ଡ ନୁଆଁଇ ନାହିଁ। ସେ କହିଛନ୍ତ, ୨୦୧୪ରେ ଆମେ ୬୦୦ କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରିଥିଲୁ କିନ୍ତୁ ଆଜି ୨୦୨୩-୨୪ରେ ଏହି ସଂଖ୍ୟା ୨୧ ହଜାର କୋଟି ଅତିକ୍ରମ କରିଛି। ମୁଁ କହିପାରେ ଯେ ଏହା ଆହୁରି ବୃଦ୍ଧି ପାଇବ। ପ୍ରତିରକ୍ଷା ସାମଗ୍ରୀ, କ୍ଷେପଣାସ୍ତ୍ର, ବୋମା, ଟ୍ୟାଙ୍କ କିମ୍ବା ଅନ୍ୟ କୌଣସି ଅସ୍ତ୍ର ହେଉ, କେବଳ ଭାରତରେ ଏବଂ ଭାରତୀୟଙ୍କ ଦ୍ୱାରା ପ୍ରସ୍ତୁତ କରାଯିବା ଉଚିତ ବୋଲି ମୋଦି ସରକାର ପ୍ରତିଶ୍ରୁତିବଦ୍ଧ। ମେ ୨୦୨୦ରେ ଚାଇନାର ସାମରିକ ଆକ୍ରମଣ ଗଲୱାନ ଉପତ୍ୟକା ବିବାଦକୁ ବଢାଇ ଦେଇଥିଲା, ଯାହାକି ଦଶନ୍ଧି ମଧ୍ୟରେ ଭାରତ ଏବଂ ଚାଇନା ମଧ୍ୟରେ ସବୁଠାରୁ ଗୁରୁତର ସାମରିକ ବିବାଦ ଥିଲା।

# ମସଲାରେ କୀଟନାଶକ ଔଷଧ ମିଶ୍ରଣ ଅଭିଯୋଗକୁ ଖଣ୍ଡନ କଲା ଏମଡିଏଚ୍




ନୂଆଦିଲ୍ଲୀ, ୨୮।୪: ମସଲା କମ୍ପାନି ମଧ୍ୟରୁ ସବୁଠାରୁ ଲୋକପ୍ରିୟ ହେଉଛି ଏମଡିଏଚ୍ ଓ ଏଭେରେଷ୍ଟ। ଏହି ଦୁଇ ମସଲା ଅନେକ ବର୍ଷ ହେବ ଲୋକଙ୍କ ଘରେଘରେ ବ୍ୟବହୃତ ହୋଇ ଆସୁଛି।ଏହି ମସଲାରେ ମାରାତ୍ମକ କ୍ୟାନ୍ସର ରୋଗ ସୃଷ୍ଟି କରୁଥିବା କୀଟନାଶକ ଔଷଧ ମିଳିବା ଖବର ଆସିବା ପରେ ପ୍ରଥମେ ଏହାକୁ ହଂକଂ ଓ ପରେ ସିଙ୍ଗାପୁରରେ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଛ। ଏହାପରେ କେନ୍ଦ୍ର ସରକାର ଏହି ମସଲାର ନମୁନା ସଂଗ୍ରହ କରି ପରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ଏମଡିଏଚ ସଫେଇ ଦେଇ ଲୋକଙ୍କୁ ଆଶ୍ୱସନା ଦେଇ କମ୍ପାନି ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ଖଣ୍ଡନ କରି କହିଛି, ଭୟ କରିବାର କେଣସି କାରଣ ନାହିଁ। କାରଣ ଏପର୍ଯ୍ୟନ୍ତ ହଂକଂ କିମ୍ବା ସିଙ୍ଗାପୁରର ଖାଦ୍ୟ ନିରାପତ୍ତା ନିୟନ୍ତ୍ରକ ଆଣିଥିବା ଅଭିଯୋଗର କୌଣସି ଗୋଟିଏ ବି ପ୍ରମାଣ ନାହିଁ। ଏମିତି କି ହଂକଂ ଓ ସିଙ୍ଗାପୁର୍ ସ୍ପାଇସ ବୋର୍ଡ ଅଫ ଇଣ୍ଡିଆ କିମ୍ବା ଘରୋଇ ନିୟାମକ ଏଫଏସଏସଏଆଇକୁ କୌଣସି ପରୀକ୍ଷା ରିପୋର୍ଟ କିମ୍ବା ଯୋଗାଯୋଗ ବା କମ୍ୟୁନିକେସନ ପଠାଇ ନାହାନ୍ତି। ଆମ କମ୍ପାନି ସବୁବେଳେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ଥିଲା ଓ ରହିବ ମଧ୍ୟ। ଘରୋଇ ଏବଂ ଅନ୍ତର୍ଜାତୀୟ ସ୍ତରରେ ସମସ୍ତ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ମାନଦଣ୍ଡକୁ କମ୍ପାନି କଠୋର ଭାବେ ପାଳନ କରିଆସୁଛି ଓ କରିବ ମଧ୍ୟ।

# ଟ୍ରକ ସହ ବସ୍‌ର ମୁହାଁମୁହିଁ ଧକ୍କା: ୬ ମୃତ



ଉନ୍ନାଓ, ୨୮।୪: ଉତ୍ତରପ୍ରଦେଶର ଉନ୍ନାଓରେ ଏକ ବଡ଼ ସଡକ ଦୁର୍ଘଟଣା ଘଟିଛି। ଉନ୍ନାଓ-ହରଦୋଇ ରାସ୍ତାରେ ଦ୍ରୁତ ଗତିରେ ଆସୁଥିବା ଟ୍ରକ ଏବଂ ବସ୍ ମଧ୍ୟରେ ଧକ୍କା ହୋଇଥିଲା। ଏହି ଭୟଙ୍କର ଦୁର୍ଘଟଣା ଉନ୍ନାଓର ସଫିପୁର କୋଟୱାଲିର ଜମାଲଡିପୁର ଗ୍ରାମରେ ଘଟିଛି। ଏହି ଦୁର୍ଘଟଣା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ପୁଲିସକୁ ସୂଚନା ଦେଇଥିଲେ। ଦୁର୍ଘଟଣା ସମୟରେ ପ୍ରାୟ ୨୦ ଜଣ ଲୋକ ବସ୍‌ରେ ଯାତ୍ରା କରୁଥିଲେ। ମୁହାଁମୁହିଁ ଧକ୍କା ହେବା ଫଳରେ ବସରେ ଯାଉଥିବା ୬ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଥିବାବେଳେ ୧୨ ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଆହତମାନଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଘଟଣାସ୍ଥଳରେ ବର୍ତ୍ତମାନ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ମୁତାବକ ଯାତ୍ରୀବାହୀ ଗନ୍ତବ୍ୟ ରାସ୍ତାରେ ଯାଉଥିବାବେଳେ ଦ୍ରୁତଗତିରେ ଆସୁଥିବା ଟ୍ରକ ଧକ୍କା ଦେଇଥିଲା ଆଉ ଏହି ଦୁର୍ଘଟଣାରେ ବସଟି ଚୁରମାର ହୋଇଯାଇଥିଲା । ଏହି ଦୁର୍ଘଟଣାରେ ପ୍ରାୟ ୧୪ ଜଣ ଗୁରୁତର ଆହତ ହୋଇଥିଲେ ଏବଂ ଚାରି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ତେବେ ଡାକ୍ତରଖାନାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ମୃତକଙ୍କ ମଧ୍ୟରେ ୪ ଜଣ ପୁରୁଷ, ୨ ଜଣ ମହିଳା ଅଛନ୍ତି । ମୃତକଙ୍କ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପୁଲିସ ପଠାଇଛି।

## ଦ୍ୱିପାକ୍ଷିକ ଆଲୋଚନା ପାଇଁ ବାଂଲାଦେଶ ଗସ୍ତ କରିବ ୪ ଜଣିଆ ପ୍ରତିନିଧି ଦଳ

ନୂଆଦିଲ୍ଲୀ, ୨୮।୪: ପ୍ରଶାସନିକ ସଂସ୍କାର ଓ ଜନ ଅଭିଯୋଗ ବିଭାଗ (ଡିଏଆରପିଜି)ର ୪ ଜଣିଆ ପ୍ରତିନିଧି ଦଳ ଜାତୀୟ ସୁଶାସନ କେନ୍ଦ୍ର ଏବଂ ବାଂଲାଦେଶ ଲୋକ ପ୍ରଶାସନ ମନ୍ତ୍ରଣାଳୟ ମଧ୍ୟରେ ବୁଝାମଣାପତ୍ରର ନବୀକରଣ ପାଇଁ ଦ୍ୱିପାକ୍ଷିକ ଆଲୋଚନା ପାଇଁ ବାଂଲାଦେଶ ଗସ୍ତ କରିବେ। ଆଜିଠାରୁ ଏହି ତିନି ଦିନିଆ ଗସ୍ତ ସମୟରେ ଡିଏଆରପିଜି ସଚିବ ଭି ଶ୍ରୀନିବାସ ବାଂଲାଦେଶର ସାଧାରଣ ପ୍ରଶାସନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ।ନ୍ୟାସନାଲ ସେଣ୍ଟର ଫର ଗୁଡ୍ ଗଭର୍ଣ୍ଣାନ୍ସ ଏବଂ ବାଂଲାଦେଶର ଲୋକ ପ୍ରଶାସନ ମନ୍ତ୍ରଣାଳୟ ୨୦୧୪ ମସିହାରୁ ବାଂଲାଦେଶ ବେସାମରିକ କର୍ମଚାରୀମାନଙ୍କ ପାଇଁ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରୁଛନ୍ତି। ଦ୍ୱିପାକ୍ଷିକ ସହଯୋଗ ଅଧୀନରେ ୭୧ଟି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ଏବଂ ୨ ହଜାର ୭୭୫ ବାଂଲାଦେଶ ପ୍ରଶାସନିକ ଅଧିକାରୀ ଜାତୀୟ ସୁଶାସନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ବାଂଲାଦେଶ ସରକାର ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉପଯୋଗୀତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆଗାମୀ ପାଞ୍ଚ ବର୍ଷ ପାଇଁ ଏହି ବୁଝାମଣାପତ୍ରର ନବୀକରଣ ପାଇଁ ବାଂଲାଦେଶ ଆଗ୍ରହ ପ୍ରକାଶ କରିଛି।

## ଡରୁଛନ୍ତି ରାହୁଲ-ପ୍ରିୟଙ୍କା: ଅର୍ଜୁନ ରାମ ମେଘୱାଲ



ନୂଆଦିଲ୍ଲୀ, ୨୮।୪: ବିକାନେର ଲୋକସଭା ନିର୍ବାଚନମଣ୍ଡଳୀରୁ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ପ୍ରାର୍ଥୀ ଅର୍ଜୁନ ରାମ ମେଘୱାଲ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ପ୍ରିୟଙ୍କା ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ରାଏ ବରେଲିରୁ ନିର୍ବାଚନରେ ଲଢ଼େଇ କରୁଥିବା ଅନୁମାନ ଉପରେ ଅର୍ଜୁନ ରାମ ମେଘୱାଲ କହିଛନ୍ତି ଯେ ସେ ଭୟଭୀତ ଅଛନ୍ତି। ମେଘୱାଲ ଦାବି କରିଛନ୍ତି ଯେ ଉତ୍ତରପ୍ରଦେଶରେ କଂଗ୍ରେସର ପ୍ରାର୍ଥୀ ନାହାନ୍ତି। ସୂଚନାଯୋଗ୍ୟ, ଆଲୋଚନା ହେଉଛି ଯେ କଂଗ୍ରେସ ରାଏ ବରେଲିରୁ ପ୍ରିୟଙ୍କା ଏବଂ ଆମେଠୀରୁ ରାହୁଲ ଗାନ୍ଧୀଙ୍କୁ ପ୍ରାର୍ଥୀ କରିପାରିବ। ଏହା ଉପରେ ଅର୍ଜୁନ ରାମ ମେଘୱାଲ କହିଛନ୍ତି ଯେ କଂଗ୍ରେସ ଚାହୁଁଛି ପ୍ରିୟଙ୍କା ଗାନ୍ଧୀ ରାଏ ବରେଲିରୁ ନିର୍ବାଚନ ଲଢନ୍ତୁ କିନ୍ତୁ ସେ ଭୟଭୀତ ଅଛନ୍ତି। ଉତ୍ତରପ୍ରଦେଶରେ ସେମାନଙ୍କର ପ୍ରାର୍ଥୀ ନାହାଁନ୍ତି। ରାହୁଲ ଗାନ୍ଧୀ ମଧ୍ୟ ଆମେଠୀ ଛାଡି ଦକ୍ଷିଣ ଭାରତ ଯାଇଥିଲେ। ପ୍ରିୟଙ୍କା ଗାନ୍ଧୀ ଭୁଲ ବିବୃତି ଦେଉଛନ୍ତି ଯାହା ଦେଶର ଲୋକମାନେ ପସନ୍ଦ କରିବେ ନାହିଁ।

## କାର୍ ସହ ୩ଲକ୍ଷ ଟଙ୍କା ଜବତ କଲା କମିଶନରେଟ୍ ପୋଲିସ୍

ଭୁବନେଶ୍ୱର (ନିପ୍ର): ନାକାବନ୍ଦୀ ବେଳେ ପୋଲିସ ହାତରେ ଲାଗିଲା ଟଙ୍କା। ଚେକିଂ ବେଳେ କାରରୁ ଧରାପଡ଼ିଲା ନଗଦ ୩ ଲକ୍ଷ ଟଙ୍କା। କୌଣସି ପ୍ରମାଣ ଦେଇନପାରିବାରୁ ଗାଡିକୁ ଅଟକ ରଖିଲା ପୋଲିସ। ଗତକାଲି ବିଳମ୍ବିତ ରାତିରେ ଧରାପଡ଼ିଛି ଟଙ୍କା ନେଇଯାଉଥିବା କାର। ଗାଡିଟିକୁ ଜବତ କରିଛି କମିଶନରେଟ ପୋଲିସର ଚନ୍ଦ୍ରଶେଖରପୁର ଥାନା। ଏ ନେଇ ଅଧିକ ଖୋଳତାଡ଼ ଚାଲିଥିବା କହିଛନ୍ତି ପୁଲିସ କମିଶନର। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ବ୍ୟାପକ ହେଉଛି ଚେକିଂ ଓ ବ୍ଲକିଙ୍ଗ। ଅପରାଧିକ କାର୍ଯ୍ୟ ରୋକିବାକୁ ଚାଲିଛି ପାଟ୍ରୋଲିଂ। ବସ୍ତି ମାନଙ୍କରେ ଫ୍ଲାଗ ମାର୍ଚ୍ଚ କରୁଛି କମିଶନରେଟ ପୋଲିସ। ମଦ୍ୟ ଡ୍ରାଇଭରଙ୍କୁ ପ୍ରତିଦିନ ଧରାଯାଉଛି। ବାରମ୍ବାର ନିୟମ ଭାଙ୍ଗିଲେ ଲାଇସେନ୍ସ ରଦ୍ଦ କରାଯାଉଛି ବୋଲି କହିଛନ୍ତି ପୁଲିସ କମିଶନର। ଅନ୍ୟ ପଟେ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଗୌରପଡା ଛକରେ କାର୍‌ରୁ ଜବତ ହେଲା ୫ ଲକ୍ଷ ଟଙ୍କା। ନିର୍ବାଚନ ସମୟରେ ଚେକିଂ ବେଳେ କାରରୁ ନଗଦ ଅର୍ଥ ଜବତ ହୋଇଛଛି। କାରଟି ଛତିଶଗଡ଼ ପଟୁ ଝାରସୁଗୁଡ଼ା ଆସୁଥିବାବେଳେ ଯାଞ୍ଚ କରିଥିଲା ଏସଏସଟି। ଜବତ ଟଙ୍କା ଝାଡ଼ଖଣ୍ଡର ମହମ୍ମଦ ମୈସାର ଶେଖଙ୍କର ବୋଲି ସୂଚନା ମିଳିଛି। ତେବେ ଟଙ୍କାର କୌଣସି ବୈଧ କାଗଜପତ୍ର ଦେଖାଇ ନପାରିବାରୁ ଏହାକୁ ଜବତ କରି ତଦନ୍ତ କରାଯାଉଛି।

## ଚେକିଂ ବେଳେ ଥାନା ଅଧିକାରୀଙ୍କୁ ଚାପୁଡା ମାରି ବନ୍ଧା ହେଲେ ୩

ଭୁବନେଶ୍ୱର (ନିପ୍ର): ନିର୍ବାଚନକୁ ଆଖି ଆଗରେ ରଖି କମିଶନରେଟ୍ ପୋଲିସ ପକ୍ଷରୁ ପ୍ରତ୍ୟେକ ଦିନ ଚାଲିଛି ଜୋରଦାର ବ୍ଲକିଂ ଓ ଚେକିଂ। ବିଶେଷ କରି ମଦ୍ୟପଙ୍କୁ ସାବାଡ କରିବା ପାଇଁ ପୁଲିସ କମିଶନର ସବୁ ଥାନା ଅଧିକାରୀଙ୍କୁ କଡା ନିର୍ଦ୍ଦେଶ ଦେଇଛନ୍ତି । ହେଲେ ଶନିବାର ବିଳମ୍ବିତ ରାତିରେ ୩ ମଦ୍ୟପ ଯୁବକ ଦ୍ରୁତ ବେଗରେ ଗାଡି ନେଇ ଚାଲିଯିବାକୁ ଉଦ୍ୟମ କରୁଥିଲେ। ଏିତିକି ବେଳେ ଖାରବେଳନଗର ଥାନା ଅଧିକାରୀ ଚେକିଂ କରୁଥିବା ସମୟରେ ନିଶାସକ୍ତ ଯୁବକମାନେ ଥାନା ଅଧିକାରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଶକ୍ତ ଚାପୁଡା ମାରିଥିଲେ। ୩ ଯୁବକଙ୍କୁ ପୁଲିସ ଥାନାକୁ ନେଇ ପଚରାଉଚରା କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀସାଗର ଥାନା ବମିଖାଲର ହିମାଂଶୁ ଶେଖର ଖୁଣ୍ଟିଆ(୩୦), ବମିଖାଲର ଆଶୁତୋଷ ଖୁଣ୍ଟିଆ(୨୫) ଓ ଟି. ଅଙ୍କିତ କୁମାର(୩୦)। ଗାଡିକୁ ମଧ୍ୟ ପୁଲିସ ଜବତ କରିଥିବା ଜଣାପଡିଛି ।"ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ଡିସିପିଙ୍କ ନିର୍ଦ୍ଦେଶ ମତେ ଖାରବେଳନଗର ଥାନାର ଥାନାଧିକାରୀ, ସମ୍ପୃକ୍ତ ଥାନାର ଅନ୍ୟାନ୍ୟ କର୍ମଚାରୀଙ୍କ ସହ ମିଶି ଶନିବାର ରାତିରେ ମାଷ୍ଟରକ୍ୟାଣ୍ଟିନ ଛକ ଠାରେ ମଦ୍ୟପ ଗାଡିଚାଳକଙ୍କ ବିରୋଧରେ ଧରପଗଡ ଅଭିଯାନ ଜାରି ରଖିଥିଲେ । ଏହି ସମୟରେ ଧରପଗଡ ଅଭିଯାନରେ ନିୟୋଜିତ ଥିବା ଅଧିକାରୀ ଓ କର୍ମଚାରୀମାନେ ଶ୍ରୀୟାଟକିଜ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ଅଭିମୁଖେ ଏକ ମାରୁତି ଡିଜାୟାର କାର ଦ୍ରୁତଗତିରେ ତଥା ବିପଦଜନକ ଭାବେ ଆସୁଥିବାର ଦେଖି ତାକୁ ଅଟକାଇବା ଲାଗି ପ୍ରୟାସ କରି ବହୁ କଷ୍ଟରେ ତାକୁ ଅଟକାଇବାରେ ସକ୍ଷମ ହୋଇଥିଲେ । ଯାଞ୍ଚ ସମୟରେ ଉକ୍ତ ଗାଡିର ଡ୍ରାଇଭର ଅଭିଯୁକ୍ତ ଟି ଅଙ୍କିତ ରାଓ ନିଶାସକ୍ତ ଅବସ୍ଥାରେ ଥିବା ଜଣାପଡିଥିଲା । ଡ୍ରାଇଭର ଜଣକ ନିଶାସକ୍ତ ଅବସ୍ଥାରେ ବିପଦଜନକ ଭାବେ ଗାଡିଚାଳନା କରୁଥିବା ହେତୁ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ଲାଗି ସୂଚିତ କରିବା ବେଳେ, ଉକ୍ତ ଗାଡିରେ ବସିଥିବା ନିମ୍ନୋକ୍ତ ଅନ୍ୟ ଦୁଇ ଅଭିଯୁକ୍ତ ହିମାଂଶୁ ଶେଖର ଖୁଣ୍ଟିଆ ଓ ଆଶୁତୋଷ ଖୁଣ୍ଟିଆ ଗାଡିରୁ ତଳକୁ ଓହ୍ଲାଇ ଚେକିଂ କାର୍ଯ୍ୟରେ ନିୟୋଜିତ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ସେମାନଙ୍କୁ ନିଜ କର୍ତ୍ତବ୍ୟ ସମ୍ପାଦନରେ ବାଧା ସୃଷ୍ଟି କରିଥିଲେ । ନିକଟରେ ଉପସ୍ଥିତ ଥିବା ଥାନାଧିକାରୀ ସେମାନଙ୍କୁ ସେଠାରେ ବୁଝାଇବାକୁ ପ୍ରୟାସ କରୁଥିବା ବେଳେ, ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଏହି ସମୟରେ ଅଭିଯୁକ୍ତ ହିମାଂଶୁ ଶେଖର ଖୁଣ୍ଟିଆ ଥାନାଧିକାରୀଙ୍କୁ ହଠାତ ଏକ ଚାପୁଡା ମାରିଥିଲେ । ଏହି ମାମଲାରେ ପୁଲିସ ସୂଚିତ ତିନି ଅଭିଯୁକ୍ତଙ୍କୁ ଘଟଣା ସ୍ଥଳରୁ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ସମ୍ପୃକ୍ତ ମାରୁତି କାରକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତମାନେ ନିଜର ଅପରାଧ ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ତଦନ୍ତ ଚାଲୁ ରହିଛି।

## ପୂର୍ବତନ ମନ୍ତ୍ରୀ ସମୀର ଦାଶଙ୍କ ସ୍ୱତନ୍ତ୍ର ବୈଠକ

ନିମାପଡ଼ା (ନିପ୍ର): ନିମାପଡ଼ା ବିଜେଡ଼ି ପ୍ରାର୍ଥୀ ଦିଲ୍ଲୀପ ନାୟକଙ୍କୁ ବିଧାୟକ ସମୀର ରଂଜନ ଦାଶ ହଜମ କରିପାରୁ ନାହାନ୍ତି । ।ଫଳରେ ତାଙ୍କ ସଂଗଠନର କର୍ମୀମାନେ ଏବେସୁଦ୍ଧା ଦ୍ୱନ୍ଦ୍ୱରେ ଅଛନ୍ତି । ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଅପେକ୍ଷା କରିବୁ, ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ ନ କଲେ ସ୍ୱାଧୀନ ଭାବେ ଲଢ଼ିବାକୁ ପ୍ରସ୍ତୁତ ହେବୁ ବୋଲି ବ୍ଲକ୍ ବିଜୁ ଜନତା ଦଳ ସଭାପତି ଅଶୋକ ସାହୁ ଏକ ବୈଠକରେ ସୂଚନା ଦେଇ କର୍ମୀମାନେ ପ୍ରସ୍ତୁତ ରହିବା ପାଇଁ ଆହ୍ୱାନ ଦେଇଥିଲେ । ଦଳରୁ ସାମୂହିକ ଇସ୍ତଫା ଦେବା ସହିତ ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କର୍ତ୍ତୃପକ୍ଷଙ୍କୁ ଚେତାବନୀ ଦେଇଥିଲେ ।

# ପୁରୀ ସହରରେ ବଢ଼ି ଚାଲିଛି ଚୋରା ବନ୍ଧୁକ କାରବାର !

ପୁରୀ (ନିପ୍ର): ପୁରୀ ସହରରେ ବଢ଼ି ଚାଲିଛି ଚୋରା ବନ୍ଧୁକ କାରବାର। କଥା କଥାକେ ଫୁଟୁଛି ଗୁଳି। ବନ୍ଧୁକ ଦେଖାଇ ଅପରାଧୀମାନେ ବିଭିନ୍ନ ଅପରାଧ କରିଚାଲିଛନ୍ତି। ହେଲେ ଚୋରା ବନ୍ଧୁକ କାରବାର ଉପରେ ପୁରୀ ପୋଲିସ ରୋକ୍ ଲଗାଇବାରେ ବିଫଳ ହୋଇଛି। ଅପରାଧିଙ୍କୁ ପୋଲିସ୍ ଗିରଫ କରି ବନ୍ଧୁକ ଜବତ କରୁଥିବା ବେଳେ ବନ୍ଧୁକ କେଉଁଠାରୁ ଆସୁଛି, କିଏ ଚୋରା ବନ୍ଧୁକ କାରବାର କରୁଛି, ଏହା ପଛରେ କିଏ ଅଛି ? ସେ ଦିଗରେ ପୁରୀ ପୋଲିସ୍ ତଦନ୍ତ କରୁନାହିଁ। କାହା ଚାପରେ ପୋଲିସ୍ ପୋଲିସ୍ ଶିଥିଳ ଅଛି ସେ ନେଇ ପ୍ରଶ୍ନ ଉଠିଛି ? ତେବେ ଆଗକୁ ସାଧାରଣ ନିର୍ବାଚନ। ଚୋରା ବନ୍ଧୁକ କାରବାର ଉପରେ ପୋଲିସ୍ କଡ଼ା ପଦକ୍ଷେପ ନନେଲେ ଆଇନ ଶୃଙ୍ଖଳା ସ୍ଥିତି ବିଗିଡିବା ଆଶଙ୍କା ରହିଛି। ତେବେ ଏ ପ୍ରସଙ୍ଗରେ ପୁରୀ ଜିଲା ଯୁବ ଅଧିବକ୍ତା ସଂଘର ଆବାହକ ଅନିଲ କୁମାର୍ ସାହୁ କହିଛନ୍ତି ପୁରୀ ସହର ଏବେ ଚୋରା ବନ୍ଧୁକର ପେଣ୍ଠସ୍ଥଳୀ ପାଲଟିଛି। ଅପରାଧୀମାନେ ବନ୍ଧୁକ ଦେଖାଇ ବିଭିନ୍ନ ଅପରାଧ କରୁଛନ୍ତି। ହେଲେ ଦୁର୍ଭାଗ୍ୟର ବିଷୟ ପୁରୀ ପୋଲିସ୍ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ । କେବଳ ଅପରାଧୀଙ୍କୁ ଧରି ବନ୍ଧୁକ ସିଜ୍ କରି ପୋଲିସ୍ ବସି ଯାଇଛି। କେଉଁଠୁ ବନ୍ଧୁକ ଆସୁଛି, କିଏ ଯୋଗଉଚି, କିଏ ବନ୍ଧୁକ କାରବାରରେ ଅଛି ସେ ଦିଗରେ ପୋଲିସ୍ ଦୃଷ୍ଟି ଦେବା ଉଚିତ୍। ନ ହେଲେ ଆଗାମୀ ଦିନରେ ଆଇନ ଶୃଙ୍ଖଳା ସ୍ଥିତି ବିଗିଡିବା ଆଶଙ୍କା ରହିଛି। ଏଣୁ ଚୋରା ବନ୍ଧୁକ କାରବାର ଉପରେ ପୁରୀ ପୋଲିସ କଡ଼ା କାର୍ଯ୍ୟନୁଷ୍ଠାନ ନେବା ଉଚିତ୍ ବୋଲି ଆଇନଜୀବୀ ଅନିଲ କୁମାର୍ ସାହୁ କହିଛନ୍ତି। ସେପଟେ ପୁରୀର ଆଉ ଜଣେ ଯୁବ ଆଇନଜୀବୀ ଦେବାଶିଷ ଦାସ କହିଛନ୍ତି ଚୋରା ବନ୍ଧୁକ ଉପରେ ପୋଲିସ କଡ଼ା ପଦକ୍ଷେପ ନେଉ। ଗୁଇନ୍ଦା ବିଭାଗକୁ ଆହୁରି ସୁଦୃଢ କରାଯାଉ। ଅପରାଧିଙ୍କ ଡାଟାବେସ୍ ପୋଲିସ ରଖିବା ଉଚିତ୍। ଦକ୍ଷ ପୋଲିସ୍ ଅଧିକାରୀଙ୍କୁ




ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଚୋରା ବନ୍ଧୁକ କାରବାର ଉପରେ ନଜର ରଖାଯାଉ। ନହେଲେ ଅପରାଧୀମାନେ ବନ୍ଧୁକକୁ ବିଭିନ୍ନ ଅପରାଧରେ ବ୍ୟବହାର କରିବେ। ଯାହାକି ଆଗାମୀ ନିର୍ବାଚନରେ ସ୍ଥିତି ସଙ୍ଗୀନ ହେବାର ଆଶଙ୍କା ରହିଛି। ତେବେ ସୂଚନା ଅନୁଯାୟୀ ଗତ ଏକ ବର୍ଷ ମଧ୍ୟରେ ପୁରୀ ପୋଲିସ୍ ୧୫ରୁ ଅଧିକ ଚୋରା ବନ୍ଧୁକ ବିଭିନ୍ନ ଅପରାଧୀଙ୍କ ଠାରୁ ଜବତ କରିଛି। ସେପଟେ ଆଗାମୀ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କ ଗାଇଡ ଲାଇନ୍ ଅନୁଯାୟୀ ପୁରୀ ଜିଲ୍ଲାରେ ଲାଇସେନ୍ସ ପ୍ରାପ୍ତ ବନ୍ଧୁକ ସ୍ଥାନୀୟ ଥାନାରେ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହାକି ୮୦ ପ୍ରତିଶତ ବନ୍ଧୁକ ଥାନାକୁ ଆସିଛି। ତେବେ ପୁରୀ ଏସପି ପିନାକ ମିଶ୍ରଙ୍କ ସୂଚନା ଅନୁଯାୟୀ ପୁରୀ ଜିଲ୍ଲାରେ ମୋଟ ୬ଶହ ୬୮ ଟି ଲାଇସେନ୍ସ ବନ୍ଧୁକ ରହିଛି।ତେବେ ନିର୍ବାଚନ କମିଶନଙ୍କ ଗାଇଡ ଲାଇନ ଅନୁଯାୟୀ ସମସ୍ତଙ୍କୁ ନିଜ ଥାନାରେ ବନ୍ଧୁକ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମୋଟ ୬୬୮ଟି ଲାଇସେନ୍ସ ବନ୍ଧୁକରୁ ୫୬୪ଟି ଥାନାରେ ଅଛି। ୪୭ଟି ବନ୍ଧୁକକୁ ପାଖରେ ରଖିବା ପାଇଁ ଅନୁମତି ରହିଛି। ବିଭିନ୍ନ ସିକ୍ୟୁରିଟି ସର୍ଭିସ୍, କ୍ରୀଡାବିତ୍ ଓ ଜୀବନକୁ ବିପଦ ଥିବା ବ୍ୟକ୍ତି ବିଶେଷଙ୍କୁ ବନ୍ଧୁକ ରଖିବା ପାଇଁ ଜିଲ୍ଲା କମିଟି ଅନୁମତି ଦେଇଛି। ତେବେ ଆହୁରି ୫୭ଟି ଲାଇସେନ୍ସ ବନ୍ଧୁକ ଥାନାକୁ ଆସି ନଥିବା ବେଳେ ଶୀଘ୍ର ଦେବାକୁ ସଂପୃକ୍ତ ବ୍ୟକ୍ତିଙ୍କୁ ପୁରୀ ପୋଲିସ୍ ପକ୍ଷରୁ ନୋଟିସ ଦିଆଯାଇଛି। ତେବେ ଆଗାମୀ ନିର୍ବାଚନ କିଭଳି ଶାନ୍ତି ଶୃଙ୍ଖଳାରେ ହେବ ସେ ନେଇ ସବୁ ଗାଇଡ ଲାଇନ ପୋଲିସ୍ ମାନୁଥିବା ପୁରୀ ଏସପି କହିଛନ୍ତି। ତେବେ ଚୋରା ବନ୍ଧୁକ କାରବାର ଉପରେ ପୋଲିସ୍ ମଧ୍ୟ ନଜର ଥିବା ବେଳେ ସୂଚନା ମିଳିବା ପରେ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା ପୁରୀ ଏସ୍‌ପି କହିଛନ୍ତି।

# ଛାତ ଭୁଶୁଡି ପଡ଼ିବାରୁ ୪ ଜଣ ଗୁରୁତର

ପୁରୀ (ନିପ୍ର): ପୁରୀ ରେଲୱେ ଷ୍ଟେସନରେ ଅଘଟଣ। ରେଲୱେ ଷ୍ଟେସନ ସମ୍ମୁଖରେ ଚାଲିଥିବା ନୂତନ ବିଲ୍ଡିଂର ଛାତ ଭୁଷୁଡି ପଡିବାରୁ ୪ ଜଣ ଗୁରୁତର ଆହତ ହେଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ପୁରୀ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ତେବେ ସୂଚନା ଅନୁଯାୟୀ ରବିବାର ସକାଳ ୧୦ଟା ୩୦ରେ ଏହି ଅଘଟଣ ଘଟିଛି। ମୋଟ ୬ ଜଣ ଶ୍ରମିକ କାର୍ଯ୍ୟ କରୁଥିଲେ। ତେବେ ହଠାତ୍ ଛାତ ପାଇଁ ଲାଗିଥିବା ସେଟ୍ରିଙ୍ଗ ଭୁଷୁଡି ପଡିବାରୁ ଏହି ଅଘଟଣ ହେଇଛି। ତେବେ ଖବର ମିଳିବା ପରେ ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଗୁରୁତର ଆହତ ଶ୍ରମିକ ହେଉଛନ୍ତି ବିଶୁ ମଣ୍ଡଳ, ଶଙ୍କର ବେରା, ଶମ୍ଭୁ ବେରା,



କୁନୁ ଗୌଡ଼, ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତେବେ ଆହାତ ଶ୍ରମିକ ଭିତରୁ ବିଶୁ ମଣ୍ଡଳ, ଶଙ୍କର ବେରା, ସମ୍ଭୁ ବେରା ମେଦିନପୁରର ହୋଇଥିଲା ବେଳେ ଗଞ୍ଜାମର ହେଉଛନ୍ତି କୁନୁ ଗଉଡ । ତେବେ ଏହି ଅଘଟଣ ହେବା ପରେ ଯୁବ କଂଗ୍ରେସ ନେତା ସୁଜିତ୍ ମହାପାତ୍ର ପୁରୀ ରେଲୱେ ଷ୍ଟେସନ ଆସି ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି। ଘଟଣା ପାଇଁ ସେ ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରିଛନ୍ତି। ଉପଯୁକ୍ତ ସୁରକ୍ଷା ଅଭାବ ପାଇଁ ଘଟଣା ହୋଇଛି । ତେବେ ଉପଯୁକ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସହ ଶ୍ରମିକଙ୍କୁ କ୍ଷତି ପୂରଣ ଦେବାକୁ ଯୁବ କଂଗ୍ରେସ ନେତା ସୁଜିତ୍ ମହାପାତ୍ର ଦାବି କରିଛନ୍ତି।

## ଚା'ଖଟିରେ ଲୋକଙ୍କ ଅଭିଯୋଗ ଶୁଣିଲେ ଭର୍ତ୍ତୃହରି

କଟକ (ନିପ୍ର): ଆଗାମୀ ସାଧାରଣ ନିର୍ବାଚନକୁ ନେଇ ନେତାମାନେ ଜନସାଧାରଣଙ୍କ ନିକଟତର ହେବାରେ ଲାଗିପଡିଛନ୍ତି । ଏହି ଅବସରରେ ରବିବାର ଭାରତୀୟ ଜନତା ପାର୍ଟି ପକ୍ଷରୁ କଟକ ଲୋକସଭା ସାଂସଦ ପ୍ରାର୍ଥୀ ଭର୍ତ୍ତୃହରି ମହତାବ ଓ ଚୌଦ୍ୱାର କଟକ ବିଧାନସଭା ପ୍ରାର୍ଥୀ ନୟନ ମହାନ୍ତି କର୍ମକର୍ତ୍ତାଙ୍କ ଗହଣରେ ଛତ୍ରବଜାର ପରିବା ମାର୍କେଟ ନିକଟରେ ଥିବା ରାଜ କିଶୋର ପାତ୍ରଙ୍କ ଚା'ଦୋକାନରେ ଏକତ୍ରିତ ହୋଇ ଚା ପିଇବା ସହ ନିର୍ବାଚନୀ ସମ୍ବନ୍ଧୀୟ କଥା ଆଲୋଚନା କରିଥିଲେ । ପରେ ପରେ ମାଲଗୋଦାମରେ ଜଳବନ୍ଦୀ ସମସ୍ୟା ଠାରୁ ଆରମ୍ଭ କରି ପରିବା ବ୍ୟବସାୟୀଙ୍କୁ ବ୍ୟବସାୟ ନିମନ୍ତେ ପିଣ୍ଡି ନମିଳିବା ଦ୍ୱାରା ରାସ୍ତା ଉପରେ ଖରା ଆଉ ବର୍ଷାରେ ବସି ବ୍ୟବସାୟ କରିବା ଆଦି ବିଭିନ୍ନ ସମସ୍ୟା ସର୍ମ୍ପକରେ ଆଲୋଚନା କରାଯାଇଥିଲା । ସମସ୍ୟାର ସମାଧାନ ଏବଂ ରାଜ୍ୟ ତଥା ଦେଶର ବିକାଶ ନିମନ୍ତେ ଡବଲ ଇଞ୍ଜିନ ସରକାରର ଆବଶ୍ୟକତା ଜରୁରୀ ଅଟେ । ଏଥିନିମନ୍ତେ ବିଧାନସଭା ଓ ଲୋକସଭା ନିମନ୍ତେ ପଦ୍ମ ଫୁଲରେ ଭୋଟ ଦେବ ପାଇଁ ଉଭୟ ପ୍ରାର୍ଥୀ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେପି କର୍ପୋରେଟର ଗୋପାଳ ବେହେରା ଓ ଦୀପକ ଦାସ, ଯୁବନେତା ଲୋକରଞ୍ଜନ ମହତାବ, ସମାଜସେବୀ ଜ୍ୟୋତିରଞ୍ଜନ ରାୟ, ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଜଳ ପାଇଁ ଲୋକେ ତହଳବିକଳ ବସୁଧା ଯୋଜନାରେ ପୋତି ହେଲାଣି କୋଟି କୋଟି ଟଙ୍କା

କାକଟପୁର (ନିପ୍ର): ଗ୍ରାମାଞ୍ଚଳଗୁଡିକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବସୁଧା ଯୋଜନା ମାଧ୍ୟରେ ଘର ଘରକୁ ପାନୀୟ ଜଳ ଯୋଗାଣ ଲାଗି ପାଇପ ଲାଇନ୍ ସଂଯୋଗ କରାଯାଉଛି। ହେଲେ କିଛି ସ୍ଥାନରେ ଏହା ସଠିକ୍ ଭାବେ କାମ କରୁନି। ଏମିତି କିଛି ଘଟଣା ଦେଖିବାକୁ ମିଳିଛି ପୁରୀ ଜିଲ୍ଲା କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଢେଇ ପଞ୍ଚାୟତ ପାଟପୁର ଗ୍ରାମରେ। ଏହି ପାଟପୁର ରାଜସ୍ୱ ଗ୍ରାମଟି ୧୩ ଗୋଟି ପଡ଼ା ଗ୍ରାମକୁ ନେଇ ଗଠିତ। ପାଟପୁର, ବରୁଣେଇ, ନାନକେରାସାହି, ସାଡେଙ୍ଗା, ବାଗିସାହି, ଡିହପାଟପୁର ଆଦି ଗ୍ରାମକୁ ପାଇପ ଲାଇନ ସଂଯୋଗ ହୋଇଥିଲେ ହେଁ କୌଣସି ଅଞ୍ଚଳକୁ ପାଣି ଆସୁନଥିବାରୁ ଗ୍ରାମବାସୀମାନେ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ନପାଇ ନଦୀ ଏବଂ ନାଳର ଦୂଷିତ ଗୋଳିଆ ପାଣି ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜଳସ୍ତର କମିଯିବା ହେତୁ ଜଳଉସ ଗୁଡିକ ଶୁଖିଲା ପଡିଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ବର୍ଷ ବର୍ଷ ଧରି ଅନୁପସ୍ଥିତ ରହିବାରୁ ଅଭିଯୋଗର ସମାଧାନ ହୋଇପାରୁନାହିଁ। ସେପଟେ ପ୍ରବଳ ଗ୍ରୀଷ୍ମପ୍ରବାହ ଗ୍ରାମବାସୀଙ୍କ ସମସ୍ୟାକୁ ଦ୍ୱିଗୁଣିତ କରିଛି। ବିଭାଗୀୟ ଅଧିକାରୀଙ୍କୁ ଏବଂ ପଞ୍ଚାୟତ ସମିତି ବୈଠକ ରେ ଏ ନେଇ



ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ଫଳ କିନ୍ତୁ ଯଥା ପୂର୍ବଂ ତଥା ପରଂ। ଅଦ୍ୟାବଧି କୌଣସି ସୁଫଳ ମିଳିନଥିବା ସରପଞ୍ଚ ପ୍ରଭାତୀ ରାଉତ ଅଭିଯୋଗ କରିଛନ୍ତି। ତେଣୁ ବ୍ଲକ ପ୍ରଶାସନ ତୁରନ୍ତ ଅଞ୍ଚଳବାସୀଙ୍କ ପାନୀୟ ଜଳ ଯୋଗାଣ ସମସ୍ୟା ସମାଧାନ କରିବା ଦିଗରେ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦୃଢ଼ ଦାବି କରିଛନ୍ତି।

# ପୁରୀ ସହରବାସୀଙ୍କ ମଧ୍ୟରେ ଆତଙ୍କ: ବ୍ୟାପିଛି ଝାଡ଼ାବାନ୍ତି

ପୁରୀ (ନିପ୍ର): ପୁରୀ ସହରବାସୀଙ୍କ ମଧ୍ୟରେ ଆତଙ୍କ। ପୁରୀର ବାରାହୀ ଲେନ୍, ଶ୍ୱେତଗଙ୍ଗା ଲେନ୍, ଗୁଡିଆ ସାହି ଓ ତିଆଡି ସାହି ଅଞ୍ଚଳରେ ବ୍ୟାପିଛି ଝାଡ଼ାବାନ୍ତି। ଏଥିରେ ଏକାଧିକ ଲୋକ ଆକ୍ରାନ୍ତ ହୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଥିବା ବେଳେ ଦୁଇଜଣଙ୍କର ମଧ୍ୟ ଝାଡ଼ାବାନ୍ତିରେ ମୃତ୍ୟୁ ହୋଇଥିବା ସାଂଘାତିକ ଅଭିଯୋଗ ଆସିଛି। ମୃତକ ଦୁଇଜଣ ହେଉଛନ୍ତି ବାରାହୀ ଲେନ୍‌ର ଦାମୋଦର ପଣ୍ଡା ଓ ପୂର୍ଣ୍ଣବାସୀ ମଠର ଶ୍ରୀମତୀ ଦାସୀ। ଏହି ଦୁଇଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେବେ ଦିନକୁ ଦିନ ଝାଡ଼ାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବା ବେଳେ ଜନସ୍ୱାସ୍ଥ୍ୟ



ବିଭାଗ ଅଧିକାରୀ, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ଝାଡ଼ାବାନ୍ତି ଆକ୍ରାନ୍ତ ଅଞ୍ଚଳରେ ବୁଲି ସ୍ଥିତି ଅନୁଧ୍ୟାନ କରିବା ସହ ଏହାର ସମାଧାନ କରିବାକୁ ଦାବି ହୋଇଛି।

ପୁରୀ ସହରରେ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯାଇଥିବା ବେଳେ ଅଧିକାଂଶ ପାଇପ୍ ଡ୍ରେନ୍ ଭିତରେ ରହିଥିବା ଦେଖିବାକୁ ମିଳିଛି। ତେବେ ପାଇପ୍‌ରେ ଛିଦ୍ର ସୃଷ୍ଟି ହୋଇ ନଳା ପାଣି ପଶି ପାନୀୟ ଜଳକୁ ସମ୍ପୂର୍ଣ୍ଣ ଦୂଷିତ କରିଥିବା ଅଭିଯୋଗ ହୋଇଛି। ତେଣୁ ଝାଡ଼ାବାନ୍ତି ପୁରୀରେ ବ୍ୟାପି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। କାଳବିଳମ୍ବ ନକରି ତୁରନ୍ତ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ନଳା ଭିତରେ ଯାଇଥିବା ପାଇପ୍‌ରେ ପାନୀୟ ଜଳ ଯୋଗାଣ ବନ୍ଦ କରାଯାଇ ନୂଆ ପାଇପ୍ ଜରିଆରେ ପାନୀୟ ଜଳ ଯୋଗାଣ କରାଯିବାର ଆବଶ୍ୟକତା ଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ସେପଟେ ଝାଡ଼ାବାନ୍ତି ବ୍ୟାପିବା ଘଟଣା ଜଣାପଡିବା ପରେ ଜନସ୍ୱାସ୍ଥ୍ୟ ବିଭାଗର ବଳିଆପଣ୍ଡା ସେକ୍ସନ ଆସିଷ୍ଟାଣ୍ଟ ମ୍ୟାନେଜର ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡ୍ରେନ୍ ଭିତରେ ଯାଇଥିବା ପାଇପ୍ ଗୁଡ଼ିକ ଚିହ୍ନଟ କରି ନୂତନ ପାଇପ୍ ଯୋଗେ ଜଳଯୋଗାଣ ପାଇଁ ପଦକ୍ଷେପ ନିଆଯାଉଥିବା ୱାଟ୍‌କୋ ଆସିଷ୍ଟାଣ୍ଟ ମ୍ୟାନେଜର କହିଛନ୍ତି।

# ଅବକାରୀ ଚଢାଉ: ୩ ମାମଲା ରୁଜୁ

ଆଠଗଡ଼ (ନିପ୍ର) : ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମରେ ଆଠଗଡ଼ ଅବକାରୀ ବିଭାଗର ଉପଅଧିକ୍ଷକ ନିମାଇଁ ଚରଣ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମିଳିତ ଚଢାଉ କରାଯାଇଥିଲା । ଏହି ଚଢାଉରେ ସର୍ବମୋଟ ୩୮୧୫ ଲିଟର ଦେଶୀ ରନ୍ଧା ମଦ ସହ ୬୯୩୦ ଲିଟର ମଦ ପ୍ରସ୍ତୁତି ନିମନ୍ତେ ବ୍ୟବହୃତ ଗୁଡ଼ ପୋଚ ନଷ୍ଟ କରାଯିବା ସହ ୩ଟି ମାମଲା ରଜୁ କରାଯାଇଛି ଅବକାରୀ ସୂତ୍ରରୁ ସୂଚନା ମିଳିଛି। ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଏହିପରି ବାରମ୍ବାର ଚଢାଉ ଚାଲିଛି, କିନ୍ତୁ ଚଢାଉରେ ଅଧିକାଂଶ ସମୟରେ କେହି ଗିରଫ ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।ଏହି ଚଢାଉରେ ହେମନ୍ତ ମହାନନ୍ଦିଆ, ଅଭିରାମ ସାହୁ, ଅରୁଣ ଭୋଇ, ସୌମ୍ୟରଞ୍ଜନ ମାଝୀ, ଅଜିତ ପାତ୍ର ପ୍ରମୁଖ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

# ସମୁଦ୍ର କୂଳରୁ ରାଧୁ ସ୍ୱାଇଁଙ୍କ ମୃତଦେହ ଉଦ୍ଧାର ଘଟଣା: ୫ ଗିରଫ

କାକଟପୁର (ନିପ୍ର): ଅସ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତ ଆଇଁସିଣିଆ ଗ୍ରାମର ରାଧୁ ସ୍ୱାଇଁଙ୍କ ମୃତଦେହ ସମୁଦ୍ର କୂଳରୁ ଉଦ୍ଧାର ଘଟଣା ଚର୍ଚ୍ଚାରେ ଥିବା ବେଳେ ଏବେ ଘଟଣା ଉପରୁ ପୁଲିସ୍ ପରଦା ହଟାଇଛି । ଜଙ୍ଗଲକୁ ଶିକାର କରିବାକୁ ଯାଇ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ରାଧୁ ସ୍ୱାଇଁଙ୍କ ମୃତ୍ୟୁ ହେବା ଓ ଶିକାର କରିବାକୁ ଯାଇଥିବା ସହଯୋଗୀ ମୃତଦେହକୁ ସମୁଦ୍ର କୂଳରେ ଫିଙ୍ଗିଦେଇଥିବା ପୁଲିସ୍ ଠାରୁ ସୂଚନା ମିଳିଛି। ତେବେ ଏହି ଘଟଣାରେ ସମ୍ପୃକ୍ତି ଥିବା ୫ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ସୂଚନାନୁସାରେ ଗତ ୧୬ତାରିଖ ରାତିରେ ଆଇଁସିଣିଆ ଗ୍ରାମର ରାଧୁ ସ୍ୱାଇଁ ନାମକ ଜଣେ ବ୍ୟକ୍ତି ଜଙ୍ଗଲକୁ କାଠ ଆଣିବାକୁ ଯାଇ ସେଦିନ ଆଉ ଘରକୁ ଫେରିନଥିଲେ। ତା ପରଦିନ ତାଙ୍କର ମୃତଦେହ ସମୁଦ୍ର କୂଳରୁ ମିଳିଥିଲା। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ଓ ପରିବାର ପକ୍ଷରୁ ମୃତକଙ୍କ ଭାଇ ମଧୁ ସ୍ୱାଇଁ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଉପରେ ସନ୍ଦେହ ପ୍ରକାଶ କରି ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଅସ୍ତରଙ୍ଗ ପୁଲିସ୍, ଫରେନସିକ ଟିମ୍, ନିମାପଡା ଏସଡିପିଓ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ



ଆରମ୍ଭ କରିଥିଲେ । ୧୦ଦିନ ପରେ ଘଟଣା ଉପରୁ ପରଦା ହଟିଛି। ପୁଲିସର ତଦନ୍ତ ରିପୋର୍ଟ ମୁତାବକ ମୃତ ରାଧୁ ସ୍ୱାଇଁ ୫ ଜଣ ସହଯୋଗୀଙ୍କ ସହ ଜଙ୍ଗଲକୁ ଯାଇ ହରିଣ ଓ ବାର୍‌ହା ଭଳି ମାଂସାଶୀ ପ୍ରାଣୀକୁ ଶିକାର କରିବାକୁ ବିଦ୍ୟୁତ୍ ତାର ବିଛାଇଥିଲେ। ଅନ୍ୟମାନେ ଅପେକ୍ଷା କରିବା ବେଳେ କାଠ ସଂଗ୍ରହ କରିବାକୁ ଜଙ୍ଗଲକୁ ରାଧୁ ଯାଇଥିଲେ। ଅଜାଣତରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ରାଧୁର ମୃତ୍ୟୁ ହେବା ରିପୋର୍ଟ ମିଳୁଛି। ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଚିତ୍କାର କଲାବେଳେ ସାଥିରେ ଯାଇଥିବା ସହଯୋଗୀ ଆସି ଦେଖନ୍ତେ ରାଧୁର ମୃତ୍ୟୁ ହୋଇଥିଲା । ତେବେ ସେମାନେ ଭୟଭୀତ ହେବା ସମେତ ପ୍ରମାଣ ନଷ୍ଟ କରିବାକୁ ମୃତଦେହକୁ ସମୁଦ୍ର କୂଳରେ ଫିଙ୍ଗିଦେବା ପୁଲିସର ତଦନ୍ତରୁ ଜଣାପଡିଛି। ଏ ସମ୍ପର୍କରେ ଅସ୍ତରଙ୍ଗ ପୁଲିସ୍ ପକ୍ଷରୁ ସାମ୍ବାଦିକ ଡାକି ପ୍ରେସ୍ ବିଜ୍ଞପ୍ତି ଜାରି ଘଟଣାର ସତ୍ୟତା ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ଗତ ୧୭ ତାରିଖ ଦିନ ମୃତକଙ୍କ ଭାଇ ମଧୁ ସ୍ୱାଇଁଙ୍କ ଅଭିଯୋଗକୁ ଭିତିକରି ୮୫/୨୪ ମାମଲା ଯେଉଁ ମାମଲା ରୁଜୁ ହୋଇଥିଲା, ତଦନ୍ତ ପରେ ସତ୍ୟାସତ୍ୟ ସାମ୍ନାକୁ ଆସିବାରୁ ଏବେ ଦଫା ବଦଳି ଶିକାର କରିବାକୁ ରାଧୁଙ୍କ ସହ ଯାଇଥିବା ୫ ଜଣ ସହଯୋଗୀ କାଠଗଡ଼ାକୁ ଟଣା ହୋଇଛନ୍ତି। ସେମାନେ ହେଲେ ମୃତକଙ୍କ ଗାଁର ଚିନ୍ମୟ କାଣ୍ଡି (୨୯), ମିଥୁନ କାଣ୍ଡି (୩୧), ଛବିନ୍ଦ୍ର କାଣ୍ଡି (୩୩), ପ୍ରଶାନ୍ତ କାଣ୍ଡି (୩୬) ଓ ନରେନ୍ଦ୍ର ସ୍ୱାଇଁ (୪୨) । ଏମାନଙ୍କ ନାମରେ ଅପରାଧିକ ମାମଲା ରୁଜୁ ହେବା ସମେତ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଚିନ୍ମୟ କାଣ୍ଡି ଓ ନରେନ୍ଦ୍ର ସ୍ୱାଇଁଙ୍କ ପାଖରୁ ୨ଟି ମୋବାଇଲ୍ ଓ ଶିକାରରେ ବ୍ୟବହୃତ ୪୦ମିଟର ବିଦ୍ୟୁତ୍ ତାର ଜବତ ହେବା ପୁଲିସ୍ ତାର ବିଜ୍ଞପ୍ତିରେ ପ୍ରକାଶ କରିଛି। ସବୁଠାରୁ ବଡ କଥା ହେଲା, ଅସ୍ତରଙ୍ଗ ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ଜୀବଜନ୍ତୁ ଶିକାର ହେବା ଜଙ୍ଗଲ ବିଭାଗ କିପରି ଜାଣି ପାରୁନଥିଲା ତାହା ସାଧାରଣରେ ଆଲୋଚନା ହେଉଛି ।

# ଗୁଜରାଟ ଟାଇଟାନ୍ସକୁ ୯ ୱିକେଟରେ ହରାଇଲା ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ



ଅହମଦାବାଦ,୨୮।୪: ଅହମଦାବାଦର ନରେନ୍ଦ୍ରମୋଦି ଷ୍ଟାଡିୟମଠାରେ ଖେଳାଯାଉଥିବା ଆଇପିଏଲ ୨୦୨୪ର ୪୫ତମ ମ୍ୟାଚରେ ଗୁଜରାଟ ଟାଇଟନ୍ସକୁ ୯ ୱିକେଟରେ ପରାସ୍ତ କରିଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ । ୱିଲ ଜାକ୍ସଙ୍କ ବିସ୍ଫୋରକ ଶତକ (୪୧ ବଲରୁ ୧୦୦ ରନ) ଓ ବିରାଟ କୋହଲିଙ୍କ ଉପଯୋଗୀ ଅର୍ଦ୍ଧଶତକ (୪୪ ବଲରୁ ୭୦ ରନ) ବଳରେ ବିଜୟୀ ୨୦୧ ରନର ଲକ୍ଷ୍ୟକୁ ସହଜରେ ହାସଲ କରିନେଇଛି ବେଙ୍ଗାଲୁରୁ । ଫାଫ ଡୁପ୍ଲେସିସ ୨୪ ରନ କରିଥିଲେ । ଏହି ମ୍ୟାଚ୍‌ରେ ବେଙ୍ଗାଲାରୁ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ଋଦ୍ଧିମାନ ଶାହାଙ୍କ ୱିକେଟ ହରାଇଥିଲେ । ସେ ମାତ୍ର ୫ ରନ୍ କରି ଆଉଟ ହୋଇଥିଲେ । ସେହିପରି ଅନ୍ୟ ଓପନର ଶୁଭମନ ଗିଲ ମଧ୍ୟ ମାତ୍ର ୧୬ ରନ୍ କରି ଆଉଟ ହୋଇଥିଲେ । ତେବେ ସାଇ ସୁଦର୍ଶନ ଓ ଶାହରୁଖ ଖାଁ ଲଢୁଆ ବ୍ୟାଟିଂ କରି ଦଳୀୟ ସ୍କୋରକୁ ଆଗେଇ ନେଇଥିଲେ । ସୁଦର୍ଶନ ଅପରାଜିତ ୮୪ ରନ କରିଥିବାବେଳେ ଶାହରୁଖ ୫୮ ରନ୍ କରିଥିଲେ । ଡେଭିଡ୍ ମିଲର ମଧ୍ୟ ୧୯ ବଲ ଖେଳି ୨୬ ରନ୍ କରିଥିଲେ । ଗୁଜରାଟ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ ୨୦୦ ରନ କରିଥିଲା । ଏହା ଫଳରେ ବେଙ୍ଗାଲୁରୁ ଆଗରେ ବିଜୟ ପାଇଁ ୨୦୧ରନ୍‌ର ଲକ୍ଷ୍ୟ ରହିଛି । ଆରସିବି ପକ୍ଷରୁ ଗ୍ଲେନ ମାକ୍ସୱେଲ, ସ୍ୱପ୍ନିଲ ସିଂ ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ ।

# ଭାରତକୁ ବିଶ୍ୱକପ୍ ଜିତାଇଥିଲେ, ଏବେ ପାକିସ୍ତାନର କୋଚ୍ ହେଲେ





ନୂଆଦିଲ୍ଲୀ,୨୮।୪ : ଟି-୨୦ ୱାର୍ଲ୍ଡ କପ୍ ୨୦୨୪ ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡରେ ବଡ଼ଧରଣର ପରିବର୍ତ୍ତନ ଦେଖିବାକୁ ମିଳିଛି। ପାକିସ୍ତାନ ଟିମ୍ ତା'ର କୋଚ୍ ବଦଳାଇଛି। ଉଭୟ ଦିନିକିଆ ଓ ଟି-୨୦ ପାଇଁ ପାକିସ୍ତାନ ନୂଆ କୋଚ୍ ଭାବେ ଗ୍ୟାରୀ କ୍ରିର୍ଷ୍ଟେନଙ୍କୁ ନିଯୁକ୍ତି ଦେଇଛି। ଗ୍ୟାରୀ କ୍ରିର୍ଷ୍ଟେନ ଏହାପୂର୍ବରୁ ୨୦୧୧ରେ ଟିମ୍ ଇଣ୍ଡିଆକୁ ଦିନିକିଆରେ ୱାର୍ଲ୍ଡ କପ୍ ବିଜେତା କରାଇଥିଲେ। ଏବେ ଟି-୨୦ ବିଶ୍ୱକପ୍ ପୂର୍ବରୁ ଗ୍ୟାରୀ କ୍ରିର୍ଷ୍ଟେନଙ୍କୁ କୋଚ୍ ଭାବେ ନିଯୁକ୍ତି ଦେଇ ପାକିସ୍ତାନ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ସେହିଭଳି ଅଷ୍ଟ୍ରେଲିଆର ପୂର୍ବତନ ଦ୍ରୁତ ବୋଲର ଜେସନ୍ ଗିଲେସ୍ପିଙ୍କୁ ଟେଷ୍ଟ ମ୍ୟାଚ୍ ପାଇଁ ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ପାକିସ୍ତାନର ପୂର୍ବତନ କ୍ରିକେଟର ଅଜହର ମହମୁଦଙ୍କୁ ତିନୋଟି ଫର୍ମାଟରେ ଦଳର ଆସିଷ୍ଟାଣ୍ଟ କୋଚ୍ କରାଯାଇଛି। ସମସ୍ତ ତିନୋଟି କୋଚ୍ କାର୍ଯ୍ୟକାଳ ଦୁଇ ବର୍ଷ ଲେଖାଏଁ ରହିବ। ଜୁନ୍ ୧ ରୁ ଆମେରିକା ଏବଂ ୱେଷ୍ଟଇଣ୍ଡିଜ୍‌ରେ ଟି -୨୦ ବିଶ୍ୱକପ୍ ଖେଳାଯିବ। ଗ୍ୟାରୀ କ୍ରିର୍ଷ୍ଟେନ ବର୍ତ୍ତମାନ ଆଇପିଏଲରେ ଗୁଜୁରାଟ ଟାଇଟନ୍ସର ମେଣ୍ଟର ଦାୟିତ୍ୱରେ ଅଛନ୍ତି। କ୍ରିର୍ଷ୍ଟେନ ଭାରତୀୟ ଟିମର କୋଚ୍ ସହ ୩ ବର୍ଷ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦଳର ମଧ୍ୟ କୋଚ୍ ଦାୟିତ୍ୱରେ ଥିଲେ। ମିକି ଆର୍ଥର ପାକିସ୍ତାନର କୋଚ୍ ପଦ ଛାଡିବା ପରେ ଏହି ସ୍ଥାନ ଫାଙ୍କା ପଡିଥିଲା। ପରେ ମହମ୍ମଦ ହାଫିଜଙ୍କୁ ଟିମର ନିର୍ଦ୍ଦେଶକ ଭାବେ ଦାୟିତ୍ୱ ମିଳିଥିଲା। କିନ୍ତୁ ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଦଳର ଖରାପ ପ୍ରଦର୍ଶନ କାରଣରୁ ହାଫିଜଙ୍କୁ ପଦ ହରାଇବାକୁ ପଡିଥିଲା। ଗ୍ୟାରୀ କ୍ରିର୍ଷ୍ଟେନର ଦକ୍ଷିଣ ଆଫ୍ରିକାର ପୂର୍ବତନ କ୍ରିକେଟର। ନିଜ କ୍ୟାରିୟରରେ ୧୦୧ଟେଷ୍ଟ ମ୍ୟାଚ୍ ସହ ୧୮୫ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି।

## ଜାତୀୟ ଶିକ୍ଷା ନୀତିରେ ସବୁ ଭାଷାକୁ ଗୁରୁତ୍ୱ: ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର, ୨୮।୪(ନିପ୍ର) କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଜିଲ୍ଲାର ଏକାଧିକ ପ୍ରମୁଖ ସାରସ୍ୱତ ଅନୁଷ୍ଠାନର ମିଳିତ ସହଯୋଗରେ ଆୟୋଜିତ 'ମହାନଦୀ ସାହିତ୍ୟ ଉତ୍ସବ'ରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ସମ୍ବଲପୁରୀ ଭାଷା, ସାହିତ୍ୟ, ସଂସ୍କୃତି, ଲୋକକଳା, ଲୋକ ପରମ୍ପରା, ଖାଦ୍ୟପେୟ ପ୍ରତି ମୋର ଛାତ୍ରାବସ୍ଥାରୁ ଆବେଗ ଅଛି । ସମ୍ବଲପୁରୀ ପୋଷାକ ପରିଧାନ କରି ସଂସଦ ଯିବା ମୋତେ ପସନ୍ଦ ଲାଗେ । ପ୍ରସିଦ୍ଧ ରଙ୍ଗବତୀ ଗୀତ ଓ ଲୋକପ୍ରିୟ ନୃତ୍ୟ ଡାଲଖାଇ ପ୍ରତି ମୋର ବିଶେଷ ଆକର୍ଷଣ ଅଛି । ସେ କହିଛନ୍ତି ଯେ, ଭାଷା ଆମର ପରିଚୟ । ଆଜି ଜାତୀୟ ଶିକ୍ଷା ନୀତିରେ ସମ୍ବଲପୁରୀ ଭାଷା ସମେତ ସବୁ ଭାରତୀୟ ଭାଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି । କୌଣସି ଭାଷା ଆଞ୍ଚଳିକ ଭାଷା ନୁହେଁ । ସବୁ ଭାଷା ରାଷ୍ଟ୍ରୀୟ ଭାଷା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଭାରତକୁ ପରାଧୀନ ରଖିବା ପାଇଁ ଟି.ବି.ମାକାଉଲେ ପ୍ରଚଳନ କରିଥିବା ଶିକ୍ଷା ପଦ୍ଧତିରୁ ବାହାରି ବର୍ତ୍ତମାନ ସମୟରେ ଆମ ମାତୃଭାଷା ଓ ସ୍ଥାନୀୟ ସଂସ୍କୃତିର ଅନ୍ତରାଷ୍ଟ୍ରୀୟ ସ୍ତରରେ ବହୁଳ ପ୍ରଚାର କରିବା । ସମ୍ବଲପୁର ଅଂଚଳ ସାମର୍ଥ୍ୟ, ଶକ୍ତି ଓ ଗଭୀରତାରେ ପରିପୂର୍ଣ୍ଣ । ସମ୍ବଲପୁରର ସାହିତ୍ୟ ସ୍ଥାନୀୟ ଜୀବନ ପଦ୍ଧତିକୁ ଆଗକୁ ନେବାର ଶିକ୍ଷା ଦେଇଥାଏ । ଏହାକୁ ଉପଯୋଗ କରି ମହାନଦୀ ସାହିତ୍ୟ ଉତ୍ସବକୁ ଆୟୋଜନ କରୁଥିବା ପ୍ରମୁଖ ସାରସ୍ୱତ ଅନୁଷ୍ଠାନର ମିଳିତ ସହଯୋଗରେ ଆମେମାନେ ସନ୍ଥ କବି ଭୀମ ଭୋଇ କବିତା ମାଧ୍ୟମରେ ଦେଇଥିବା କ୍ରାନ୍ତିକାରୀ ବିଚାର ସହ ଓଡ଼ିଆ ଏବଂ ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ଆଗକୁ ନେବା ।

## ପୋତି ହୋଇପଡୁଛି ପୁବେଇ ନାଳ ଓ କୋତାଙ୍ଗ ସଫେଇ କେନାଲ

କୋଣାର୍କ,୨୮।୪(ନି:ପ୍ର):କୋଣାର୍କ ଥାନା ଅଧୀନସ୍ଥ କାଦୁଆନୂଆଗାଁ ଗ୍ରାମପଞ୍ଚାୟତର ପୁବେଇ ଗ୍ରାମ ସଫେଇ ନାଳ ଓ ଅବଦାନ ଗ୍ରାମପଞ୍ଚାୟତର କୋତାଙ୍ଗ ସଫେଇ କେନାଲ ମରାମତି ଅଭାବରୁ ପୋତି ହୋଇ ପଡୁଛି। ବର୍ଷା ଜନିତ ସମସ୍ୟା ଯୋଗୁଁ ବ୍ୟାପକ ଅଞ୍ଚଳ ଜଳ ପ୍ଲାବିତ ହୋଇ ଧାନ ଫସଲ କ୍ଷୟକ୍ଷତି ହେଉଥିବା ଯୋଗୁଁ ଏହାର ମରାମତି ଓ ପୁନରୁଦ୍ଧାର ପାଇଁ କୃଷକ ବିକାଶ ପରିଷଦ ପକ୍ଷରୁ ଦୃଢ଼ ଦାବି ଉପସ୍ଥାପିତ ହୋଇଛି। ଖବରରୁ ପ୍ରକାଶ ଯେ, କୁରୁଜଙ୍ଗ ଗ୍ରାମପଞ୍ଚାୟତର ତାଳସୁଆଁ ଠାରୁ ପୁବେଇ ଗ୍ରାମ ଦେଇ ପୁବେଇ ସଫେଇ ନାଳ କାଦୁଆ ନଦୀରେ ମିଶିଛି। ସେହିପରି ଅବଦାନ ଗ୍ରାମପଞ୍ଚାୟତର କୋତାଙ୍ଗ ଗ୍ରାମଠାରୁ ଦୀର୍ଘ ୨କିମି ବିଶିଷ୍ଟ କୋତାଙ୍ଗ ସଫେଇ କେନାଲ ଟିକରପଡାଠାରେ କାଦୁଆ ନଦୀରେ ମିଶିଛି । ପୁବେଇ ସଫେଇ ନାଳ ଓ କୋତାଙ୍ଗ ସଫେଇ କେନାଲ ଦୀର୍ଘ ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଡ୍ରେନେଜ୍ ବିଭାଗ ପକ୍ଷରୁ ମରାମତି ତଥା ପୁନଃନିର୍ମାଣ ନ ହେବା ଫଳରେ ପ୍ରାୟତଃ ପୋତି ହୋଇପଡ଼ିଛି । ଏଥିଯୋଗୁଁ ହଜାର ହଜାର ହେକ୍ଟର ଚାଷ ଜମିରେ ବର୍ଷା ଜଳ ଜମିବା ଯୋଗୁଁ ଧାନ ଫସଲର ବ୍ୟାପକ କ୍ଷୟକ୍ଷତି ହେଉଛି। ଏହି ସମସ୍ୟା ଯୋଗୁଁ କୃଷକମାନଙ୍କର ଧାନ ଫସଲ ନଷ୍ଟ ହେବା ସହ ସେମାନଙ୍କର ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ି ପଡିବାରେ ଲାଗିଛି। ଏହି ଦୁଇ ଗୋଟି ସଫେଇ କେନାଲର ମରାମତି ଓ ପୁନଃନିର୍ମାଣ କାର୍ଯ୍ୟ ପାଇଁ ପୁରୀ ଜିଲ୍ଲା ଡ୍ରେନେଜ୍ ବିଭାଗ ତତ୍ପରତା ପ୍ରକାଶ କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏବଂ କୃଷକମାନଙ୍କ ପକ୍ଷରୁ ଦାବି ହେଉଛି। ପୁବେଇ ସଫେଇ ନାଳ ଓ କୋତାଙ୍ଗ ସଫେଇ କେନାଲ ପୁନରୁଦ୍ଧାର କାର୍ଯ୍ୟ ଡ୍ରେନେଜ୍ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଏହାର ଖନନ ଏବଂ ସାଇଫନ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରିବା କରିବା ନିମିତ୍ତ କୃଷକମାନଙ୍କ ପକ୍ଷରୁ କୃଷକ ବିକାଶ ପରିଷଦର ସଭାପତି ତଥା କୃଷକ ନେତା ଭାଗିରଥି ସ୍ୱାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବ, ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ରାଜ୍ୟ ଡ୍ରେନେଜ୍ ବିଭାଗ ମୁଖ୍ୟ ଯନ୍ତ୍ରୀ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

## ଶତାଧିକ ନେତା ଓ କର୍ମୀଙ୍କ ବିଜେପିରେ ସାମିଲ

ଭୁବନେଶ୍ୱର, ୨୮।୪(ନିପ୍ର) - ରବିବାର ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କଟକ ଜିଲ୍ଲା ବଡମ୍ବା ବ୍ଲକ ମଙ୍ଗରାଜପୁର ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ଭଜମନ ମହାନ୍ତି ନିଜ ଶତାଧିକ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଶ୍ରୀ ମହାନ୍ତିଙ୍କ ସମେତ ୱାର୍ଡ ମେମ୍ବର ସୁବାସ ଚନ୍ଦ୍ର ମହାନ୍ତି, ଧନେଶ୍ୱର ମହାନ୍ତି, ବିଜେଡି ସଦସ୍ୟ ରବୀନ୍ଦ୍ର ବିଶ୍ୱାଳ, ଜିତେନ୍ଦ୍ର ମଲ୍ଲିକ, ଚିନ୍ତାମଣି ମହାନ୍ତି, ବାପିନ ମହାନ୍ତି, ସରୋଜ କୁମାର ମଲ୍ଲିକ, ବିପିନ ମହାନ୍ତି ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । କଟକ ଜିଲ୍ଲା ନରସିଂହପୁର ଗ୍ରାମ ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ପ୍ରଦୀପ କୁମାର ମହାନ୍ତି, ସମାଜସେବୀ ଦେବରାଜ ବେହେରା, ବାଲିସାହି ଗାଁ ସଭାପତି ଦୟାନିଧି ଦାସ, ବାଲିସାହି କ୍ଲବ ସଭାପତି ବିଜୟ କୁମାର ଦାସ, ବେଣୁଧର ବେହେରା, ଦୀପୁ ବେହେରା, ଗୁଡୁ ଖାନ୍, ସୋମନାଥ ନାୟକ, ନିର ବେହେରା, ବେଣୁଧର ବେହେରା, ପ୍ରଶାନ୍ତ ନାୟକ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । ନରସିଂହପୁରର ବାର୍ ଆସୋସିଏସନ୍‌ର ଆଇନଜୀବୀ ଅମର ସିଂହ, ଆଇନଜୀବୀ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ଦାସ, ବୁଧିମନ ସାହୁ, ବିଜେଡି କର୍ମୀ ପଙ୍କଜ ସାହୁ, ଭରତ କୁମାର ସାହୁ, ବିଜୟ ଦାସ, ରମେଶ ରାଉତ, ମନମୋହନ ବେହେରା, ଅରୁଣ କୁମାର ଦଳାଇ, ଅମିୟ କୁମାର ମହାନ୍ତି, ସମାଜସେବୀ ଅଭିମନ୍ୟୁ ମଲ୍ଲିକ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । ସେହିପରି ଅବସରପ୍ରାପ୍ତ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଅମରନାଥ ପ୍ରଧାନ ବିଜେପିରେ ସାମିଲ ହେଲେ ।

## ଡଃ ଗୌରୀଶଙ୍କର ପ୍ଲାଜମା ସାଇନ୍ସ ସୋସାଇଟି ଅଫ ଇଣ୍ଡିଆର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ

**ଭୁବନେଶ୍ୱର,୨୮।୪(ନିପ୍ର):** ଦେଶର ପ୍ରାୟ ଦୁଇ ହଜାର ବୈଜ୍ଞାନିକ ଓ ଅଧ୍ୟାପକମାନଙ୍କ ସମ୍ଭ୍ରାନ୍ତ ଓ ପ୍ରତିଷ୍ଠିତ ସଂଗଠନ ଅହମଦାବାଦ ସ୍ଥିତ ପ୍ଲାଜମା ସାଇନ୍ସ ସୋସାଇଟି ଅଫ ଇଣ୍ଡିଆର ଡେରାଡୁନରେ ଅନୁଷ୍ଠିତ ଜାତୀୟ ଅଧିବେଶନରେ ନୂଆ କାର୍ଯ୍ୟକାରିଣୀ ଗଠିତ ହୋଇ ଯାଇଛି। ସିଲଂ ସ୍ଥିତ ଉତ୍ତର ପୂର୍ବ ପ୍ରଯୁକ୍ତି ବିଦ୍ୟା ଅନୁପ୍ରୟୋଗ ଓ ପ୍ରସାର କେନ୍ଦ୍ର (ନେକଟାର)ର ନିର୍ଦ୍ଦେଶକ ପ୍ରଫେସର ଅରୁଣ ଶର୍ମା ସଭାପତି ଓ ଅହମଦାବାଦ ସ୍ଥିତ ପ୍ଲାଜମା ଗବେଷଣା ପ୍ରତିଷ୍ଠାନ (ଆଇ. ପି. ଆର.) ର ବୈଜ୍ଞାନିକ ଡଃ ଅମୂଲ୍ୟ କୁମାର ସନ୍ୟାସୀ ସଂପାଦକ, ଆଇ. ଆଇ. ଟି., ଦିଲ୍ଲୀର ଶିକ୍ଷାବିତ ପ୍ରଫେସର ରମେଶ ନାରାୟଣନ ଉପସଭାପତି ଓ ପ୍ଲାଜମା ଗବେଷଣା ପ୍ରତିଷ୍ଠାନ (ଆଇ. ପି. ଆର.) ର ବୈଜ୍ଞାନିକ ଇଂ ହିତେଶ ଗୁଲାଟି କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଏହାଛଡା ଭାଭା ପାରମାଣବିକ ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକ ଡଃ କୁଲୱନ୍ତ ସିଂ ଙ୍କ ସମେତ ନିର୍ବାଚିତ ୧୩ ଜଣିଆ କାର୍ଯ୍ୟକାରିଣୀ ସଦସ୍ୟଙ୍କ ମଧ୍ୟରେ ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରାଧ୍ୟାପକ ଭାବେ କାର୍ଯ୍ୟରତ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ନିବାସୀ ଡଃ ଗୌରୀଶଙ୍କର ସାହୁ ଅନ୍ୟତମ ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ବାକି ଉତ୍ତର ପ୍ରଦେଶରୁ ଦୁଇ ଜଣ, ଗୁଜରାଟରୁ ଦୁଇଜଣ, ମଧ୍ୟ ପ୍ରଦେଶ, ହରିଆନା, କେରଳ, ଆସାମ, ପଶ୍ଚିମବଙ୍ଗ, ଜାମ୍ମୁ, ତେଲେଙ୍ଗାନାରୁ ଜଣେ ଜଣେ ଗବେଷକ କାର୍ଯ୍ୟକାରିଣୀରେ ସ୍ଥାନ ପାଇଛନ୍ତି। ସୋସାଇଟି ଦ୍ୱାରା ଆଇ. ଆଇ. ଟି. ଦିଲ୍ଲୀ ରେ ଆସନ୍ତା ୪, ୫ ଜୁଲାଇରେ ଅନୁଷ୍ଠିତ ହେବାକୁ ଥିବା ଗବେଷଣା ଛାତ୍ରମାନଙ୍କ ଜାତୀୟ ସମ୍ମିଳନୀର ପ୍ରସ୍ତୁତି ବୈଠକ କାର୍ଯ୍ୟକାରିଣୀ ଦ୍ୱାରା ସଂପାଦିତ ହୋଇ ଯାଇଛି।

## ଶତପ୍ରତିଶତ ମତଦାନ ଏବଂ ଓଡ଼ିଶାର ଅସ୍ମିତା ସପକ୍ଷରେ ମତଦାନ ପାଇଁ ଅଭିଯାନ: ଏବିଭିପି

**ଭୁବନେଶ୍ୱର,୨୮।୪(ନିପ୍ର):** ଗଣତନ୍ତ୍ରର ମହାପର୍ବରେ ଏବିଭିପି ଏକ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ପ୍ରତ୍ୟେକ ସାଧାରଣ ନିର୍ବାଚନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଚଳିତ ସାଧାରଣ ନିର୍ବାଚନରେ ମଧ ଏବିଭିପି କିଛି ପ୍ରମୁଖ ବିଷୟକୁ ଆଖି ଆଗରେ ରଖି କାମ କରିବ । ଶତପ୍ରତିଶତ ମତଦାନ କରିବାକୁ ଜନସାଧାରଣଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା ସହିତ ଓଡ଼ିଶାର ଅସ୍ମିତା ପାଇଁ ସାଧାରଣ ଜନତା ନିଜର ମତଦାନ କରିବା ପାଇଁ ଏବିଭିପି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବ । ଯୁବ ବର୍ଗ ଓ ପ୍ରଥମ ଥର ଭୋଟ ଦେବାକୁ ଯାଉଥିବା ଯୁବକମାନଙ୍କୁ ସଚେତନ କରିବା ପାଇଁ ନବ ମତଦାତା ସମ୍ମିଳନୀ କରି ଯୁବକମାନଙ୍କୁ ସଚେତନତା କରେଇବା ସହ ଭାରତକୁ ବିଶ୍ୱଗୁରୁ କରିବା, ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ସୁରକ୍ଷା କ୍ଷେତ୍ରରେ ସୁଧାର ଆଣିବା ପାଇଁ ନିଜର ମତଦାନ କରିବା ପାଇଁ ସଂଗଠନ ଆହ୍ୱାନ କରୁଛି। ଆଜି ଦେଶରୁ ୩୭୦ ଧାରା ହଟିଛି, ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେଉଛି।୩୫ ବର୍ଷ ପରେ ରାଷ୍ଟ୍ରୀୟ ଶିକ୍ଷା ନୀତି ଆସିଛି ଏହି ସବୁ ବିଷୟକୁ ଚିନ୍ତା କରି ଯୁବକ ମାନେ ଭୋଟ ଦିଅନ୍ତୁ। ଠିକ୍ ସେହି ସମୟରେ ଓଡ଼ିଶାର ଯୁବକ ଛାତ୍ରମାନଙ୍କୁ ଦୀର୍ଘ ୨୪ ବର୍ଷ ଧରି ପ୍ରତାରଣା କରିବା ସହ ତାଙ୍କୁ ମିଛ ପ୍ରତିଶ୍ରୁତି ଦେଇ ଆସୁଛି ନବୀନ ସରକାର । ସ୍ୱୟଂ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଯୁବକ ମାନେ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟକୁ ଯାଉଛନ୍ତି । ସ୍ଥାନୀୟ କଳକାରଖାନାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳୁନି। ଗଞ୍ଜାମରୁ ଯାଇ ଅନ୍ୟରାଜ୍ୟରେ ଯଦି ସୁତା କାମ କରିପାରୁଛନ୍ତି ଗଞ୍ଜାମରେ କ'ଣ ପାଇଁ ସରକାର ପ୍ରୋତ୍ସାହନ ଦେଉନାହାନ୍ତି ?



ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ରାଜ୍ୟପାଳଙ୍କ ମାଲ୍ୟାର୍ପଣ



ଓଡ଼ିଶାରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା



(ଫଟୋ- ଦିନଲିପି) ସାଲେପୁରଠାରେ କଂଗ୍ରେସ ନେତା ରାହୁଲ ଗାନ୍ଧି

## ବିଜେପିର ସାମାଜିକ ନ୍ୟାୟ ଆନ୍ଦୋଳନ ବ୍ୟାପକ ହେବ: ଧର୍ମେନ୍ଦ୍ର

ସମ୍ବଲପୁର, ୨୮।୪(ନିପ୍ର)- ସମ୍ବଲପୁରରେ ରବିବାର ଆୟୋଜିତ ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ବିଜେଡିର ସମ୍ବଲପୁର ଜିଲ୍ଲା ଏସଟି-ଏସସି ସେଲ୍ ସଭାପତି ମୋତିଲାଲ ତନ୍ତୀ ଓ ତାଙ୍କ ଧର୍ମପତ୍ନୀ ତଥା ବିଜେଡି ନେତ୍ରୀ ରୀନା ତନ୍ତୀ ଦଳରେ ଯୋଗଦେଇଛନ୍ତି । ଏହି ଅବସରରେ କିଛି ଦିନ ପୂର୍ବରୁ ସୋନପୁର ବିଜୟ ସଂକଳ୍ପ ସଭାରେ ବିଜେପି ଯୋଗଦେଇଥିବା ଭାରତୀୟ ହକି ଟିମ୍‌ର ପୂର୍ବତନ ଅଧିନାୟକ ପ୍ରବୋଧ ତିର୍କୀ ଉପସ୍ଥିତ ଥିଲେ । ଶ୍ରୀ ପ୍ରଧାନ ତାଙ୍କୁ ଦଳରେ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି ଯେ ଓଡ଼ିଶା ରାଜନୀତିରେ ଆଜି ନୂଆ ଅଧ୍ୟାୟ ଆରମ୍ଭ ହୋଇଛି । କଂଗ୍ରେସ କିଛି ଦିନ ପୂର୍ବେ ପ୍ରବୋଧ ତିର୍କୀଙ୍କୁ ତଳସରାରୁ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା ଓ ପରେ ସେ ଜାଗାରେ ଅନ୍ୟ ଜଣଙ୍କୁ ପ୍ରାର୍ଥୀ କଲା । ତେବେ ଆନ୍ତର୍ଜାତିକ ସ୍ତରରେ ହକିକୁ ପ୍ରତିନିଧିତ୍ୱ କରୁଥିବା ତଥା ଓଡ଼ିଶାକୁ ଗୌରବ ଆଣିଥିବା ତିର୍କୀ ନିଜର ସମ୍ମାନ ଓ ସ୍ୱାଭିମାନ ପାଇଁ ବିଜେପିରେ ସାମିଲ ହୋଇଛନ୍ତି । ବିଜେପି ପ୍ରତି ପ୍ରବୋଧ ତିର୍କୀ ଦେଖାଇଥିବା ଆସ୍ଥା ପ୍ରଧାନମନ୍ତ୍ରୀ ମୋଦିଙ୍କ 'ସବ୍‌କା ସାଥ ସବକା ବିକାଶ' ରାଜନୀତିର ବଡ଼ ପ୍ରତିଫଳନ । ସମ୍ବଲପୁର, ସୁନ୍ଦରଗଡ଼, ଆଠମଲ୍ଲିକ, ବରଗଡ଼, ଦେବଗଡ଼, ରେଢାଖୋଲ, ନାକଟିଦେଉଳ, ରେଙ୍ଗାଲି ଆଦି ଅଞ୍ଚଳରେ ଯୁବକମାନଙ୍କ ମଧ୍ୟରେ ଥିବା ପ୍ରବୋଧଙ୍କ ଆକର୍ଷଣ ଦଳକୁ ଲାଭ ଦେବ ବୋଲି କହିଛନ୍ତି ଶ୍ରୀ ପ୍ରଧାନ । ସେହିପରି ଦଳରେ ସାମିଲ ହୋଇଥିବା ତନ୍ତୀ ଦମ୍ପତିଙ୍କୁ ସ୍ୱାଗତ କରି ଶ୍ରୀ ପ୍ରଧାନ କହିଛନ୍ତି, ମୋତିଲାଲ ତନ୍ତୀ ଜଣେ ସାମାଜିକ ନ୍ୟାୟ ଆନ୍ଦୋଳନର ଲଢୁଆ ସାଥୀ । ସେ ଛାତ୍ର ଅବସ୍ଥାରୁ ଦଳିତ, ଆସିବାସୀ, ଗରିବ, ଦୁଃଖୀ ବର୍ଗର ଲୋକଙ୍କ ପାଇଁ ସଂଘର୍ଷ କରି ଆସିଛନ୍ତି । ତାଙ୍କ ଧର୍ମପତ୍ନୀ ରୀନା ତନ୍ତୀ ଗତ ବିଧାନସଭାରେ ରେଙ୍ଗାଲି ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ ହୋଇଥିଲେ । ଉଭୟେ ଏବେ ବିଜେଡି ଛାଡ଼ି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱକୁ ସ୍ୱୀକାର କରି ବିଜେପିରେ ସାମିଲ ହୋଇଛନ୍ତି । ଆମ ଦଳ ଏହି ରାଜନୀତି ବ୍ୟକ୍ତି ବିଶେଷଙ୍କ ଅନୁଭବକୁ ଉପଯୋଗ କରି ଜନଜାତି ସଂଗଠନକୁ ଅଧିକ ସୁଦୃଢ କରିବ । ସାମାଜିକ ନ୍ୟାୟ ଆନ୍ଦୋଳନକୁ ମଧ ବ୍ୟାପକ କରାଯିବ । ମୋଦି ଗ୍ୟାରେଣ୍ଟିରେ ରେଙ୍ଗାଲି ନିର୍ବାଚନମଣ୍ଡଳୀ ସମେତ ସମ୍ବଲପୁରରେ ଗରିବ ଲୋକଙ୍କ ଅପେକ୍ଷା ଓ ଆକାଂକ୍ଷାକୁ ପୂରଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ମଧୁବାବୁଙ୍କ ଜନ୍ମପୀଠରେ କାର୍ତ୍ତିକ ପାଣ୍ଡିଆନଙ୍କ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର ୨୮।୪(ନିପ୍ର) - ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମ ଦିବସ ଏହି ଅବସରରେ ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ ରବିବାର ଅପରାହ୍ନରେ ମଧୁବାବୁଙ୍କ ଜନ୍ମପୀଠ କଟକ ଜିଲ୍ଲାର ସତ୍ୟଭାମାପୁର ଯାଇ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ସେ ମଧୁବାବୁଙ୍କ ଜନ୍ମପୀଠରେ କରାଯାଇଥିବା ସଂଗ୍ରହାଳୟ ପରିଦର୍ଶନ କରିଥିଲେ ଏବଂ ଗ୍ରାମବାସୀଙ୍କ ସହ ମଧୁବାବୁଙ୍କ ମହାନତା ବିଷୟରେ ଆଲୋଚନା କରିଥିଲେ । ମଧୁବାବୁଙ୍କ ଜନ୍ମପୀଠର ବିକାଶ କାମ ଏବଂ ସତ୍ୟଭାମାପୁର ଯୁବସମାଜ ପାଇଁ ଏକ ପ୍ରେରଣା ସ୍ଥଳ ପାଲଟିଥିବାରୁ ସେମାନେ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଲ୍ଲେଖଯୋଗ୍ୟ ଯେ ୫-ଟି ଅଧକ୍ଷ ଗତ ବର୍ଷ ସତ୍ୟଭାମାପୁର ଯାଇଥିଲେ ଏବଂ ପରେ ମୁଖ୍ୟମନ୍ତ୍ରୀ ୫-ଟି ଉପକ୍ରମରେ ୨୩ କୋଟି ଟଙ୍କାର ବ୍ୟୟ ଅଟକଳରେ ମଧୁବାବୁ ଜନ୍ମପୀଠ ଓ ସଂଗ୍ରହାଳୟର ବିକାଶ ପ୍ରକଳ୍ପ ମଂଜୁର କରିଥିଲେ ।

## ବିଜେଡି ପକ୍ଷରୁ ବିରାଟ ବାଇକ୍ ଶୋଭାଯାତ୍ରା; ବିକାଶ ପାଇଁ ନିବେଦନ

**ନିମାପଡ଼ା, ୨୮।୪ (ନିପ୍ର):** ନିମାପଡ଼ା ନିର୍ବାଚନ ମଣ୍ଡଳୀବାସୀ ପୁନଃ ମୁଖ୍ୟମନ୍ତ୍ରୀ ଭାବେ ନବୀନ ବାବୁଙ୍କୁ ଦେଖିବେ । ନିମାପଡ଼ାରେ ବିଗତ ଦିନରେ ହୋଇଥିବା ଲୁଟ୍, ଭ୍ରଷ୍ଟାଚାର, ଦୁର୍ନୀତି ତଦନ୍ତ ହେବ, ନିମାପଡ଼ାକୁ ସରସ, ସୁନ୍ଦର ଓ ବିକାଶ ସହରରେ ପରିଣତ କରାଯିବ ବୋଲି ବିଧାୟକ ପ୍ରାର୍ଥୀ ତଥା ଯୁବ ସଂଗଠକ ଦିଲ୍ଲୀପ ନାୟକ ରବିବାର ଏକ ରୋଡ୍-ସୋ ପ୍ରଦର୍ଶନରେ ଗଣମାଧ୍ୟମକୁ କହିଥିଲେ । ନିମାପଡ଼ାବାସୀଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦ ରହିଛି ଏବଂ ଅନେକ ପ୍ରକାର ବିକାଶ ମୂଳକ କାର୍ଯ୍ୟକୁ ଅଗ୍ରାଧିକାର ଦେବା ପାଇଁ ବିଜେଡ଼ି ସଭାପତି ନବୀନ ପଟ୍ଟନାୟକ ପ୍ରତିଶ୍ରୁତି ଦେଇ ଆଗାମୀ ନିର୍ବାଚନରେ ଶଙ୍ଖ ଚିହ୍ନରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବଟନ ମାରି ଜିତାଇବାରୁ ଶ୍ରୀ ନାୟକ ଆହ୍ୱାନ ଦେଇଥିଲେ । ହରିପୁର ବଜାର ଠାରୁ ଏକ ବିରାଟ ଶୋଭାଯାତ୍ରାରେ





ବାହାରି ଗୋପ ବ୍ଲକ୍ ନାଗପୁର ଠାରେ ତାହା ଉଦ୍‌ଯାପିତ ହୋଇଥିଲା । ଭାଣପୁର, ଖେଲାର, କାଜିପାଟଣା, ରଟିଲୋ, ଚାରିଛକ, ନିମାପଡ଼ା, ମୁଖ୍ୟ ବଜାର, ତମ୍ପାଳ ଆଦି ଅନେକ ସ୍ଥାନରେ ସାଂସଦ ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ଦିଲ୍ଲୀପ ନାୟକଙ୍କୁ ଫୁଲ ତୋଡ଼ା ଦେଇ ସ୍ଥାନୀୟ ଜନସାଧାରଣ ଉଚ୍ଛସ୍ୱିତ ସମ୍ବର୍ଦ୍ଧନା ଦେଇଥିଲେ । ଏଠାରେ ବିଜେଡ଼ି ୧.୫ ଲକ୍ଷରୁ ଅଧିକ ବ୍ୟବଧାନରେ ବିଜୟୀ ହେବା ସୁନିଶ୍ଚିତ ବୋଲି ଶ୍ରୀ ନାୟକ ଘୋଷଣା କରି ମୁଖ୍ୟମନ୍ତ୍ରୀ ଭାବେ ନବୀନ ବାବୁଙ୍କୁ ୬ଷ୍ଠ ଥର ଗାଦିନସୀନ କରିବା ନିମନ୍ତେ ଯୋଡ଼ ହସ୍ତରେ ନିମାପଡ଼ାବାସୀଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ । ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଭୁପେଶ ପ୍ରଧାନ ଟିକେଟ୍ ପରିବର୍ତ୍ତନ ସମ୍ଭାବନା ନାହିଁ କହିବା ସାଙ୍ଗକୁ ଶଙ୍ଖ ବିରୁଦ୍ଧରେ ବିଦ୍ରୋହ କଲେ କୌଣସି ପ୍ରଭାବ ପଡ଼ିବନି ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ସାଂସଦ ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ, ରବୀନ୍ଦ୍ର ମଲ୍ଲିକ, ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ସାହୁ, ମାନସ ପ୍ରଧାନ, ପୂନେଶ ସେନାପତି, ନିରଞ୍ଜନ ମହାପାତ୍ରଙ୍କ ସମେତ ହଜାର ହଜାର ସମର୍ଥକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ